

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୪୯ ଭୁବନେଶ୍ୱର ମଙ୍ଗଳବାର, ଫେବୃୟାରୀ ୧୧.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.149 Bhubaneswar, Tuesday, Februarry 11, 2025


## ୯୦ ହଜାର ହେବ ଏନସିସି କ୍ୟାଡେଟ୍‌ଙ୍କ ସଂଖ୍ୟା



ଭୁବନେଶ୍ୱର,୧୦/୨: ଏନ୍.ସି.ସି. ମହାନିର୍ଦ୍ଦେଶକ ଲେଫ୍‌ଟନାଣ୍ଟ ଜେନେରାଲ ଗୁରୁବୀର ପାଲ୍ ସିଂହ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ ଏନ୍.ସି.ସି.ର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି । ଆଲୋଚନାରୁ ଜଣାଯାଇଛି ଯେ, ଓଡ଼ିଶାରେ ଏନ୍.ସି.ସି.ର କାଡେଟ୍‌ସଂଖ୍ୟା ୬୦ ହଜାର ରହିଛି । ଏହାକୁ ୯୦ ହଜାରକୁ ବୃଦ୍ଧି କରାଯିବ । ଏଥିପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସହିତ ରାଜ୍ୟର ଅନ୍ୟାନ୍ୟ ବିଦ୍ୟାଳୟରେ ମଧ୍ୟ ଏନ୍.ସି.ସି. ଶାଖା ପ୍ରତିଷ୍ଠା କରାଯିବ । ରାଜ୍ୟରେ ଏନ୍.ସି.ସି. ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ କଟକ, ବ୍ରହ୍ମପୁର ଓ ସମ୍ବଲପୁରରେ ତିନୋଟି ଟ୍ରେନିଙ୍ଗ୍ ସେଣ୍ଟର ପ୍ରତିଷ୍ଠା କରାଯିବ । କଟକ ଓ ବ୍ରହ୍ମପୁରରେ ଏଥିପାଇଁ ୫ ଏକର ଲେଖାଏଁ ଜମି ଉପଲବ୍ଧ ଥିବାବେଳେ, ସମ୍ବଲପୁରରେ ଏଥିପାଇଁ ୧୦ ଏକର ଜମି ଯୋଗାଇ ଦିଆଯିବ । ଏହା ସହିତ କୋରାପୁଟରେ ଏନ୍.ସି.ସି.ର ଗ୍ରୁପ୍ ହେଡ୍‌କ୍ୱାର୍ଟର୍ସ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀ ଓ କର୍ମଚାରୀ ମଧ୍ୟ ଯୋଗାଇ ଦିଆଯିବ । ଝାରସୁଗୁଡ଼ା ଏୟାରପୋର୍ଟରେ ଏନ୍.ସି.ସି. ପିଲାମାନଙ୍କୁ ବିମାନ ଉଡାଣ ପ୍ରଶିକ୍ଷଣ ଦେବାପାଇଁ ମଧ୍ୟ ନିଷ୍ପତ୍ତି କରାଯାଇଛି । ଏଥିପାଇଁ ସେଠାରେ ଏକ ହ୍ୟାଙ୍ଗର ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏନ୍.ସି.ସି. ହେଉଛି ଦେଶର ଏକ ପ୍ରତିଷ୍ଠିତ ସଂସ୍ଥା । ଛାତ୍ର ଓ ଯୁବଶକ୍ତିର ସମ୍ଭାବନାକୁ ବିକଶିତ କରି ଦେଶର ସେବାରେ ନିୟୋଜିତ କରିବା କ୍ଷେତ୍ରରେ ଏହାର ତୁଳନା ନାହିଁ । ତେଣୁ ଓଡ଼ିଶାରେ ଏହି ସଂସ୍ଥାର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ଏବଂ ଏନ୍.ସି.ସି.ର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏଥିପାଇଁ ଏନ୍.ସି.ସି. ପକ୍ଷରୁ ଡାଇରେକ୍ଟର କର୍ଣ୍ଣେଲ ସାଗର ମହାନ୍ତି ଓ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଏନ୍.ସି.ସି. ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ନିଷ୍ପତ୍ତି ଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର ହୋଇଛି ।

# ଚାପ ମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୦/୨: ପରୀକ୍ଷା ସମୟ ପ୍ରାୟ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କ ପାଇଁ ଚିନ୍ତାର କାରଣ ପାଲଟିଥାଏ। ପରୀକ୍ଷା ପୂର୍ବରୁ ଅଳ୍ପ ଚାପ ଭଲ, କିନ୍ତୁ ଅଧିକ ଚାପଗ୍ରସ୍ତ ନହୋଇ ଶିକ୍ଷକ ମାନଙ୍କ ପରାମର୍ଶ ମାନି ସମୟର ସଠିକ ଉପଯୋଗ କରି ଓ ସର୍ବଦା ଆଗକୁ ବଢ଼ିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି, ଭୁବନେଶ୍ୱରସ୍ଥ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଥିବା "ପରୀକ୍ଷା ପେ ଚର୍ଚ୍ଚା ୨୦୨୫" କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଛନ୍ତି। ଏହି ଅବସରରେ 'ପରୀକ୍ଷା ପେ' ଚର୍ଚ୍ଚା'-୨୦୨୫ର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହ ଏହି ମତ ବିନିମୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ପ୍ରସ୍ତୁତ ଭିଡିଓଟି ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପରିବେଷଣ କରାଯାଇଥିଲା ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିବା ସହିତ ଧୈର୍ଯ୍ୟ, ସିଦ୍ଧାନ୍ତ ଓ ଦୃଢ ବିଶ୍ୱାସର ସହ ପରୀକ୍ଷା ପାଇଁ ପ୍ରସ୍ତୁତ ରହିବା ଏବଂ ଚାପମୁକ୍ତ ରହି ପରୀକ୍ଷା ଦେବା ସହ ସଫଳତା ହାସଲ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ଶିକ୍ଷା ଜୀବନ ପ୍ରତି ଏକ ଆନନ୍ଦର ମନୋଭାବକୁ ପ୍ରୋତ୍ସାହିତ କରେ। ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେବା ସମୟ ଠାରୁ ପରୀକ୍ଷା ପୂର୍ବ ସମୟକୁ ଭଲ ଭାବେ ଉପଯୋଗ କରିବା ସହିତ ନିଜକୁ ମାନସିକ ସ୍ତରରେ ଦୃଢ ରଖି ଏବଂ ପରୀକ୍ଷା ସମୟରେ ଷ୍ଟ୍ରେସରେ ନଆସି, ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଥା ମାନି ଏକାଗ୍ର ଚିତ୍ତରେ ପଢିବା ଉଚିତ। ପରୀକ୍ଷା ପ୍ରତି କେବେ ହେଲେ ନିଜର ଭୟ ରଖିବ ନାହିଁ। ଭୟ ଆସିଗଲେ, ମନରୁ ଏକାଗ୍ରତା ଚାଲିଯାଏ। ଏକାଗ୍ରତା ପାଇଁ ଟିକେ ରିଲାକ୍ସ ହେବା ଦରକାର। ଏଣୁ ଅଧିକ ସମୟ ଏକାଗ୍ର ଚିତ୍ତରେ ପାଠ ପଢିବା ପାଇଁ, ପଢା ମଝିରେ ୫/୧୦ ମିନିଟ ପାଇଁ ବିରତି ନେଇ ପୁଣିଥରେ ମନଦେଇ ପଢିବ। ମୁଣ୍ଡ ଉପରେ ପରୀକ୍ଷା ଆସି ଉପନୀତ ହୋଇ ସାରିଛି । ମୋର ଦୃଢ଼ ବିଶ୍ୱାସ ତୁମମାନଙ୍କୁ ନିଜ ନିଜ ପରିଶ୍ରମର ମୂଲ୍ୟ ନିଶ୍ଚିତ ଭାବରେ ମିଳିବ । ସର୍ବଦା ଆଗକୁ ବଢ଼ିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ଉଦ୍ୟମ ଆଦୌ ବୃଥା ଯିବ ନାହିଁ। ପରୀକ୍ଷା ଫଳ ଉପରେ ଫୋକସ ନକରି ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଫୋକସ



କରିଲେ ହିଁ ସଫଳତା ମିଳିବ। ପରୀକ୍ଷା ସମୟରେ ଅଲଗା ଚିନ୍ତା ନକରି ଯାହା ପଢିଛି ସେହି ବିଷୟରେ ଧ୍ୟାନ ଦେବା ଉଚିତ । ଯେଉଁ ବିଷୟରେ ପରୀକ୍ଷା ଦେବ, ପରୀକ୍ଷା ପୂର୍ବରୁ ସେହି ବିଷୟର ସାରାଂଶ ନୋଟ କରି ରଖ। ଏହାକୁ ବାରମ୍ବାର ଅଭ୍ୟାସ କରି ପରୀକ୍ଷା ହଲକୁ ଯିବ ଦେଖିବ, ଯାହାଫଳରେ ତୁମେ ମାନେ ନର୍ଭସ ହେବ ନାହିଁ ବୋଲି ଛାତ୍ର ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପାଠପଢା ଓ ଡିଜିଟାଲ ଉପକରଣ ବ୍ୟବହାର ବିଷୟରେ ଆଲୋଚନା କରି ସେ କହିଥିଲେଯେ, ପଢା ସମୟରେ ଡିଜିଟାଲ ଉପକରଣ ଅତ୍ୟନ୍ତ କମ ବ୍ୟବହାର କରିବା ଉଚିତ, ବିଶେଷ କରି ପରୀକ୍ଷା ସମୟରେ ମୋବାଇଲ ଠାରୁ ଦୂରେଇ ରହିବା ଆବଶ୍ୟକ। ପରୀକ୍ଷା ବେଳେ mind divert ନକରି, ଏହା ପୂର୍ବରୁ short points ପ୍ରସ୍ତୁତ କରି, fundamental clear କରି ବାରମ୍ବାର revise କରି ପରୀକ୍ଷା ଦେବାକୁ ଯାଅ। ପାଠ ପଢ଼ିବା ପାଇଁ ଏବଂ ମାନେ ରଖିବା ପାଇଁ, ବ୍ରାହ୍ମ ମୁହୂର୍ତ୍ତ ସବୁଠାରୁ ପ୍ରକୃଷ୍ଟ ସମୟ, ଏହି ସମୟରେ ପାଠ ପଢିଲେ ଅତିଶୀଘ୍ର ପାଠ ମନେ ରୁହେ ବୋଲି ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି କହିଥିଲେ। ସେ ପୁଣି କହିଥିଲେଯେ, ଚାପମୁକ୍ତ ହେବାପାଇଁ ଚେଷ୍ଟା କର ଏବଂ ଯାହା ଶିକ୍ଷକ ମାନେ ପଢାଇଛନ୍ତି ତାକୁ ସର୍ବୋତ୍ତମ ମଡେଲ ଭାବେ ଗ୍ରହଣ କରି ପ୍ରସ୍ତୁତ ହୁଅ। ପ୍ରଧାନମନ୍ତ୍ରୀ, ଷ୍ଟ୍ରେସ କମାଇବା ପାଇଁ ଯାହା ଟିପ୍ସ ଦେଇଛନ୍ତି, ଏଠାରୁ ଗଲା ପରେ ଗୋଟି ଗୋଟି କରି ମନେ ପକାଇବ ଓ ତାକୁ କାମରେ ଲଗାଇବ। ମୋର ଦୃଢ଼ ବିଶ୍ୱାସ, ତୁମମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ।କେବଳ ପାଠ ପଢ, ଶିକ୍ଷକ ମାନଙ୍କ ପରାମର୍ଶ ନିଅ। ବାସ୍, ଯାହା ହେବ, ଭଲ ହେବ, ନିଶ୍ଚୟ ଭଲ ହେବ, ଏଥିରେ ସନ୍ଦେହ ନାହିଁ। ସୂଚନା ଥାଉକି, ଉକ୍ତ କାର୍ଯ୍ୟକ୍ରମରେ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ୧୬୮ ଜଣ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ କଥା ହୋଇଥିଲେ, ପରୀକ୍ଷା ପୂର୍ବ ପ୍ରସ୍ତୁତି ବିଷୟରେ ପ୍ରଶ୍ନ ପଚାରିବା ସହିତ ଆଲୋଚନାରେ ଭାଗ ମଧ୍ୟ ନେଇଥିଲେ। ଉପସ୍ଥିତ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ଲିଜା ନାୟକ, ଶୁଭମ ପାତ୍ର, ଜେ. ମିନାକ୍ଷୀ, ସସ୍ମିତା ସାହୁ, ସଂଜୀବ ଦିଗଲ, ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିବା ସହିତ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା ପ୍ରସ୍ତୁତି କୀଟ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ, ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଶ୍ରୀ ଅନୁପମ ସାହା, ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଶ୍ରୀମତୀ ଅନନ୍ୟା ଦାସଙ୍କ ସମେତ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ୨୫ ମିନିଟ ଲାଇନ୍ ନଆସିବା ଦାୟିତ୍ୱହୀନତା

କଟକ,୧୦/୨: ବାରବାଟୀରେ ଫ୍ଲଡ୍ ଲାଇଟ୍ ବନ୍ଦହେବା ଘଟଣା । ପୂର୍ବତନ ଓସିଏ କୋଷାଧ୍ୟକ୍ଷ ବିଶ୍ୱନାଥ ମୁଖାର୍ଜୀଙ୍କ ପ୍ରତିକ୍ରିୟା । ଲାଇନ୍ ଯିବେ ଯାନ୍ତ୍ରିକ ତ୍ରୁଟି ହୋଇପାରେ । ହେଲେ ୨୫ ମିନିଟ ଲାଇନ୍ ନଆସିବା ଦାୟିତ୍ୱହୀନତା । ରାଜ୍ୟ ସରକାର ନୋଟିସ ଦେଲେ କଣ ହେବ, ସରକାର ନିଜେ ତ ଆୟୋଜନର ସମୀକ୍ଷା କରିଥିଲେ । ସମ୍ପାଦକ କ୍ଷମାପ୍ରାର୍ଥନା କରିଛନ୍ତି, ଆବଶ୍ୟକ ମଧ୍ୟ ଥିଲା । ଭାରତ ପାକିସ୍ତାନ ସବୁଆଡେ ଏହା ଆଲୋଚନା ବଢିଲାଣି ।

## ୨.୫ ଲକ୍ଷ ଯୋଗ୍ୟ ମହିଳା ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ



ଭୁବନେଶ୍ୱର,୧୦/୨: ଇ-କେଓ୍ୱାଇସି ଏବଂ ଅନ୍ୟାନ୍ୟ ନିୟମ ପାଳନ ନକରିବା କାରଣରୁ ଓଡ଼ିଶାରେ ୨.୫ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପାଇ ନାହାନ୍ତି ବୋଲି ରାଜ୍ୟ ସରକାର ସୋମବାର ଦିନ କହିଛନ୍ତି। ସୁଭଦ୍ରା ଯୋଜନାର ଲାଭ ପାଇବା ପାଇଁ ୨.୫ ଲକ୍ଷରୁ ଅଧିକ ଯୋଗ୍ୟ ମହିଳା ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ସକ୍ଷମ କରିନାହାନ୍ତି। ଏହା ବ୍ୟତୀତ, ସେମାନେ ଏପର୍ଯ୍ୟନ୍ତ ଇ-କେଓ୍ୱାଇସି କରିନାହାନ୍ତି। ଏହି ହିତାଧିକାରୀମାନେ ଏପର୍ଯ୍ୟନ୍ତ ଯୋଜନାର ଲାଭରୁ ବଞ୍ଚିତ ହୋଇଛନ୍ତି ବୋଲି ମହିଳା ଏବଂ ଶିଶୁ ବିକାଶ (ଡବ୍ଲୁଏଣ୍ଡସିଡି) ବିଭାଗ ଏକ ବିବୃତିରେ କହିଛି। ଏଥିରେ କୁହାଯାଇଛି ଯେ, ଏହି ହିତାଧିକାରୀଙ୍କ ତାଲିକା ବ୍ଲକ, ପୌରପାଳିକା ଏବଂ ନଗର ନିଗମ ସ୍ତରରେ କର୍ତ୍ତୃପକ୍ଷଙ୍କ ପାଖରେ ଉପଲବ୍ଧ। ସମସ୍ତ ଯୋଗ୍ୟ ହିତାଧିକାରୀ, ଯେଉଁମାନେ ଏପର୍ଯ୍ୟନ୍ତ ସୁଭଦ୍ରା ଯୋଜନାର ଲାଭ ପାଇ ନାହାନ୍ତି, ସେମାନେ ତାଲିକା ଯାଞ୍ଚ କରିବା ଉଚିତ୍। ପ୍ରଥମ ତିନୋଟି କାର୍ଯ୍ୟ ସମାପ୍ତ କରିବା ପାଇଁ ଆବେଦନକାରୀମାନଙ୍କୁ ସେମାନଙ୍କ ବ୍ୟାଙ୍କକୁ ଯିବାକୁ ପରାମର୍ଶ ଦିଆଯାଉଛି। ଯେତେବେଳେ ଚତୁର୍ଥ କାର୍ଯ୍ୟ ଜନ ସେବା କେନ୍ଦ୍ର କିମ୍ବା ମୋ ସେବା କେନ୍ଦ୍ରରେ କରାଯାଇପାରିବ ବୋଲି ଡବ୍ଲୁଏଣ୍ଡସିଡି ବିଭାଗ କହିଛି। ଆବେଦନକାରୀମାନେ ଏହି ଚାରୋଟି କାର୍ଯ୍ୟ ପୂରଣ କରି ଆବଶ୍ୟକତା ପୂରଣ କରିବା ପରେ, ସେମାନେ ମାର୍ଚ୍ଚ ୮ ପୂର୍ବରୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପାଇବେ ବୋଲି କୁହାଯାଇଛି।

# ୩୧୪ ବ୍ଲକରେ ଷ୍ଟାଡିୟମ ନିର୍ମାଣ




ଭୁବନେଶ୍ୱର,୧୦/୨: ରାଜ୍ୟର ପ୍ରତ୍ୟେକ ବ୍ଲକରେ ବିଶ୍ୱସ୍ତରୀୟ କ୍ରୀଡା ଭିତ୍ତିଭୂମି ଆଣିବାକୁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଛନ୍ତି, ସୋମବାର ଦିନ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏନେଇ ସୂଚନା ପ୍ରଦାନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟର ଅଡିଟୋରିୟମରେ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ସୂରଜ ଏହି ଷ୍ଟାଡିୟମଗୁଡ଼ିକ ନିର୍ମାଣ ପାଇଁ ମାଷ୍ଟର ପ୍ଲାନ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେ ଏକ ଉପସ୍ଥାପନା ଏବଂ ଏକ ପ୍ରତୀକାତ୍ମକ ଭିଡିଓ ମାଧ୍ୟମରେ ମାଷ୍ଟର ପ୍ଲାନ ଏବଂ ଷ୍ଟାଡିୟମ ଡିଜାଇନ୍ ଉଭୟ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ରାଜ୍ୟର ସମସ୍ତ ୩୧୪ଟି ବ୍ଲକ୍‌ରେ ଷ୍ଟାଡିୟମ ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଏହି ବ୍ଲକସ୍ତରୀୟ ସୁବିଧା ପାଇଁ ୪,୧୨୪ କୋଟି ଟଙ୍କାର ଆନୁମାନିକ ଖର୍ଚ୍ଚ ହେବ। ପ୍ରତ୍ୟେକ ଷ୍ଟାଡିୟମ ପ୍ରାୟ ୮ ରୁ ୧୦ଏକର ଜମିରେ ନିର୍ମିତ ହେବ, ଯାହା ତୃଣମୂଳ ସ୍ତରରେ କ୍ରୀଡା ଭିତ୍ତିଭୂମିର ବିକାଶ ଏବଂ ସ୍ଥାନୀୟ କ୍ରୀଡା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ମନ୍ତ୍ରୀ ସୂରଜ ଗୁରୁତ୍ୱାରୋପ କରିଥିଲେ ଯେ, ଲକ୍ଷ୍ୟ ହେଉଛି ବ୍ଲକ ସ୍ତରରେ କ୍ରୀଡା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇବା ଏବଂ ପ୍ରତ୍ୟେକ ଗାଁରେ ପ୍ରତିଭା ବିକାଶ କରିବା। ପ୍ରସ୍ତାବିତ ମାଷ୍ଟର ପ୍ଲାନ୍ ଅନୁଯାୟୀ, ପ୍ରତ୍ୟେକ ବ୍ଲକସ୍ତରୀୟ ଷ୍ଟାଡିୟମରେ ବିଭିନ୍ନ କ୍ରୀଡା ପାଇଁ ସୁବିଧା ଉପଲବ୍ଧ ହେବ, ଯାହା ଉଦୀୟମାନ ପ୍ରତିଭାଙ୍କ ପାଇଁ ଏକ ନର୍ସରୀ ଭାବରେ କାର୍ଯ୍ୟ କରିବ। ଷ୍ଟାଡିୟମଗୁଡ଼ିକରେ ଫୁଟବଲ୍ ଏବଂ କ୍ରିକେଟ୍ ପଡ଼ିଆ, ଏକ ଆଥଲେଟିକ୍ ଟ୍ରାକ୍, କ୍ଷେତ୍ର ଇଭେଣ୍ଟ ପାଇଁ କ୍ଷେତ୍ର, ଭଲିବଲ୍ କୋର୍ଟ ଏବଂ ଅନ୍ୟାନ୍ୟ ସୁବିଧା ରହିବ। ଏହା ସହିତ, ଖୋ-ଖୋ ଏବଂ କବାଡି ଭଳି ପାରମ୍ପରିକ କ୍ରୀଡା ପାଇଁ ସ୍ୱତନ୍ତ୍ର ସୁବିଧା ରହିବ। ଭିତର ସୁବିଧାରେ ବ୍ୟାଡମିଣ୍ଟନ୍ କୋର୍ଟ, ଟେବୁଲ୍ ଟେନିସ୍ ସୁବିଧା, ଜିମ୍ନାଷ୍ଟିକ୍ସ କ୍ଷେତ୍ର ଏବଂ ଭାରୋତ୍ତୋଳନ କୋଠରୀ ଅନ୍ତର୍ଭୁକ୍ତ ହେବ। ଏହା ବ୍ୟତୀତ, ପ୍ରତ୍ୟେକ ଷ୍ଟାଡିୟମରେ ଏକ ସାଧାରଣ ସୁବିଧା କେନ୍ଦ୍ର ରହିବ, ଏବଂ ଷ୍ଟାଡିୟମର ବାହ୍ୟ ବିକାଶ ଉପରେ ଧ୍ୟାନ ଦିଆଯିବ, ଯେଉଁଥିରେ ଜଳ ଯୋଗାଣ, ଡ୍ରେନେଜ୍ ଏବଂ ଆଲୋକ ଭଳି ଅତ୍ୟାବଶ୍ୟକ ସୁବିଧା ଅନ୍ତର୍ଭୁକ୍ତ। ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯିବ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କ୍ରୀଡା ଏବଂ ଖେଳାଳିଙ୍କ ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। କ୍ରୀଡା ଜଗତରେ ଖେଳାଳିମାନେ ସେମାନଙ୍କର ସ୍ୱପ୍ନ ପୂରଣ କରିପାରିବେ ତାହା ନିଶ୍ଚିତ କରିବା ପାଇଁ ତୃଣମୂଳ ସ୍ତରରେ ଏକ ଦୃଢ଼ କ୍ରୀଡା ଭିତ୍ତିଭୂମି ନିର୍ମାଣର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

## ୩୭ ଲକ୍ଷ ହିତାଧିକାରୀ କରିନାହାନ୍ତି ରାସନ କାର୍ଡ ଇ-କେଓ୍ୱାଇସି

ଭୁବନେଶ୍ୱର ,୧୦/୨: ବର୍ତ୍ତମାନ ସୁଦ୍ଧା ୩୭ ଲକ୍ଷ ୮୫ ହାଜର ୪୯୬ ଜଣ ଲୋକ ଇ-କେଓ୍ୱାଇସି କରି ନ ଥିବା ସୂଚନା ମିଳିଛି । ରାସନ କାର୍ଡ ଇ-କେଓ୍ୱାଇସି ପାଇଁ କଣ୍ଟ ଦେଇଛନ୍ତି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ୧୫ ତାରିଖ ସୁଦ୍ଧା ଇ-କେଓ୍ୱାଇସି ଅପଡ଼େଟ୍ ନ କଲେ ସେମାନଙ୍କ କାର୍ଡ଼କୁ କାଟି ଦିଆଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଆଉ ମାତ୍ର ୬ ଦିନ ବାକି ରହିଛି। ଏହାରି ଭିତରେ ଇ-କେଓ୍ୱାଇସି ଅପ୍‌ଡେଟ୍ କରିନଥିବା ଲୋକମାନେ ସରକାରୀ ଖୁଚୁରା କେନ୍ଦ୍ର ଓ ଜନସେବା କେନ୍ଦ୍ରକୁ ଯାଇ ନିଜର ଇ-କେଓ୍ୱାଇସି କରାଇ ନିଅନ୍ତୁ। ଯେଉଁମାନେ ଏହି ପ୍ରକ୍ରିୟାରେ ସାମିଲ ନ ହେବେ ସେମାନଙ୍କ କାର୍ଡକୁ କାଟି ଦିଆଯିବ। ସ୍ୱତଃପ୍ରବୃତ୍ତ ଭାବେ ସେମାନେ ଫେରାଇଦେଲେ ବୋଲି ଧରି ନିଆଯିବ। ଆସନ୍ତା ୧୫ ତାରିଖ ପରେ ଆଉ ଇ-କେଓ୍ୱାଇସି ଅବଧି ବଢ଼ାଯିବ ନାହିଁ। ସେ ଆହୁରି କହିଛନ୍ତି, ଚାକିରି କରିଥିବା ଅଥବା ଆୟକର ଦେଉଥିବା ୧୨ ହଜାର ଅଯୋଗ୍ୟ ହିତାଧିକାରୀ ରାସନ୍‌କାର୍ଡ ଫେରାଇ ସାରିଛନ୍ତି। ଯେଉଁମାନେ ଇ-କେଓ୍ୱାଇସି କରିବେ ନାହିଁ, ସେଗୁଡିକୁ ସରେଣ୍ଡର ବୋଲି ଧରି ନିଆଯିବ। ଇ-କେଓ୍ୱାଇସି ନ କଲେ ସେହି କାର୍ଡ ଗୁଡ଼ିକୁ କାଟି ଦିଆଯିବ। ତଥାପି ଯଦି ଅଯୋଗ୍ୟ ମାନେ କାର୍ଡ ନଫେରାଇଲେ, ତେବେ ସରକାର ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବେ। ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ନୂଆ ହିତାଧିକାରୀ ଆବେଦନ କରିଛନ୍ତି। ସେମାନଙ୍କ ଯୋଗ୍ୟତା ଯାଞ୍ଚ କରାଯାଇ, ଖୁବ୍‌ଶୀଘ୍ର ସେମାନଙ୍କୁ କାର୍ଡ ଦିଆଯିବ। ସେହିପରି ପ୍ରାୟ ୮ ଲକ୍ଷ ଆୟକର ଦେଉଥିବା ଲୋକ କାର୍ଡ ହାତେଇଥିବା ଜଣାପଡ଼ିଛି। ସେମାନେ ସ୍ୱାସ୍ଥ୍ୟ କାର୍ଡ ପାଇବା ପାଇଁ ରାସନ କାର୍ଡ ନେଇଥିଲେ।

# ମୋ ବସ ସାଜିଛି ମୃତ୍ୟୁର ଦୂତ

## ୩ ମାସରେ ନେଲାଣି ୨ମୁଣ୍ଡ, ହେଲାଣି ୭୦ରୁ ଅଧିକ ଦୁର୍ଘଟଣା




ଭୁବନେଶ୍ୱର,୧୦/୨: ରାଜଧାନୀରେ ଚିନ୍ତା ବଢ଼ାଇଲାଣି ମୋ ବସ୍ ଦୁର୍ଘଟଣା। ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି ମୋ ବସ୍ ଚାଳକମାନଙ୍କ ବେପରୁଆ ଚାଳନା। ୩ ମାସ ଭିତରେ ଘଟିଲାଣି ୭୦ରୁ ଅଧିକ ଦୁର୍ଘଟଣା, ଯେଉଁଥିରେ ୨ ମୁଣ୍ଡ ଗଡ଼ିଛି ଏବଂ ୨୮ରୁ ଅଧିକ ଭୟଙ୍କର ଦୁର୍ଘଟଣା ଘଟିଛି। ପୂର୍ବରୁ ଲୋକଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି କ୍ରୁଟ୍ କର୍ତ୍ତୃପକ୍ଷ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ ହେଁ ମୋ ବସ୍ ଦୁର୍ଘଟଣା ଥମିବା ନାଁ ନେଉନାହିଁ। ଏମିତିକି ବେପରୁଆ ଚାଳନା ପାଇଁ ୧୭ଜଣ ଚାଳକଙ୍କୁ ନିଲମ୍ବନ କରାଯାଇଥିଲେ ହେଁ କିଛି ସୁଫଳ ମିଳିନାହିଁ। ତେଣୁ ଆଜି କ୍ରୁଟ୍ ଓ କମିସନରେଟ୍ ପୁଲିସ ପକ୍ଷରୁ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏନେଇ ମାନସ ମନ୍ଥନ ହୋଇଛି। ମୋ ବସ୍ ଦୁର୍ଘଟଣା ପଛର କାରଣ କ'ଣ ଏବଂ କି ପ୍ରକାର ପଦକ୍ଷେପ ନେଲେ ଏହି ଦୁର୍ଘଟଣା ହ୍ରାସ ପାଇବ, ସେନେଇ ବ୍ୟାପକ ଆଲୋଚନା କରାଯାଇଛି। ଆଜିର ବୈଠକରୁ ବାହାରିଥିବା ନିଷ୍କର୍ଷ ଅନୁସାରେ ମୋ ବସ୍ ଦୁର୍ଘଟଣା ପଛରେ ଅନେକ କାରଣ ରହିଛି। କେବଳ ଚାଳକମାନଙ୍କ ବେପରୁଆ ଚାଳନା ଦାୟୀ ନୁହେଁ। କିଛି ଡ୍ରାଇଭର୍‌ଙ୍କ ମଦ୍ୟପାନ କୁଅଭ୍ୟାସ, ମାନସିକ ଦୁଶ୍ଚିନ୍ତା, କାମ କରିବାର ଟାଇମ୍ ଲିମିଟ୍, ୮ ଘଣ୍ଟା ପରିବର୍ତ୍ତେ ଅଧିକ ସମୟ କାମ କରିବାକୁ ବାଧ ହେବା, ଦକ୍ଷ ଓ ଅଭିଜ୍ଞ ଡ୍ରାଇଭର ଅଭାବ ଓ ଅପେକ୍ଷାକୃତ କମ୍ ଦରମା ଭଳି ବିଭିନ୍ନ କାରଣ ଆଲୋଚନାରେ ସ୍ଥାନ ପାଇଥିଲା। ସବୁ ପରେ ବି ଚାଳକମାନେ ଅଧିକ ସତର୍କ ହେବାକୁ ପରାମର୍ଶ ଦିଆଯାଇଛି। ସମସ୍ତଙ୍କ ଅପେକ୍ଷା ଚାଳକମାନେ ବେଶି ସଚେତନ ଓ ସତର୍କ ରହିବାକୁ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂହ ପରାମର୍ଶ ଦେଇଛନ୍ତି। ଯାଞ୍ଚ ବେଳେ କେହି ନିୟମ ଉଲ୍ଲଂଘନ କଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ସେ ଆହୁରି କହିଛନ୍ତି ଯେ ମଝିରେ ମଝିରେ ମୋ ବସ୍ ଚାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ, ଯେଉଁଥିରେ ସେମାନଙ୍କ ଆଖି ପରୀକ୍ଷା କରାଯିବା ସହ ମାନସିକ ଅବସ୍ଥା ପରଖିବାକୁ ପଡ଼ିବ। ସେହିଭଳି କ୍ରୁଟ୍‌ର ଏମ୍‌ଡି ଏମ୍ ତିରୁମାଲା ନାୟକ କହିଛନ୍ତି ଯେ ସହର ଭିତରେ ଓ ବାହାରେ ମୋ ବସ୍‌ର ସ୍ପିଡ୍ ଲିମିଟ୍ ଉପରେ ଅଧିକ ଫୋକସ ଦିଆଯିବ। ସହର ଭିତରେ ଘଣ୍ଟା ପ୍ରତି ୪୦ କିମି ବେଗ ଓ ସହର ବାହାରେ ଜାତୀୟ ରାଜପଥରେ ଏହା ୫୦ କିମି ରହିବ। ବ୍ୟାଟେରିଚାଳିତ ବସ୍‌ର ବେଗ ୩୫ କିମି ରହିବ। ଏଥିପାଇଁ ମୋ ବସ୍‌ଗୁଡ଼ିକରେ ସ୍ପିଡ୍ ବ୍ରେକର୍ ଲଗାଯାଇଛି। ତଥାପି ଦୁର୍ଘଟଣା ଘଟୁଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ। ସବୁ ଡିପୋରେ ବ୍ରେଥ୍ ଆନାଲାଇଜର ରହିବ ଏବଂ ଗାଡ଼ି ଛାଡ଼ିବା ପୂର୍ବରୁ ଚାଳକମାନଙ୍କୁ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି। ସେହିଭଳି ମଝିରେ ମଝିରେ ଚାଳକମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ୩ ମାସ ଭିତରେ ୧୭ ଚାଳକଙ୍କୁ ନିଲମ୍ବିତ କରାଯାଇଛି। ତେଣୁ କୌଣସି ଚାଳକ ବେପରୁଆ ହେବା ପ୍ରମାଣ ମିଳିଲେ, ଅନୁରୂପ ଦଣ୍ଡବିଧାନ କରାଯିବ। ଆଜିର ବୈଠକରେ ଆଡିସିନାଲ୍ ସିପି ଉମାକାନ୍ତ ଦାଶ, ଡିସିପି ପିନାକ ମିଶ୍ର, ଡିସିପି ଟ୍ରାଫିକ୍ ତପନ ମହାନ୍ତି, କ୍ରୁଟ୍ ଜିଏମ୍ ସଂଜୟ କୁମାର ବିଶ୍ୱାଳ ଓ ୨୦୦ରୁ ଅଧିକ ଚାଳକ ଯୋଗ ଦେଇଥିଲେ।

# କୋରେଇ ବ୍ଲକରେ ସରକାରୀ ଚାକିରିଆ ସାଜିଥିଲେ ରାସନ୍ ହିତାଧିକାରୀ

## ବର୍ଷ ବର୍ଷ ଧରି ଲୁଟି ଚାଲିଥିଲେ ରାସନ୍,ନେଇଥିବା ରାସନ୍ ଫେରାଇବାକୁ ଦାବୀ

କୋରେଇ ,୧୦/୨(ନି.ପ୍ର): ପୂର୍ବ ସରକାର ରେ ରାସନ୍ ନେଇଥିବା ହିତାଧିକାରୀ ମାନଙ୍କ ମଧ୍ୟରୁ ଯାଜପୁର ଜିଲ୍ଲାରେ ୫୫୩୨ ଜଣ ଅଯୋଗ୍ୟ ହିତାଧିକାରୀ ହୋଇଥିବା ବେଳେ କୋରେଇ ରେ ୩୮୨ ଜଣ ଅଯୋଗ୍ୟ ହିତାଧୀକାରୀ ଚିହ୍ନଟ କରାଯାଇଛି ।ଏହି ଅଯୋଗ୍ୟ ହିତାଧୀକାରୀ ପ୍ରାୟତଃ ସରକାରୀ କର୍ମଚାରୀ ବା ପୋଲିସ୍, ଜେ ଇ,ଅଧ୍ୟାପକ,ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, ପିଇଓ ଭଳି ବିଭିନ୍ନ ସଂସ୍ଥା ରେ ଥାଇ ରାସନ୍ ହାତଉଥିବା ଜଣାପଡ଼ିଛି ।ଗୋଟେ ପଟେ ସରକାରୀ ଦରମା ଗୋଟେ ପଟେ ନିଜକୁ ଗରିବ ସଜେଇ ରାସନ୍ ହଡ଼ପ କରୁଥିବା ଘଟଣା ଅତ୍ୟନ୍ତ ଲଜ୍ଜ୍ୟାଜନକ ଘଟଣା ବୋଲି ଚର୍ଚ୍ଚା ଜୋର ଧରିଛି । ଖାଲି ଏତିକି ନୁହଁ କୋରେଇ ଅନେକ ଚାରିଚକିଆ ଗାଡ଼ି ଥିବା ଲୋକ ମଧ ରସନ୍ ନେଉଥିବା ଦେଖିବାକୁ ମିଳୁଛି ଓ ଏହାର ସଠିକ୍ ତଦନ୍ତ ହେଲେ ଆହୁରି ଅନେକ ଅଯୋଗ୍ୟ ହିତାଧୀକାରୀ ବାଦ୍ ପଡ଼ିବେ ।ବର୍ତ୍ତମାନ ଇକେୱାଇସି ହେବା ପରେ କୋରେଇ ରାସନ୍ ରେ ଜେଉଁ ତଥ୍ୟ ମିଳିଛି ସରକାରୀ କର୍ମଚାରୀ ମାନେ ହିତାଧିକାରୀ ହୋଇ ରାସନ୍ ଉଠାଇଥିଲେ । ଏ ବିଷୟରେ ଡିଲାର ମାନେ ସବୁ ଜାଣି କିପରି ରାସନ୍ ଦେଇଥିଲେ ତାହା ଏକ ପ୍ରଶ୍ନ ବାଚି ସୃଷ୍ଟି କରୁଛି । ସରକାରୀ କର୍ମଚାରୀ ହୋଇ ରାସନ୍ ଉଠାଉଥିବା ଅଯୋଗ୍ୟ ହିତାଧୀକାରୀଙ୍କ ମଧ୍ୟରୁ ଅନ୍ଧାରୀ ପଞ୍ଚାୟତ ଅନାମ ମହାରଣା ବିଞ୍ଝାରପୁର ବ୍ଲକ ରେ କାର୍ଯ୍ୟରତ ଏକଉଣ୍ଟେଣ୍ଟ , ରଗଡ଼ିର ଲକ୍ଷ୍ମୀପ୍ରିୟା ପାଢ଼ୀ ଏମ କେ ସି ଜି ବ୍ରହ୍ମପୁର ମେଡିକାଲ କଲେଜର ରେ କାର୍ଯ୍ୟରତ ନର୍ସିଂ ଅଫିସର ,ବଡ଼ବିରୁଆଁ ପଞ୍ଚାୟତ ଆମ୍ଭୋତଲା ଗ୍ରାମର ଦୀନବନ୍ଧୁ ଓଝା ଦାନଗଦି ବ୍ଲକରେ ଅବସ୍ଥିତ, ଅମୃତିଆ ପଞ୍ଚାୟତର ଦିପାରାଣୀ ସାମଲ ଭୁବନ ବଜିରାଉତ୍ ମେମୋରିଆଲ କଲେଜ ର ଏନ ସି ସି ଅଫିସର୍, ରଙ୍ଗରଙ୍ଗା ପୁରୁଷୋତ୍ତମ ରାଉତ ହୋମିଓପାଥିକ ଆସିଷ୍ଟାଣ୍ଟ ଯାଜପୁର ସର୍କଲ ରେ କାର୍ଯ୍ୟରତ,ନୀଳମଣି ଜେନା ଯାଜପୁର ରେ କାର୍ଯ୍ୟରତ କନେଷ୍ଟବଳ ,ସୂର୍ଯ୍ୟମଣି ପତ୍ରୀ ଏନ୍ ସି କଲେଜ ରେ କାର୍ଯ୍ୟରତ ଅଧାପକ, ତାଣ୍ଡରା ଗ୍ରାମପଞ୍ଚାୟତ ର ସୁଭଲକ୍ଷ୍ମି କର ଭଦ୍ରକ ରେ କାର୍ଯ୍ୟରତ ଫିଜିକ୍ସ ଅଧାପିକା , ବନ୍ଧାଳୋ ଗ୍ରାମପଞ୍ଚାୟତ ର ହେମନ୍ତ ଜେନା କନେଷ୍ଟବଳ,ପ୍ରଦୀପ କୁମାର ଦାସ କନେଷ୍ଟବଳ,ରସ୍ମିପ୍ରଭା ମହାପାତ୍ର କନେଷ୍ଟବଳ, ରାଜେନ୍ଦ୍ର ନାଥ ଭୁବନେଶ୍ୱର କମିଶନରେଟ ପୋଲିସ ରେ କାର୍ଯ୍ୟରତ ଏସ୍ ଆଇ ମାନଙ୍କୁ କିପରି ଡିଲର ମାନେ




ରାସନ୍ ଦେଇଥିଲେ ସେ ଡିଲର ମାନଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି ।ସରକାରୀ ଅନୁଦାନ କୁ ପ୍ରକୃତ ହିତାଧିକାରୀ ବଞ୍ଚିତ ରହୁଥିବା ବେଳେ ଅଯୋଗ୍ୟ ସରକାରୀ କର୍ମଚାରୀ ମାନଙ୍କ ଉପରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ନେଇଥିବା ରାସନ୍ ସୁଧ ସହ ଫେରାଇବାକୁ ଦାବିହେଉଛି ।

# ପିସିସି ପକ୍ଷରୁ ମଧୁବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କର ଶ୍ରାଦ୍ଧ ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ ରାଜଭବନ ଛକସ୍ଥିତ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ନେତାଗଣ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶିବାନନ୍ଦ ରାୟ, କିଶୋର ଜେନା, ସୁଦର୍ଶନ ଦାସ, ମନୋରଞ୍ଜନ ଦାଶ, ଲିଙ୍ଗରାଜ ସାହୁ, ମନୋରଞ୍ଜନ ରାଉତରାୟ, ରାଜ କିଶୋର ବାରିକ, ମିହିର ଆଚାର୍ଯ୍ୟା, ଆଲୋକ ମହାନ୍ତି,ସଂଜୟ ମିଶ୍ର, ମୋଟରାଜ ଡୁଙ୍ଗଡୁଙ୍ଗ, ଗୁଣମଣି ଶା ଓ ଦେବେନ୍ଦ୍ରେ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।



# କୁମାରିପାରି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବେଗୁନିଆପଡା, ୧୦/୨(ନି.ପ୍ର)::ବେଗୁନିଆପଡା ବ୍ଲକ ଅନ୍ତର୍ଗତ କୁମାରୀପାରି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ବେଶ ଧୁମଧାମରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ପ୍ରସାଦ ହରିଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ମାନ୍ୟବର ବିଧାୟକ ଶ୍ରୀ ପ୍ରତାପ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପାଠ ପଢା ସହିତ ନାଚ ଗୀତ ତଥା ଅନ୍ୟାନ୍ୟ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମରେ ରୁଚି ରଖିବାକୁ ପରାମର୍ଶ ଦେବା ସହ ବିଦ୍ୟାଳୟରେ ଖୁବ ଶୀଘ୍ର ଏକ ରୋଷେଇ ଘର ପ୍ରସ୍ତୁତ କରିବା ନେଇ ପ୍ରତିଶୃତି ଦେଇଥିଲେ । ସନମାନିତ ଅତିଥି ଭାବେ ବେଗୁନିଆପଡା ବ୍ଲକ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାହୁ ଯୋଗ ଦେଇ ବିଦ୍ୟାଳୟର ଉନ୍ନତି କାମନା କରିବା ସହିତ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ଗାଁ ତଥା ଅଞ୍ଚଳର ନାମ ରୋଶନ କରିବା ପାଇଁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ସମାଜସେବୀ ରମେଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବାପା ମା, ଅଭିଭାବକ ମାନଙ୍କ ଅବଦାନ ହିଁ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ବୋଲି ନିଜ ଅଭିଭାଷଣରେ ସ୍ୱଷ୍ଟ ମତ ରଖିଥିଲେ । ସନମାନିତ ଅତିଥି ଭାବେ ବିଶିଷ୍ଟ ଯୁବନେତା ସୀତାରାମ ପାଣିଗ୍ରାହୀ, କୁମ୍ଭାରଗାଁ ପଞ୍ଚାୟତର ସମିତି ସଭ୍ୟ ଅଶୋକ ରଞ୍ଜନ ତାରିଣୀ, ସରପଞ୍ଚ ରଶ୍ମିତା ବେହେରା,ଅଙ୍ଗାର ଗାଁ ସରପଞ୍ଚ ପ୍ରତିନିଧି ପୁର୍ଣଚନ୍ଦ୍ର ସେଠି,ଏବିଇଓ ସୋମନାଥ ସେଠି,ସିଆରସିସି କାର୍ତିକ ଡାକୁଆ ପ୍ରମୁଖ ମଞ୍ଚାସିନ ରହି ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ହରିଚନ୍ଦନ ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ଆନୁସଙ୍ଗିକ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ଖେଳ କୁଦ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ରମେଶ ସ୍ୱାଇଁ, ମହେନ୍ଦ୍ର



ସ୍ୱାଇଁ,ସ୍କୁଲ ସଭାପତି ପ୍ରଫୁଲ୍ଲ ବିଶୋଇ,ନାରାୟଣ ଦାସ, ସୁଦାମ ବେହେରା, ମିଥୁନ ମାଳି, ସରିତା ସ୍ୱାଇଁ, କୁନି ଦାସ, ଅମର ତରାଇ, ସାଇ ସରସ୍ୱତୀ ସାହୁ, ଯାଜ୍ଞସେନୀ ଜେନା, ବିକାଶ ବାରିକ, ରଶ୍ମିତା ଧାରୁଆ, ବସନ୍ତ ସେଠି, ଭୋକିଲା କିଷାନ, ନିରଞ୍ଜନ ମୁଦୁଲି, ରାଘବ ଗୌଡ଼, ଅଙ୍କିତ ସାହୁ, ଜୁଲି ରାଣୀ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କୁନି କୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପ୍ରତିବାଦର ସ୍ୱରକୁ ଗିରଫଦାରୀରେ ଦବାଇ ଦିଆଯାଇପାରିବ ନାହିଁ- ଜ୍ଞାନେନ୍ଦ୍ର

ଭୁବନେଶ୍ୱର, ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରିବା ଭାରତ ବର୍ଷର ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର । ରାଜ୍ୟ ସରକାର ପ୍ରତିବାଦର ସ୍ୱରକୁ ଗିରଫ ଦାରୀରେ ଦବାଇ ଦେବାକୁ ଯେଉଁ ଅପଚେଷ୍ଟା କରିଛନ୍ତି, ତା' ବିରୁଦ୍ଧରେ ସ୍ୱର ସାରା ଓଡ଼ିଶାରେ ଆନ୍ଦୋଳନ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ନିଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିବୃତ୍ତିରେ କହିଛନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରମୁଖ ମୋହନ ଭାଗବତ, ଶ୍ରୀ ରାମ ମନ୍ଦିର ପ୍ରତିଷ୍ଠା ଦିନ ଯେଉଁ ମନ୍ତବ୍ୟ ଦେଇଥିଲେ, ତାହା ଭାରତ ବର୍ଷର ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଓ ସହୀଦଙ୍କ ପାଇଁ ଥିଲା ଏକ ଅପମାନ ଜନକ ଘଟଣା । ତା'ର ପ୍ରତିବାଦରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ ଓ କର୍ମକର୍ତ୍ତାମାନେ ଗଣତାନ୍ତ୍ରିକ ଉପାୟରେ ମୋହନ ଭାଗବତଙ୍କୁ କଳାପତକା ପ୍ରଦର୍ଶନ କରିଥିଲେ । କିନ୍ତୁ ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମରେ ବିନ୍ଦୁଏ ରକ୍ତ ଦେଇ ନଥିବା ଦଳକୁ ଏହା ଅସହ୍ୟ ହୋଇଥିଲା । ଏହି ମାମଲାରେ ଛାତ୍ର ନେତାମାନଙ୍କ ଗିରଫକୁ ଡଃ ଜ୍ଞାନେନ୍ଦ୍ର ଦୃଢ଼ ବିରୋଧ କରିବା ସଂଗେ ୨ ଛାତ୍ର ନେତା ମାନଙ୍କୁ ତୁରନ୍ତ ଖଲାସ କରିବାକୁ ରାଜ୍ୟ ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଡଃ ଜ୍ଞାନେନ୍ଦ୍ର ଦାବି କରିଛନ୍ତି ।

# ଟାର୍ଗେଟ ପୂରଣ ହୋଇଛି,ମଣ୍ଡିରେ ଧାନ ପଡିଛି,ଚିନ୍ତାରେ ଚାଷୀ

## କୁସଙ୍ଗ ପ୍ୟାକ୍ସର ୧୮୮ ଜଣଙ୍କ ରହିଛି ଟୋକନ

ବୌଦ୍ଧ,୧୦/୨(ନି.ପ୍ର):ସରକାର ଚାଷୀଙ୍କ ଧାନ କ୍ରୟ ପାଇଁ ମଣ୍ଡିରେ କୌଣସି ଅସୁବିଧା ର ସମ୍ମୁଖୀନ ନ ହେବା କୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ କେତେକ ମଣ୍ଡି ରେ ଚାଷୀ ଧାନ ଧରି ବସିଥିବା ଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି । ସୂଚନା ମତେ ବୌଦ୍ଧ ଜିଲ୍ଲା କୁସଙ୍ଗ ପ୍ୟାକ୍ସ ପକ୍ଷରୁ କୁସଙ୍ଗ, ତଳଗାଁ, ମହାଳିକାପଡା ରେ ଚାଲିଛି ଧାନ କ୍ରୟ । ଉକ୍ତ ତିନୋଟି ସ୍ଥାନରୁ ଚାଷୀଙ୍କ ଧାନ କ୍ରୟ ପରେ ମଣ୍ଡିରୁ ଧାନ ଉଠାଇବା ପାଇଁ ଦୁଇଟି ମିଲର ଙ୍କୁ ଦାୟିତ୍ୱ ମିଳିଛି କିନ୍ତୁ ଜଣେ ମିଲର ଙ୍କ ଟାର୍ଗେଟ ପୂରଣ ହୋଇଥିବା ବେଳେ ଅନ୍ୟଜଣେ ମିଲର ଙ୍କ ଦ୍ୱାରା ତିନୋଟି ମଣ୍ଡିରୁ ଧାନ କ୍ରୟ ଚାଲିଛି କ୍ଷ ଫଳରେ ଚାଷୀ ଧାନ ଆଣି ମଣ୍ଡିରେ ଅପେକ୍ଷା



କରିବାକୁ ପଡୁଛି ବୋଲି ଚାଷୀ ଅଭିଯୋଗ କରୁଛି । ବର୍ତମାନ କୁସଙ୍ଗ ସେବା ସମବାୟ ପକ୍ଷରୁ ୧୮୮ଜଣ ଚାଷୀ ଧାନ ବିକିବା ପାଇଁ ଟୋକନ ଥିବା ବେଳେ ମିଲର ଟାର୍ଗେଟ ନଥିବାରୁ ମଣ୍ଡିରେ ଧାନ ପଡି ରହିଛି । ଏନେଇ ବୌଦ୍ଧ ସି ଏସ ସୋ ଶ୍ରୀନାଥ ହାଁସଦା ଙ୍କୁ ପଚାରିବାରୁ ଯେ ଯଦି ଗୋଟିଏ ମିଲର ଟାର୍ଗେଟ ପୂରଣ ହୋଇଛି ଅନ୍ୟ ମିଲର ଧାନ ଉଠାଇବ ଏବଂ ଯଦି ଆବଶ୍ୟକ ପଡେ ଆମେ ଟାର୍ଗେଟ ଦେଇ ପୁନଃ ଧାନ କିଣାଯିବ କୌଣସିମତେ ଆମେ ଚାଷୀଙ୍କୁ ହଇରାଣ କରିବୁ ନାହିଁ ବୋଲି କହିଥିବା ବେଳେ ଏଭଳି ସମସ୍ୟା ପ୍ରତି ଜିଲ୍ଲାପାଳଙ୍କ ଦୃଷ୍ଟି ଦେବା ସହ ତୁରନ୍ତ ଆମ ଧାନ ଗୁଡିକ ମଣ୍ଡିରୁ ଉଠାଯାଉ ବୋଲି ଚାଷୀଙ୍କ ଭିତରେ ଦାବି ହେଉଛି ।

# ଅଗ୍ନିକାଣ୍ଡରେ ରାସନ ଦୋକାନ ଜଳିଗଲା

ବେଗୁନିଆପଡା,୧୦/୨(ନି.ପ୍ର):ଏହି ବ୍ଲକ ଅନ୍ତର୍ଗତ କେ ବରିଡା ସ୍ଥିତ ବଡ଼ସାହିରେ ଅଜିତ ପ୍ରଧାନଙ୍କ ରାସନ ଓ ଭେରାଇଟ ଦୋକାନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଜିନିଷ ପୋଡି ନଷ୍ଟ ହୋଇଯାଇଛି । ଘରେ ମଧ୍ୟାହ୍ନ ସମୟରେ ହଠାତ ସଟ ସର୍କିଟ ଘଟି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ କୋଦଳା ଦମକଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଜିତ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ସେ ଋଣ ଆଣି ଏହି ଦୋକାନ କରିଥିଲେ । ତାଙ୍କୁ ସରକାରୀ ସହାୟତା ଦେବା ପାଇଁ ସେ ଅନୁରୋଧ କରିଛନ୍ତି ।

# ପର୍ଶୁରାମ କୁଣ୍ଡରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ



ପାତ୍ରପୁର, ୧୦/୨(ନି.ପ୍ର): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ତୁମ୍ବା ପଂଚାୟତ ଅନ୍ତର୍ଗତ ପୁରିଆସାହି ପର୍ଶୁରାମକୁଣ୍ଡ ଠାରେ ତିଳ ସପ୍ତମୀ ଅବସରରେ ବହୁ ଶ୍ରଦ୍ଧାଳୁ ଆଜି ବୁଡ଼ ପକାଇଛନ୍ତି । ଭାସ୍କର ତୀର୍ଥ ଲକ୍ଷ୍ମୀ ବାବା, ସନ୍ତୋଷ କୁମାର ପାତ୍ର ଓ ଅଞ୍ଚଳ ବାସୀଙ୍କ ନେତୃତ୍ୱ ରେ ତିନିଦିନ ଧରି ଏଠାରେ ଘୃତଯଜ୍ଞ, ନାମଯଜ୍ଞ ଓ ଅର୍ଣ୍ଣଯଜ୍ଞ ଅନୁଷ୍ଠିତ ହେଉଥିବା ବେଳେ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ତିଳ ସପ୍ତମୀ ରେ ପର୍ଶୁରାମ କୁଣ୍ଡରେ ବୁଡ଼ ପକାଇ ତିଳ ଅର୍ପଣ କଲେ ବହୁ ପୁଣ୍ୟ ମିଳିବା ସହ ପିତୃ ଲୋକ ଆତ୍ମ ସନ୍ତୋଷ ପାଇବା ପ୍ରବାଦ ଥିବା ହେତୁ ଆଖପାଖ ଅଞ୍ଚଳରୁ ଓ ଆନ୍ଧ୍ର ପ୍ରଦେଶର ବହୁ ଶ୍ରଦ୍ଧାଳୁ ଆସି ବୁଡ଼ ପକାଇଛନ୍ତି । ଏଭଳି ଏକ ତୀର୍ଥ ସ୍ଥଳୀକୁ ସରକାର ଦୃଷ୍ଟିପକାଇ ବିକାଶ କରିବା ପାଇଁ ଲକ୍ଷ୍ମୀ ବାବା ଙ୍କ ସମେତ ଅଞ୍ଚଳବାସୀ ଓ ସାଧୁସନ୍ଥ ମାନେ ଦାବୀ କରିଛନ୍ତି ।

# ଭୁଶୁଡିଲା କାନ୍ଥ, ବର୍ତ୍ତିଲେ ପରିବାର ଲୋକେ : ଘର ପାଇଁ ପ୍ରଶାସନକୁ ଗୁହାରୀ

ବେଗୁନିଆପଡା, ୧୦/୨(ନି.ପ୍ର):: ଏହି ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁ ପଞ୍ଚାୟତର ଖଦାଳ ସାହିର ରବି ଦାସ ଗତ ସୋମବାର ରାତିରେ ଘରେ ସପରିବାର ସହିତ ସୋଇଥିବା ସମୟରେ ଘରର କାନ୍ଥ ଟି ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା । ତେବେ ସୌଭାଗ୍ୟ ବଶତଃ ସେଦିନ ରାତିରେ ସେହି ଘରେ କେହି ନ ସୋଇଥିବା କାରଣରୁ ଏକ ନିଶ୍ଚିତ ବଡ଼ ବିପଦରୁ ରକ୍ଷା ପାଇ ଯାଇଥିଲେ ସପରିବାର । ତେବେ ପୂର୍ବରୁ ଘରର ଭଙ୍ଗା କାନ୍ଥ ସମ୍ବନ୍ଧିୟ ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ତେବେ କୌଣସି କାରଣରୁ ଆଜି ଯାଏଁ ରବି ଦାସ ସରକାରୀ ଯୋଜନାରେ ଘର ପାଇବାରୁ ବଞ୍ଚିତ ଅଛନ୍ତି । ଏ ନେଇ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପୁର୍ଣଚନ୍ଦ୍ର



ସେଠି ପ୍ରଶାସନ ପାଖରେ ବାରମ୍ୱାର ଅଭିଯୋଗ କରିଥିଲେ ମଧ ଫଳ ଶୂନ । ତେବେ ଏହି ଖବର ପାଇବା ପରେ ଶ୍ରୀ ସେଠି ଉକ୍ତ ଘରେ ପହଞ୍ଚି ପରିବାର ଲୋକଙ୍କୁ ଆଶ୍ୱାସନା ଦେବା ସହ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରିଥିଲେ । ଘଟଣା ସ୍ଥଳକୁ ଯାଇ ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି ଆର.ଆଇ । ଏ ନେଇ ବେଗୁନିଆପଡା ବ୍ଲକ ଭାରପ୍ରାପ୍ତ ବିଡିଓ ସସ୍ମିତା ଶତପଥିଙ୍କୁ ଯୋଗାଯୋଗ କରିବାରେ ସେ ଏହାକୁ ଅନୁଧାନ କରିବେ ବୋଲି କହିଛନ୍ତି । ତେବେ ପ୍ରଶାସନ ପକ୍ଷରୁ ରବି ଦାସଙ୍କୁ କେବେ ମିଳିବ ତାକୁ ଏବେ ସମସ୍ତଙ୍କ ଅପେକ୍ଷା ।

# ହଷ୍ଟେଲ ପଛରୁ ମିଳିଲା ଛାତ୍ରଙ୍କ ଝୁଲନ୍ତା ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

କାଲିମେଳା,୧୦/୨(ନି.ପ୍ର): ମାନିକ ବାଛଡ଼ )୦୪।୦୨ ହଷ୍ଟେଲ ପଛରେ ଥିବା ଏକ ମହୁଲ ଗଛରୁ ମିଳିଲା ଛାତ୍ରଙ୍କ ମୃତଦେହ । ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି । କାଲିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡକ୍ଷ ହଷ୍ଟେଲ ପଛରୁ ମୃତଦେହ ଉଦ୍ଧାର କରିଛି ପୁଲିସ । ମୃତ ଛାତ୍ର ଜଣଙ୍କ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କାମୱାଡା ଗାଁର ମୁକା ମାଡକାମି ଙ୍କ ପୁଅ ରିଗେନ ମାଡକାମି ବୋଲି ଜଣାପଡିଛି । ଛାତ୍ର ଜଣଙ୍କ ନବମ ଶ୍ରେଣୀରେ ପାଠ ପଢୁଥିଲେ । ତେବେ ମୃତ୍ୟୁର କାରଣ ନେଇ ଏଯାଏଁ ସ୍ୱଷ୍ଟ ସୂଚନା ମିଳିନଥିବା ବେଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଛାନଭିନ ଚଳାଇଛି କାଲିମେଳା ଥାନା ପୁଲିସ । ପୁଲିସ ତଦନ୍ତ ଆରମ୍ଭ କରିଥିଲେ ମଧ କୋରାପୁଟରୁ ସାଇଣ୍ଟିଫିକ ଟିମ ଆସିଲା ପରେ ହତ୍ୟା ନା ଆତ୍ମହତ୍ୟା ଜଣା ପଡ଼ିବ ବୋଲି ସୂଚନା ମିଳିଛି । ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ଦାବି କରିଛନ୍ତି ମୃତ ଛାତ୍ର ପରିବାର ।

# ଦୀର୍ଘ ବର୍ଷ ପରେ ପାଣକୁଳ ସମାଜ ସଭା ଗୃହ ଉଦ୍‌ଘାଟିତ

ଫିରିଙ୍ଗିଆ ୧୦/୨(ନି.ପ୍ର):କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଦିର୍ଘ ବର୍ଷ ପରେ କିଛି ସକ୍ରିୟ ସଦଶ୍ୟ ମାନଙ୍କ ଦ୍ୱାରା ଗତକାଲି ପାଣ କୁଳ ସମାଜ ସଭା ଗୃହ ପ୍ରତିଷ୍ଠା ହୋଇ ଯାଇଛି । ଫିରିଙ୍ଗିଆ ବ୍ଲକ ପାଣ କୁଳ ସମାଜ ସଭାପତି ଚନ୍ଦ୍ର ମୋହନ ନାୟକ ଙ୍କ ନେତୃତ୍ୱେରେ ପୂର୍ବତନ ସଭାପତି ଅନାମ ନାୟକ ସମେତ ବ୍ଲକ ପାଣ କୁଳ ସମାଜର ଉପସଭାପତି ନଈରୁତ ଦିଗାଲ ଏବଂ କୋସାଦକ୍ଷ ଭରତ ମହାନନ୍ଦ ଏବଂ ଚବିଶି ଟି ପଞ୍ଚାୟତ ର ସଭାପତି ଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପୂର୍ବତନ ଖଣିଜ ଇସ୍ପାତ ମନ୍ତ୍ରୀ ପଦ୍ମନଭ ବେହେରା ଏବଂ ସମ୍ମାନିତ ଅତିଥି ପୂର୍ବତନ ରାଷ୍ଟ୍ର ମନ୍ତ୍ରୀ ବିଷ୍ଣୁ ପ୍ରିୟା ବେହେରାଙ୍କ, ବରିଷ୍ଠ ସାମ୍ବାଦିକ ଅକ୍ଷୟ ନାୟକ ,ଗୋଛାପଡା ଶାଖା ପାଣ କୁଳ ସମାଜ ସଭାପତି ନିରଞ୍ଜନ ଦିଗାଲ, ଶାଖା ଉପଦେଷ୍ଟା ଚକ୍ରପତି ଦିଗାଲ, ପଲାବୃଡି ପଞ୍ଚାୟତ ଗୃପ୍ ସଭାପତି ଶଶିନ୍ଧର ଦିଗାଲ ରତଙ୍ଗ ପଞ୍ଚାୟତ ଗୃପ୍ ସଭାପତି ପାଉଳ ଦିଗାଲ, ଡିମ୍ବିରିଗୁଡା ପଞ୍ଚାୟତ ଗୃପ୍ ସଭାପତି ବ୍ରହ୍ମାନନ୍ଦ ଦିଗାଲକ,କାଶିନିପଦର ପଞ୍ଚାୟତ ଗୃପ୍ ଉପସଭାପତି ବାଳକୃଷ୍ଣ ଦିଗାଲ ଯୋଗଦେଇଥିବା ଜଣାପଡ଼ିଛି । ଅନେକ ବର୍ଷର ପରିଶ୍ରମ କ୍ରମେ ପରିଶେଷରେ କିଛି ସମାଜର ସଦଶ୍ୟ



ମାନଙ୍କ ଦ୍ୱାରା ସମାଜ ଗୃହ ଉଦ୍ଘାଟନ କରିବା ପାଇଁ ବାଜା ବଜାଇ ନାଚ ଗିତ କରି ଅତି ଆନନ୍ଦରେ ଫିରିଙ୍ଗିଆ ଗାୟତ୍ରୀ ମନ୍ଦିର ରୁ ଶାନ୍ତି ପୁର୍ଣ୍ଣ ପଦଯାତ୍ରା କରି ସମାଜ ଗୃହରେ ପହଞ୍ଚି ଦିର୍ଘ ବର୍ଷ ବ୍ୟବଧାନ ରେ ପାଣ କୁଳ ସମାଜ ରେ ପୁର୍ବତନ ମନ୍ତ୍ରୀ ଶ୍ରୀ ବେହେରାଙ୍କୁ ପୂଣି ଥରେ ସମାଜରେ ଯୋଗଦାନ କରି ଥିବାର ଦେଖିବାକୁ ମିଳିଛି ନିଜର କରକମଳରେ ଫିତା କାଟି ଗୃହ ଟିକୁ ଉଦଘାଟନ କାର୍ଯ୍ୟକ୍ରମ କୁ ଆଗକୁ ନେଇ ଯାଇଥିଲେ ।ସମାଜର ସଦଶ୍ୟ ମାନେ ଅନେକ ବର୍ଷ ପରେ ସ୍ଥାନୀୟ ମନ୍ତ୍ରୀଙ୍କୁ ପୁଣିଥରେ ନିଜ ସମାଜକୁ ଫେରି ପାଇ ଥିବାରୁ ବାଜା ବଜାଇ ନାଚି ନାଚି ଅତି ଆନନ୍ଦରେ ନିଜ ସମାଜ ଗୃହ କୁ ପାଛଟି ନେଇଥିଲେ । ଦିର୍ଘ ବର୍ଷ ପରେ ବର୍ତ୍ତମାନ ଅନୁସୁଚିତ ଜାତିର କମୋଳମତି ପିଲାମାନେ କିଭଳି ଭବିଷ୍ୟତ ଗଢ଼ିବେ ଏବଂ ପାଠପଢା କେମିତି ହେବ, ସରକାର ଚାକିରୀ ପାଇପାରିବେ, ନିଜର ଭବିଷ୍ୟତ ଗଢ଼ି ପାରିବେ ଓ ସମାଜରେ ନିଜର ସ୍ଥାନ କରି ପାରିବେ ଏହି ବିଷୟରେ ଦିର୍ଘ ସମୟ ଧରି ସମାଜ ସଭାପତି ଚନ୍ଦ୍ର ମହନ ନାୟକ ନିଜର ମତ ପ୍ରଦାନ କରିଥିବା ହଠାତ ସମାଜ ପ୍ରତି ଏହି ଜାଗ୍ରତକୁ ଦେଖି ଖୁସି ହୋଇଥିବା ବେଳେ କିଛି ସଦସ୍ୟ ଏପରି ପରିର୍ବତନକୁ ସହଜରେ ଗ୍ରହଣ କରିପାରୁନଥିବା ଜଣାପଡ଼ିଛି । ସମାଜର କର୍ମକର୍ତ୍ତା ମାନଙ୍କ ହଠାତ ପରିବର୍ତ୍ତନ କୁ ଦେଖି ସମାଜର କିଛି ସଦଶ୍ୟ ମାନେ କେବଳ ସମୂଖରେ ମଧୁର ପ୍ରତିଶୃତି ଦେଇ ସମାଜ ପଛରେ ସମାଜର ଅର୍ଥକୁ ବ୍ୟକ୍ତିଗତ କାମରେ ମନଇଛା ନିଜର କାର୍ଯ୍ୟରେ ଲଗାଇ ପାରନ୍ତି ବୋଲି ଆଲୋଚନା କରୁଥିବା ଶୁଣିବାକୁ ମିଳିଛି । କିଛି ସଦଶ୍ୟ ମାନେ ଏହା ସମାଜ ଆଳରେ ରାଜନୈତିକ ଉଦେଶ୍ୟ ରଖିଥିବା ସନ୍ଦେହ ମଧ କରୁଥିବା ଜଣାପଡ଼ିଛି । ପରିଶେଷରେ ପ୍ରକୃତ ପାଣ କୁଳ ସମାଜର ବିକାଶ ପାଇଁ ବ୍ୟକ୍ତିଗତ ସ୍ୱର୍ଥ,ରାଜନୈତି ଉଦେଶ୍ୟ ଓ ପରଷ୍ପର ମଧ୍ୟରେ ଥିବା ଈର୍ଷା ଭେଦଭାବକୁ ଦୁରେଇ ଜଦି ଏକ ପରିବାର ସାଜି ସମର୍ଗ ସମାଜ ଏକଜୁଟ ହୋଇ ଏକ ସ୍ୱର ଉଠାଇଲେ ସମାଜର ବିକାଶ ହେବା ସୁନିଶ୍ଚିତ ବୋଲି କିଛି ବକ୍ତା ଭାଷଣ ମାଧ୍ୟମରେ ବାରମ୍ବାର ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ । ସମାଜର କିଛି ସଦଶ୍ୟ ମାନଙ୍କ ଉପରେ ହୋଇଚାଲୁଥିବା ଅନ୍ୟାୟ ସତ୍ତ୍ୱେ ସମାଜ ତରଫରୁ ନ୍ୟାୟଯୁକ୍ତ ସହାୟତା ପାଇ ପାରୁନଥିବାରୁ ବାଧ ହୋଇ କିଛି ବକ୍ତା ସମାଜକୁ ଏକଜୁଟ କରିବା ପାଇଁ ଅନ୍ୟ ସମାଜ ଗୁଡ଼ିକର ଜ୍ୱଳନ୍ତ ଉଦାହଣ ଦେବା ପାଇଁ ପଛାଇ ନଥିବା ବେଳେ ଏହି ଜିଲ୍ଲା ର ଦ୍ୱିତୀୟ ବୃହତ୍ତମ ବ୍ଲକ ଭାବରେ ପରିଚିତ ହୋଇଥିବା ସତ୍ତ୍ୱେ ସମାଜର ସଦଶ୍ୟ ମାନଙ୍କ ଉପରେ ହୋଇ ଚାଲୁଥିବା ଅନ୍ୟାୟ ବିରୁଧରେ ପାଣକୂଳ ସମାଜ ସ୍ୱର ନ ଉଠାଇ ମୌନ ରହି ଆସୁଥିବାରୁ ସଦଶ୍ୟ ମାନଙ୍କ ଗହଳି କମିଯାଉଥିବା ଉପସ୍ଥିତ ସଦଶ୍ୟ ମାନଙ୍କ ଦ୍ୱାରା କଥା ବାର୍ତ୍ତା କରୁଥିବା ଶୁଣିବାକୁ ମିଳିଛି ।

# ୯ ଦିନ ହେଲା ଗାଏବ୍ ଅଛନ୍ତି ଟିୟୁସନ ମାଷ୍ଟର

## ଥାନାକୁ ଯାଇ ଉତ୍ତେଜିତ ହେଲେ ଗ୍ରାମବାସୀ

**ବଙ୍ଗୋମୁଣ୍ଡା,୧୦/୨(ନି.ପ୍ର):** ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ଅନ୍ତର୍ଗତ ଝିଙ୍କିପଡା ଗାଁର ପୂରିଓ ବଗର୍ତ୍ତୀ ବୟସ(୨୭)ଗତ ଜାନୁଆରୀ ୨୬ ତାରିଖ ରୁ ନିଖୋଜ ହୋଇଥିବା ନେଇ ସିନ୍ଧେକେଲା ଥାନାରେ ପରିବାର ଲୋକ ୨୭ ତାରିଖ ଦିନ ଯାଇ ଏକ ଲିଖିତ ଅଭିଯୋଗ ଜଣାଇଥିଲେ । ଘଟଣାକୁ ଆଜି ୯ ଦିନ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୂରିଓ ବଗର୍ତ୍ତୀ ଙ୍କ କୌଣସି ଖୋଜ ଖବର ନମିଳିବାରୁ କ୍ଷୋଭ ପ୍ରକାଶ କରି ପରିବାର ଲୋକ ଏବଂ ଗ୍ରାମବାସୀ ରବିବାର ଦିନ ଥାନାକୁ ଆସି ଉତ୍ତେଜିତ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ନିଖୋଜ ପୂରିଓ ଜଣେ ପେସାରେ ଟ୍ୟୁସନ ମାଷ୍ଟର ଗାଁର ଏବଂ ଆଖପାଖ ଅଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କୁ ଟ୍ୟୁସନ ପଢାଉଥିଲେ ଓ ଗାଁର ପ୍ରାଇମେରୀ ସ୍କୁଲର ଗୋଟିଏ କୋଠରୀରେ ରହିଆସୁଥିଲେ । ଗାଁର ନୀଳକଣ୍ଠ ଭୋଇ ଙ୍କ ନିଜ ଝିଅର ଫୋଟୋ କୁ ଏଡିଟ କରି ଭାଇରଲ କରୁଥିବା ପୂରିଓ ବଗର୍ତ୍ତୀ ଙ୍କ ଉପରେ ଝିଅର ବାପା ନୀଳକଣ୍ଠ ସଂନ୍ଦେହ କରିଥିଲେ । ତେବେ ଜାନୁଆରୀ ୨୬ ତାରିଖ ଦିନ ୨ଟା ସମୟରେ ନୀଳକଣ୍ଠ,ତାଙ୍କର ସ୍ତ୍ରୀ,ପୁତୁରା,ବଡ଼ ଜ୍ୱାଇଁ ଓ ଅନ୍ୟ ଗାଁର ଦୁଇ ଅପରିଚିତ ବ୍ୟକ୍ତିଙ୍କୁ ଆଣି ପ୍ରାଇମେରୀ ସ୍କୁଲ ଠାରେ ମାରପିଟ କରିଥିଲେ । ସେହି ଦିନ ଠୁ ହିଁ ପୂରିଓ ଗାଁରୁ ନିଖୋଜ ହୋଇଯାଇଛନ୍ତି । ସ୍କୁଲ ଠାରେ ମାରପିଟ କରିଥିବା ବେଳର ଭିଡ଼ିଓ ହାଇସ୍କୁଲ ରେ ଲାଗିଥିବା କ୍ୟାମେରା ରେ କଏଦ ହୋଇଛି ବୋଲି ପୂରିଓ ଙ୍କ ପରିବାର ଲୋକ କହୁଥିବା ବେଳେ ସ୍କୁଲର ଶିକ୍ଷକ ମାନେ କହୁଛନ୍ତି ହାର୍ଡିସ୍କ ଛୋଟିଆ ହୋଇଥିବାରୁ ଆମର ପାଞ୍ଚ ଦିନପରେ କ୍ୟାମେରାରେ କଏଦ ହୋଇଥିବା ଭିଡ଼ିଓ ଅଟୋମେଟିକ କଟିଯାଏ ବୋଲି କହିଛନ୍ତି । ପୋଲିସ ପୂରିଓ ଙ୍କ ମୋବାଇଲ ନମ୍ବର ଟ୍ରାକ କରୁଥିବା ବେଳେ ଖରିଆର ଛେଲିଆପଡ଼ା ଦେଖାଉଥିବା ଜଣାପଡିଛି । ତେବେ ୯ଦିନ ହେଲା ପୂରିଓ ଙ୍କ ଖୋଜ ଖବର ପରିବାର ଲୋକ ନପାଇବାରୁ ପୂରିଓ ଏବେ ଜୀବିତ ନାଁ ମୃତ ଏନେଇ ପୂରିଓ ଙ୍କ ପରିବାର ଲୋକଙ୍କ ମନରେ ନାଁନାଁ ପ୍ରକାରର ସଂନ୍ଦେହ ସୃଷ୍ଟି ହେଉଥିବା ଦେଖାଦେଉଛି । ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଗଲେ ରହସ୍ୟ ର ଗୁମର ଖୁବ ଶୀଘ୍ର ଖୋଲିଜିବ୍ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

# କମ୍ପ୍ୟୁଟର ସେଣ୍ଟରରେ ସରସ୍ୱତୀ ପୂଜା ଅନୁଷ୍ଠିତ



**ନିଆଳୀ,୧୦/୨(ନି.ପ୍ର):** ନିଆଳୀ ଦ୍ୱୀପାଞ୍ଚଳ କସର୍ଦା ସ୍ଥିତ ମହାତ୍ମା ଗାନ୍ଧୀ କମ୍ପ୍ୟୁଟର ସେଣ୍ଟର ଏବଂ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ତରଫରୁ ଭଗବତୀ ବାଗଦେବୀ ମା ସରସ୍ୱତୀ ଙ୍କୁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇ ଯାଇଛି । କର୍ତ୍ତା ରୂପେ ଅନୁଷ୍ଠାନ, ପ୍ରତିଷ୍ଠାତା ତଥା ଅଧକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ ପୁରୋହିତ ଉମେଶ ଚନ୍ଦ୍ର ପାଢ଼ୀ ଯଥାଧି ରେ ପୂଜାର୍ଚ୍ଚନା କରିଥିଲେ । ଅନୁଷ୍ଠାନ ର ସ୍ଥାୟୀ ସଭାପତି ସମାଜସେବୀ ପ୍ରସନ୍ନ ପାତ୍ର,କମ୍ପ୍ୟୁଟର ସେଣ୍ଟର ଅଧକ୍ଷ ନିର୍ମାଲ୍ୟ ବାରିକ,ମୋନାଲିସା ମୁଦୁଲି,ପ୍ରୀତି ରଞ୍ଜନ ସେନାପତି, ପ୍ରୀତି ପ୍ରଜ୍ଞା ପଟ୍ଟନାୟକ,ପ୍ରିୟଙ୍କା ସେନାପତି,ସୋନାଲି ବେହେରା, ଲକ୍ଷ୍ମୀପ୍ରିୟା ଜେନା,ଶଙ୍କର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# କୋଶଳାଞ୍ଚଳ କବିଙ୍କୁ ନେଇ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା



**ତୁଷୁରା, ୧୦/୨(ନି.ପ୍ର):** ଚତୁର୍ଥ ତୋଷାଳୀ ମହୋତ୍ସବ ଉପଲକ୍ଷେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତୁଷୁରାର ଅଡିଟୋରିୟମ ଠାରେ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ନିଷାନର ସଭାପତି ଡ. ଶ୍ୟାମ ସୁନ୍ଦର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଡଭେଲା ବିଡିଓ ରାମଦତ୍ତ ଭୋଇ ଯୋଗ ଦେଇ ୧୦ଟି ଜିଲ୍ଲାରୁ ଆସିଥିବା ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ତୁଳସୀ ଜୈନ ଯୋଗଦେଇ ସାହିତ୍ୟର ନବ ଜାଗରଣ ଯୁବ ସମାଜ ହାତରେ ନିର୍ଭର କରେ ବୋଲି ମତପୋଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜମଣି ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କୋସଲ ସାହିତ୍ୟ ଏକାଡ଼େମୀର ସଭାପତି ଡ. ଦେବେନ୍ଦ୍ର ନାଏକ, ଡ. ବନବାସ ମେହେର, ଡ. ସୁଧାଂଶୁ ମେହେର, ତୋଷାଳୀ ମହୋତ୍ସବ କମିଟିର ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆ, ଦେବବ୍ରତ ପାଣିଗ୍ରାହୀ ଓ ୟୁଥ୍ ଏକ୍ସନ୍ କମିଟୀ ସଭାପତି ଲିସନ କୁମାର ପ୍ରଧାନ ଯୋଗ ଦେଇଥିଲେ। ନିଷାନ୍ ସଂପାଦକ ଆଶୁକବି ଡ. ହେମନ୍ତ କୁମାର ଦାଶ ସଭା ସଞ୍ଚାଳନ କରିଥିଲେ ଓ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଆଶୁକବି ଡ. ଦାଶଙ୍କର ଏକପଦି କୋସଲି କବିତା ସଙ୍କଳନ 'ଭାବର୍ ମହକ୍'ସମେତ ରାଜୀବ ପଟେଲଙ୍କ କୋସଲି କବିତା ଝରନ୍ ଓ କୋସଲି କଥାନି ଝରନ୍, ଦେବାଶିଷ ମହାପାତ୍ରଙ୍କ ଇଂରାଜୀ ପୁସ୍ତକ ଓ ଗୌରାଙ୍ଗ ପାଣ୍ଡେଙ୍କ ନୂଆ ସକାଳ ପବ୍ଲିକେଶନର ଜାନୁଆରୀ ଏହିପରି ୫ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ଶମ୍ଭୁ ପ୍ରସାଦ ସାହୁଙ୍କୁ ସମ୍ମାନ ପତ୍ର ସହିତ ସମ୍ମାନିତ କରାଯାଇଥିଲା। ଏବଂ ସେନାନୀ ସମ୍ମାନ ରାମଦତ୍ତ ଭୋଇଙ୍କୁ ପ୍ରଦାନ କରାଯାଇଥିବା ବେଳେ ଉମା ଶଙ୍କର ସିଂଙ୍କୁ ସ୍ୱର୍ଗତ ରମେଶ ପ୍ରଧାନ ସ୍ମୃତି ସମ୍ମାନ, ରାଜମଣି ସାହୁ, ଡ. ଶ୍ୟାମ ସୁନ୍ଦର ପ୍ରଧାନ ଓ ଲିଲି ପଟେଲଙ୍କୁ ତୋଷାଳୀ ସାରସ୍ୱତ ସମ୍ମାନ, ଡ. ନିରଞ୍ଜନ ପଣ୍ଡା ଓ ଡ.ତନ୍ମୟୀ ଅଗସ୍ତିଙ୍କୁ ସିଆନି-ଗୁସିଆଁ ସମ୍ମାନ, ସୁଶାନ୍ତ ମିଶ୍ରଙ୍କୁ ବ୍ୟଙ୍ଗକବି ସମ୍ମାନ, ଡ. ବନବାସ ମେହେରଙ୍କୁ ନିଷାନ୍ ନାଟକ ସମ୍ମାନ, ସାବିତ୍ରୀ ସାହୁଙ୍କୁ ନିଷାନ୍ ଅଠାରି କବିତା ସମ୍ମାନ, ସରସ ପ୍ରଧାନ ଓ ଶମ୍ଭୁ ପ୍ରସାଦ ସାହୁଙ୍କୁ ନିଷାନ୍ ସାମ୍ବାଦିକ ସମ୍ମାନ, ଗୌରାଙ୍ଗ ପାଣ୍ଡେଙ୍କୁ କୋସଲି ଭାଷା ପ୍ରଚାରକ ସମ୍ମାନ ଓ କୋସଲି ଡେରା ପାଟଣାଗଡ଼କୁ ନିଷାନ୍ କଲାପଟା ସମ୍ମାନ ପ୍ରଦାନ କରାଯାଇଥିଲା। ନିଷାନ୍ କୁଟୁମ୍ ର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ସୁକିନ୍ଦା ଶିଳ୍ପ ମହୋତ୍ସବ ନେଇ ସାମ୍ବାଦିକ ସମ୍ମିଳନୀ

**ଦାନଗଦି ୧୦/୨(ନି.ପ୍ର):** ସୁକିନ୍ଦା ନିର୍ବାଚନ ମଣ୍ଡଳୀ ସଦାସର୍ବଦା ଓଡ଼ିଶାରେ ନିଜର ସ୍ୱତନ୍ତ୍ର ସ୍ଥାନ ରହିଛି। ସୁକିନ୍ଦା ବାସୀ ଙ୍କ ପାଇଁ କିଛି ନୂଆ କରିବା ପାଇଁ ସଦାସର୍ବଦା ଚେଷ୍ଟିତ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଯାହାର ଗୋଟିଏ ଛୋଟିଆ ଉଦାହରଣ ସୁକିନ୍ଦା ଶିଳ୍ପ ମହୋତ୍ସବ ର ପରିକଳ୍ପନା ଏହି ମହୋତ୍ସବ ଆସନ୍ତା ୪ ତାରିଖରେ ସୁକିନ୍ଦା ବାସୀ ଙ୍କର ମନୋରଞ୍ଜନ କରିବା ଆରମ୍ଭ ହେବାକୁ ଯାଉଅଛି। ପୂର୍ବରୁ ହୋଇଆସୁଥିବା କଳିଙ୍ଗନଗର ମହୋତ୍ସବ ର ନାମକୁ ପରିବର୍ତ୍ତନ କରି ନୂତନ ନାମରେ ସାରା ସୁକିନ୍ଦା ଏକତା ରେ ବାନ୍ଧି ରଖିବା ପାଇଁ ସୁକିନ୍ଦା ଶିଳ୍ପ ମହୋତ୍ସବ ର ପରିକଳ୍ପନା ବୋଲି ସୂଚନା ମିଳିଛି। ଆଜି ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଙ୍କ ପ୍ରତିନିଧି ତଥା ସୁକିନ୍ଦା ଶିଳ୍ପ ମହୋତ୍ସବ ର ସଭାପତି ପ୍ରସାନ୍ତ ରାୟ ଙ୍କ ଅଧେକତା ରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ରେ ଥିବା ସମସ୍ତ ସାମ୍ବାଦିକ ମାନଙ୍କୁ ଡାକି ସମସ୍ତ ଙ୍କ ସହଯୋଗ କାମନା କରିବା ସହିତ ମହୋତ୍ସବ କୁ ଶରଷ ସୁନ୍ଦର କରିବା ପାଇଁ ନିବେଦନ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ ରେ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମ ର ସାରାଂଶ କହିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆଜି ର ସାମ୍ବାଦିକ ସମ୍ମିଳନୀ ରେ ମହୋତ୍ସବ ର ଥିବା ୭୫ ଜଣିଆ କମିଟି ସହିତ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ମହୋତ୍ସବ କୁ ବହୁ ଓଲିଉଡ ଷ୍ଟାର ଓ ବଲିଉଡ ଫିଲ୍ମ ଷ୍ଟାର ଆସିବା ସହିତ ରାଜ୍ୟ ତଥା କେନ୍ଦ୍ରୀୟ ମନ୍ତ୍ରୀ ଙ୍କ ଆସିବା ର କାର୍ଯ୍ୟକ୍ରମ ରହିଛି। ଆଜି ର ସାମ୍ବାଦିକ ସମ୍ମିଳନୀ ରେ ସଭାପତି ପ୍ରସାନ୍ତ ରାୟ, ସଂପାଦକ ସୁଧାଂଶୁ ଭଞ୍ଜ, ସହ ସଂପାଦକ ବାବୁଲି ନାଟିଆ,କୋଷାଧକ୍ଷ ରମଣୀ ରଞ୍ଜନ ବଳସାମନ୍ତ , ପ୍ରତାପ ଧିର, ସଞ୍ଜୟ ମହାନ୍ତି, ଜଗବନ୍ଧୁ ଦାସ,ବଇନ ରାଉତ, ସ୍ମୃତି ରଞ୍ଜନ ଜେନା, କୃପାସିନ୍ଧୁ ସାମନ୍ତରାୟ ଓ ? ମାନସ ରଣା ଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

# ଧର୍ମାନ୍ତରୀକରଣର ପ୍ରୟାସ ଥାନାରେ ମାମଲା ୬ ଅଟକ

## ପ୍ରଲୋଭନ ଦେଖାଇ କରୁଥିଲେ ଖ୍ରୀଷ୍ଟଧର୍ମରେ ପରିବର୍ତ୍ତନ

**ବାସୁଦେବପୁର, ୧୦/୨(ନି.ପ୍ର):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ପରାପୋଖରୀ ଗ୍ରାମରେ ଏକ ଏକୋଇଶିଆ କାର୍ଯ୍ୟକ୍ରମରେ ପାଲା ପରିବେଷଣକୁ କେନ୍ଦ୍ର କରି ଉକ୍ତ ଗ୍ରାମର ଗ୍ରାମବାସୀମାନଙ୍କ ବିରୋଧ। ସୂଚନା ଅନୁଯାୟୀ ଉକ୍ତ କାର୍ଯ୍ୟକ୍ରମରେ ଆସିଥିବା ଗାୟକ ଏବଂ ତାଙ୍କ ସହଯୋଗୀ ପାଳିଆ ମାନେ ଖ୍ରୀଷ୍ଟ ଧର୍ମର ବୋଲି ଜଣାପଡ଼ିଛି। ଉକ୍ତ ପାଲା ପରିବେଷଣ କରିବା ସମୟରେ ଖ୍ରୀଷ୍ଟଧର୍ମ ବିଷୟରେ ଲୋକମାନଙ୍କୁ ବୁଝାଉଥିଲେ ଏବଂ ଧର୍ମାନ୍ତରୀକରଣ କରିବାକୁ ଚେଷ୍ଟା କରିଥିଲେ। ଏହି ଖବର ପାଇ ଉକ୍ତ ଗ୍ରାମର ସମସ୍ତ ଯୁବକ, ବୟସ୍କ ସମସ୍ତେ ଆସି ବିରୋଧ କରିଥିଲେ। ସୂଚନା ଅନୁଯାୟୀ ଉକ୍ତ ଗ୍ରାମରେ ପାଲା କରାଉଥିବା ବ୍ୟକ୍ତିଙ୍କ ନାମ ଶିବ ପ୍ରସାଦ ଜେନା। ଉକ୍ତ ବ୍ୟକ୍ତି ଜଣକ ୧୩ ବର୍ଷ ହେବ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବା ଗ୍ରାମବାସୀମାନେ ମତ ପୋଷଣ କରିଛନ୍ତି। ଏହି ପରି ଭାବରେ ବାରମ୍ବାର ଖ୍ରୀଷ୍ଟଧର୍ମରେ ଲୋକମାନଙ୍କୁ ପ୍ରବର୍ତ୍ତିତ କରିଆସୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀମାନେ ବିରୋଧ କରିଥିଲେ ଏବଂ ଗ୍ରାମବାସୀମାନେ କସିଆ ସାମୁଦ୍ରିକ ଥାନା କୁ ଖବର କରିଥିଲେ,ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖ୍ରୀଷ୍ଟଧର୍ମ ପ୍ରଚାର କରୁଥିବା ଏବଂ ଧର୍ମାନ୍ତରୀକରଣ କରିବାକୁ ଚେଷ୍ଟା କରୁଥିବା ୬ ଜଣ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି । ପରେ ସମସ୍ତ ଗ୍ରାମବାସୀମାନେ ଉକ୍ତ ବ୍ୟକ୍ତି ମାନଙ୍କ ନାମରେ ଏବଂ ଶିବ ପ୍ରସାଦ ଜେନାଙ୍କ ନାମରେ କସିଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# କଳାହାଣ୍ଡି ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା

## ପୂର୍ବ ସରକାରଙ୍କୁ ଦୋଷଦେଇ ହାତଟେକି ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ



**କେସିଙ୍ଗା,୧୦/୨(ନି.ପ୍ର):** କଳାହାଣ୍ଡିରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଗଣମାଧମ ପ୍ରଶ୍ନ ରେ ପୂର୍ବ ସରକାର ଙ୍କୁ ଦୋଷ ଦେଇ ହାତ ଟେକିଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼.ମୁକେଶ ମହାଲିଙ୍ଗ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଏକ ଦିନିକିଆ ବଲାଙ୍ଗୀରର ବିଭିନ୍ନ ଅଞ୍ଚଳ ଗସ୍ତରେ ଯାଉଥିବା ବେଳେ କେସିଙ୍ଗା ବିଜେପି ଦଳ ତରଫରୁ ତାଙ୍କୁ କେସିଙ୍ଗା ଠାରେ ସ୍ୱାଗତ କରିଥିଲେ ଓ କିଛି ସମୟ ପାଇଁ ସ୍ଥାନୀୟ ଏନଏସି ଗେଷ୍ଟ ହାଉସ ଠାରେ କଳାହାଣ୍ଡି ତଥା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଅଭାବ ସାଙ୍ଗକୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା କୁ ନେଇ ଆଲୋଚନା କରିଥିଲେ । କଳାହାଣ୍ଡି ର ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ଅଭାବ ସହିତ ଅନେକ ଆନୁସଙ୍ଗିକ ଅସୁବିଧା ରହିଛି, ସରକାର ଙ୍କ ତ୍ରୁଟି ଯୋଗୁଁ ସଫେଇ ଟେଣ୍ଡର ବାତିଲ ହୋଇ ଦୀର୍ଘ ଦିନ ହେଲେ ମଧ୍ୟ ଟେଣ୍ଡର କରାଯାଉ ନାହିଁ ଫଳରେ ସଫେଇ କାର୍ଯ୍ୟ ବିପର୍ଯ୍ୟସ୍ତ ହୋଇପଡିଛି । ମେଡିକାଲ କଲେଜରେ ସର୍ଜରୀ ବିଭାଗ ର ଏକ ଗୁରୁତ୍ୱ ପୂର୍ଣ୍ଣ ମେସିନ ପଡିପଡ଼ି ଖରାପ ହୋଇଯିବା,କେସିଙ୍ଗା ଡାକ୍ତରଖାନାରେ ଡାକ୍ତର ଅଭାବ ସତ୍ୱେ ଡାକ୍ତର ମାନେ ରୋଟେସନରେ କାର୍ଯ୍ୟ କରୁଥିବା ଓ କେସିଙ୍ଗା ଡାକ୍ତରଖାନା ବର୍ତ୍ତମାନ ଏକ ରେଫର ସେଣ୍ଟର ରେ ପରିଣତ ହୋଇଛି ତା ଦ୍ୱାରା ଅନେକ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି ବିଭିନ୍ନ ଗଣମାଧମ ପ୍ରତିନିଧି ମାନେ ପ୍ରଶ୍ନ କରିବାରୁ ମନ୍ତ୍ରୀ କିଛି ସମୟ ପାଇଁ ବ୍ୟତିବ୍ରସ୍ତ ହୋଇପଡ଼ିଥିଲେ ଓ଼ ନିଜ ଦଳର ହୋଇ ଆପଣ ମାନେ ବିରୋଧି ବିଜେଡି ଦଳର ଲୋକଙ୍କ ଭଳି ପ୍ରଶ୍ନ କରୁଛନ୍ତି ବୋଲି କହିଥିଲେ । ତେବେ ଏମାନେ ଦଳୀୟ କର୍ମୀ ନୁହଁନ୍ତି ଏମାନେ ଗଣମାଧମ ପ୍ରତିନିଧି ବୋଲି ଦଳୀୟ ସ୍ଥାନୀୟ ନେତା ମାନେ କହିବାରୁ କେସିଙ୍ଗା ଡାକ୍ତରଖାନା ପାଇଁ ବର୍ତ୍ତମାନ ଆମେ ଜଣେ ମେଡ଼ିସିନ ସ୍ପେଶାଲିଷ୍ଟ ଙ୍କୁ ଦେଇଛୁ ଏବଂ କିଛିଦିନ ମଧ୍ୟରେ ୩୫୦୦ ପାରା ମେଡିକାଲ ଷ୍ଟାପ ଓ଼ ୫୫୦୦ ଡାକ୍ତର ନିଯୁକ୍ତି ଦେବାପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ଆମେ ୬ ମାସ ର ସରକାର ୨୪ ବର୍ଷ ର ବିଜେଡି ସରକାର ସବୁ ବର୍ବାଦ କରିଦେଇଛି ବୋଲି କଥାକୁ ଏଡାଇ ଦେଇଥିଲେ । ତେବେ ଆଗରୁ ମଧ୍ୟ ପୂର୍ବ ସରକାର ଓ଼ ବର୍ତ୍ତମାନ ର ଡବଲ ଇଞ୍ଜିନ ସରକାର ତରଫରୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଅନେକ ପ୍ରତିଶୃତି ମିଳିଛି ହେଲେ ଫଳାଫଳ ଶୂନ୍ୟ ଥିବା ଦେଖିବାକୁ ମିଳିଥିବା ବେଳେ ଆଗକୁ କେବେ କାର୍ଯ୍ୟକାରୀ ହେବ ଓ଼ ଲୋକେ ଠିକଭାବେ ସ୍ୱାସ୍ଥ୍ୟ ସେବା ପାଇବେ ତାହା ଦେଖିବାକୁ ବାକି ରହିଲା । ଏହି ଆଲୋଚନାରେ ଜିଲ୍ଲା ସଭାପତି ଯୁଗଲ ପୋଦ୍ଦ, କେସିଙ୍ଗା ସହର ସଭାପତି ମଗନ ସିନ୍ଧୁର, ମୁକେଶ ଅଗ୍ରୱାଲ, ସରିତା ସିନ୍ଧୁର, ସନ୍ତୋଷ ଦାସ, ପ୍ରଶାନ୍ତ ବାନାର୍ଜୀ, ପ୍ରତାପ ବାଗ, ନିତ୍ୟାନନ୍ଦ ସାହୁ,ଅରୁଣ ଅଗ୍ରୱାଲ, କୈଳାଶ ଜୈନ, ପ୍ରମୁଖ ଙ୍କ ସହ ସ୍ଥାନୀୟ ବିଜେପି ଦଳୀୟ ନେତା,କର୍ମୀ ଓ଼ ଅନେକ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ ।

# ସୁକିନ୍ଦା, ଦାନଗଦି,ବ୍ୟାସନଗର ତହସିଲଦାରଙ୍କ ଛତ୍ରଛାୟା ତଳେ ମାଙ୍କଡ଼ା ମାଫିଆ !

## ପୋଲିସ,ତହସିଲଦାର ଓ ଲଘୁ ଖଣିଜ ବିଭାଗ ସଫାସୁତୁରା ରେ ଲଘୁ ଖଣିଜ ପଦାର୍ଥ ହରି ଲୁଟ



**ଯାଜପୁର, ୧୦/୨(ନି.ପ୍ର):** ରାଜ୍ୟ ସରକାର ପରିବର୍ତନ ହେବା ପରେ ବ୍ୟବସ୍ଥା ପରିବର୍ତ୍ତନ ହେବାର ନାରା ଦେଉଥିବା ଜନ ପ୍ରତିନିଧି ମାନେ ଏବେ ରାଜସ୍ୱ ଲୁଟ କୁ ପ୍ରୋତ୍ସାହନ ଦେଉଛନ୍ତି ।ଦୈନିକ ହଜାର ହଜାର କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ ହେଉଥିଲେ ବି ଆଖୁ ଥାଇ ଅନ୍ଧ ହେବାର ଅଭିନୟ କରନ୍ତି ଦାଇତ୍ୱ ରେ ଥିବା ଆଧିକାରୀ ମାନେ ।ଚୋରି ରୋକିବା ପାଇଁ ଲଘୁ ଖଣିଜ ବିଭାଗ କୁ ସରକାର ଦାଇତ୍ୱ ନ୍ୟସ୍ତ କରିବା ତାହା କେବଳ ଧର୍ମକୁ ଆଖି ଠାର ସଦୃଶ ହୋଇଛି ।ମାଙ୍କଡ଼ା,ମରୋମ ଚୋରା ଚାଲାଣ ଏବେ ରାଜ୍ୟ ସରକାରଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଦାଇତ୍ୱ ରେ ଥିବା କିଛି ଅସାଧୁ ଭ୍ରଷ୍ଟ ଅଧିକାରୀ ଙ୍କ ଯୋଗୁଁ ରାଜ୍ୟ ରାଜସ୍ୱ ଏବେ ହରି ଲୁଟ ହେଉଛି ।ଅଥଚ ନାଭିରେ ଜଡ଼ା ତେଲ ମାରି ଘୁମାଉଛନ୍ତି ବିଭାଗୀୟ ମନ୍ତ୍ରୀ ଓ ସଚିବ। କୋଟି କୋଟି ଟଙ୍କାର ମାଙ୍କଡ଼ା ଚୋରି ହେଉଥିଲେ ବି ନା ଖାଦାନରେ କେବେ ହେଲେ ଚଢ଼ାଉ ହେଉନି କି ଗାଡି ଗୁଡିକୁ କେବେ ଧରା ଯାଉନି ।ମାଙ୍କଡ଼ା ମାଫିଆ ଏବଂ ବନ ବିଭାଗ ଅଧିକାରୀଙ୍କ ଲୁଚକାଳୀ ପ୍ରେମ ପାଇଁ ଯିଏ ଯେଉଁଠି ପାଇଲା ମନଇଚ୍ଛା ପୋଖରୀ ଖୋଳା ନାଁରେ ତାଡି ପକାଇ ମୋରମ କୁ ବିକ୍ରି କଲା ଏବଂ ମାଙ୍କଡ଼ା ପଥର କୁ ବି ବାହାରକୁ ଚାଲାଣ କଲା। ଆଖି ସାମ୍ନା ରେ ଲୁଟ ହେଉଥ?ବା ସରକାରୀ ରାଜସ୍ୱ କୁ ଦାଇତ୍ୱ ରେ ଥ?ବା ଅଧିକାରୀ ମାନେ ଖୋଲା ଖୋଲି ସହଯୋଗ କରୁଥିବା ପରି ପରିଲକ୍ଷିତ ହୋଇଛି ।ଯାହା ଫଳରେ ମାଫିଆ ମାଲେ ମାଲେ ସରକାର ବେହାଲ ।ମାଙ୍କଡ଼ା,ମରୋମ ଚୋରା ଚାଲାଣ ନେଇ ଲଗାତାର ଖବର ପରିବେଷଣ କରାଯାଉଛି ହେଲେ ଏହାକୁ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ସଚିବ ଙ୍କୁ କୌଣସି ପ୍ରକାରର ପ୍ରଭାବିତ ହୋଇନଥିବା ପରି ପରିଲକ୍ଷିତ ହୋଇଛି। ସୂଚନା ମୁତାବକ ଢେଙ୍କାନାଳ ଜିଲ୍ଲା ରେ ଥିବା ଏକାଧିକ ବେଆଇନ ମାଙ୍କଡ଼ା ପଥର ଖଣିରୁ ପ୍ରତିଦିନ ଏକାଧିକ ମାଙ୍କଡ଼ା ପଥର ବୋଝେଇ ଗାଡ଼ି ସୁକିନ୍ଦା ବ୍ଲକ ଦେଇ ଦାନଗଦି ବ୍ଲକ ଓ ବ୍ୟାସନଗର ମୁନିସିପାଲିଟି ର ବିଭିନ୍ନ ସ୍ଥାନମାନଙ୍କରେ ପଥର ପକାଇ ଥିବା ବେଳେ ସୁକିନ୍ଦା ବ୍ଲକ ଠାରୁ ବ୍ୟାସନଗର ମୁନିସିପାଲିଟି ପର୍ଯ୍ୟନ୍ତ ଏକାଧିକ ଥାନା, ତହସିଲ ଓ ବନବିଭାଗ ର ଅଧିକାରୀ ଙ୍କ ସହଯୋଗ ରେ ଚାଲୁଥିବା କଥା ସାଧାରଣ ରେ ଆଲୋଚନା ହେଉଛି। ଠିକ୍ ସେହିପରି ଢ଼େଙ୍କାନାଳ ଜିଲ୍ଲା ଲଘୁ ଖଣିଜ ବିଭାଗ ଓ ଯାଜପୁର ଜିଲ୍ଲା ଲଘୁ ଖଣିଜ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ। ଏହା ର ଫାଇଦା ନେଇ ମାଙ୍କଡ଼ା ପଥର ମାଫିଆ ମାନେ ରାଜସ୍ୱ ଲୁଟ କରୁଛନ୍ତି। ଏଥି ସହିତ ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅଧିନ ବୈରୀ ରେଞ୍ଜ ଅନ୍ତର୍ଗତ ସୋଲର ରାଜସ୍ୱ ନିରୀକ୍ଷକ ଅଧିନସ୍ଥ ବାଘୁଆ ମୌଜା ରୁ ଦୈନିକ ଶହ ଶହ ଟ୍ରିପ ମାଙ୍କଡ଼ା ଚୋରା ଚାଲାଣ ହେଉଥିବା ବେଳେ ଦିବାଲୋକରେ ଢେଙ୍କାନାଳ ଅଞ୍ଚଳ ରୁ ମାଙ୍କଡ଼ା ମାଫିଆ ମାନେ ଜଙ୍ଗଲ ଏବଂ ଗୋଚର କିସମ ଜମି ରୁ ବେଧଡକ ମାଙ୍କଡ଼ା ପଥର ତାଡି ଜିଲ୍ଲା ଭିତରେ ଓ ବାହାରେ ଚାଲାଣ କରୁଥିବା ଦେଖିବାକୁ ମିଳିଛି । ତୁରନ୍ତ ରାଜ୍ୟ ସରକାର ?ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

# କଳିଙ୍ଗନଗର ରେ ଥିବା ଜଟିଆ ଷ୍ଟିଲ କାହା ସ୍ୱାର୍ଥରେ !



**କଳିଙ୍ଗନଗର ୧୦/୨(ନି.ପ୍ର):** ଯାଜପୁର ଜିଲ୍ଲା ରେ ଥିବା ଏକାଧିକ ଶିଳ୍ପ ନିଜର କାରଖାନା କୁ ସ୍ଥାପନ ସମୟରେ ସରକାରୀ ନୀୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରିବା, ପ୍ରଦୂଷଣ ନିୟନ୍ତ୍ରଣ କରିବା, ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ୟା କୁ ସମାଧାନ କରିବା ପାଇଁ ପ୍ରତିଶୃତି ଦେଇ କାରଖାନା ସ୍ଥାପନ କରିବା ପରେ ସରକାରୀ ଙ୍କ କିଛି ଭ୍ରଷ୍ଟ ସରକାରୀ ଅଧିକାରୀ ଙ୍କୁ ହାତ କରିବା ପରେ କାରଖାନା ସ୍ଥାପନ ସମୟରେ ଦେଇଥିବା ପ୍ରତିଶୃତି କୁ ଗୋଇଠା ମାରି ନିଜର ଦବଦବା ଜାହିର କରନ୍ତି। ଏହି ପରିପ୍ରେକ୍ଷିରେ କଳିଙ୍ଗନଗର ରେ ଥିବା ଏକାଧିକ କାରଖାନା ଆସୁଥିବା ବେଳେ ୨୯.୦୪.୨୦୨୩ ରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ କରିଥିବା ଜଟିଆ ଷ୍ଟିଲ କୁ ଦେଖିଲେ ଲାଗୁଛି ଜଟିଆ ଷ୍ଟିଲ କଳିଙ୍ଗନଗର ରେ ଥିବା ଜଖପୁରା ମୋଉଜା ରୁ ୪୪ ଏକର ଜମି ରେ ନିଜର କାରଖାନା ସ୍ଥାପନ କରିବା ୨୨୦ କୋଟି ଟଙ୍କାର ପ୍ରୋଜେକ୍ଟ ହୋଇଥିବା ବେଳେ ୨୧୦ ଜଣ ଙ୍କ ପ୍ରତ୍ୟେକ ଭାବରେ ନିଯୁକ୍ତି ପ୍ରଦାନ କରିବା ପାଇଁ କାର୍ଯ୍ୟ ନିର୍ବାହୀ ସାରାଂଶ ରେ ସ୍ପଷ୍ଟୀକରଣ ରଖିଥିଲେ। ମାତ୍ର କାର୍ଯ୍ୟ ଆରମ୍ଭ କରିବା ପରେ ସ୍ଥାନୀୟ ଅଞ୍ଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିନଥିବା ସହିତ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଯୁବତୀ ମାନଙ୍କ ଅଣଦେଖା କରି ବାହାରୁ ନିଯୁକ୍ତି ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ତାହା ସହିତ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରେ ମୋଟ ଜମି ର୩୦% ଜମି ରେ ଜଙ୍ଗଲ ସୃଷ୍ଟି କରିବା ପାଇଁ କହିଥିବା ବେଳେ ବର୍ତମାନ ସୁଧା ସେପରି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଯାହା ଫଳରେ ସାଧାରଣ ଲୋକଙ୍କ ଜୀବନ ବିପଦାପନ୍ନ ଆଡକୁ ଗତି କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ଜଟିଆ ଷ୍ଟିଲ କଳିଙ୍ଗନଗରର ପ୍ରକଳ୍ପ ଆରମ୍ଭରୁ ଜଦି ଏପରି କାର୍ଯ୍ୟ କରୁଅଛି। ତେବେ ଭବିଷ୍ୟତ ରେ ସରକାର ଓ ସାଧାରଣ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ପଛଘୁଞ୍ଚା ଦେବୁନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

# କୁଟେଢେଗା ହାଇସ୍କୁଲର ବାର୍ଷିକ ଉତ୍ସବ ପାଳିତ ଓ ପୁରସ୍କାର ବିତରଣ



**ବଣାଇ,୧୦/୨(ନି.ପ୍ର):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ କୁଟେଢେଗା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଠାରେ ରବିବାର ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁଙ୍କ ଅଧକ୍ଷତାରେ ସଭାର ଆୟୋଜନ ହୋଇଥିଲା । ଏହି ସଭାରେ ମୁଖ୍ଯ ଅତିଥି ଭାବରେ କୁଟେଢେଗା ସରପଞ୍ଚ ଲିଜା ନାଏକ ଯୋଗ ଦେଇ ଥିବା ବେଳେ ମୁଖ୍ଯ ବକ୍ତା ଭାବରେ ଏବିଇଓ କପିଳ ଚନ୍ଦ୍ର ଦାସ,ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ନଳିନୀ ବଢେକ,ସ୍କୁଲ କମିଟିର ସଭାପତି ଝିରମତି ପଟେଲ,ସିଆରସିସି ଭବାନୀ କାଲୋ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତି ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ବାସନ୍ତି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ,ସ୍କୁଲ କମିଟି ଓ ଗ୍ରାମ ବାସି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ ।

## ସମ୍ପାଦକୀୟ...

# କ୍ରିକେଟପ୍ରେମୀ ନିରାଶ

ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଦେଖିବାକୁ ଗଲେ ବାରବାଟୀରେ ଟେଷ୍ଟ ମ୍ୟାଚ ପାଇଁ ଅନୁମତି ମିଳୁନି। ବହୁ ବ୍ୟବଧାନରେ ଗୋଟିଏ କି ଦୁଇଟି ଦିନିକିଆ ଓ ଟି୨୦ ମ୍ୟାଚ ମିଳୁଛି। ଦୀର୍ଘ ୬ ବର୍ଷ ପରେ ବାରବାଟୀକୁ ଫେରିଛି ଦିନିକିଆ କ୍ରିକେଟ। ଏପରିକି ୩ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ। ଶେଷ ଥର ପାଇଁ ୨୦୨୨ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚକୁ ୪ ଉଇକେଟରେ ହାରି ଯାଇଥିଲା ଭାରତ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚକୁ ନେଇ ପ୍ରସଂଶକଙ୍କ ମଧ୍ୟରେ ଉତ୍ସାହ ପ୍ରବଳ।

ବାରବାଟୀ ଦିନିକିଆରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର । ଦ୍ୱିତୀୟ ଥର ପାଇଁ ଓସିଏ ମହିଳାଙ୍କ ପାଇଁ ଏହି ସ୍ୱତନ୍ତ୍ର ବ୍ୟବସ୍ଥା କରିଛି । ଫେବ୍ରୁଆରୀ ୫ ତାରିଖ ଦିନ ଅଫଲାଇନ ଟିକେଟ ବିକ୍ରି ଆରମ୍ଭ ହୋଇଛି । କିଭଳି ସୁବିଧାରେ ଟିକେଟ ପାଇବେ ସେଥିପାଇଁ ଷ୍ଟାଡିୟମରେ ଥିବା କାଉଣ୍ଟରରେ ୩ଟି ଧାଡିରେ ଲମ୍ବା ଲାଇନ୍‌ରେ କ୍ରିକେଟ୍ ପ୍ରେମୀ ଛିଡା ଟିକେଟ୍ ସଂଗ୍ରହ କରିଛନ୍ତି। ମହିଳାଙ୍କ କାଉଣ୍ଟରରେ ବି ଏହି ବ୍ୟବସ୍ଥା କରାଯାଇଛି। ଜଣକୁ ଦିଆଯିବ ସର୍ବାଧିକ ୨ଟି ଟିକେଟ। ଅଫଲାଇନରେ ଏଥର ୧୧ ହଜାର ଟିକେଟ ବିକ୍ରି ହେବ। ଶାନ୍ତି ଶୃଙ୍ଖଳାର ସହ ଟିକେଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଥିବା ଓସିଏ ପକ୍ଷରୁ କୁହାଯାଇଛି। ଶେଷ ଥର ପାଇଁ ୨୦୧୭ରେ ଉଭୟ ଭାରତ ଓ ଇଂଲଣ୍ଡ ବାରବାଟୀରେ ସାମ୍ନାସାମ୍ନି ହୋଇଥିବା ବେଳେ ଭାରତ ୧୫ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଯୁବରାଜ ସିଂ କ୍ୟାରିୟର ଶ୍ରେଷ୍ଠ ୧୫୦ ରନ କରିଥିବା ବେଳେ ମହେନ୍ଦ୍ର ସିଂ ଧୋନୀ ୧୩୪ ରନ କରିଥିଲେ। ଭାରତ ପ୍ରଥମେ ବ୍ୟାଟିଂ କରି ୩୮୧ ରନ ସ୍କୋର କରିଥିବା ବେଳେ ଇଂଲଣ୍ଡ ୮ ଉଇକେଟ ହରାଇ ୩୬୬ ରନ କରିଥିଲା। ଉକ୍ତ ମ୍ୟାଚରେ ଭାରତୀୟ ଦଳର ସଦସ୍ୟ ରହିଥିବା ଖେଳାଳିଙ୍କ ମଧ୍ୟରୁ ବିରାଟ କୋହଲି, ଯଶପ୍ରୀତ ବୁମରା, ହାର୍ଦ୍ଦିକ ପାଣ୍ଡ୍ୟା, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଭାରତୀୟ ଦଳରେ ସାମିଲ ଅଛନ୍ତି। ଅନ୍ତର୍ଜାତୀୟ ତାରକାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିତରେ କ୍ରେଜ । ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଫ୍ୟାନ ବୋଧହୁଏ ଶେଷଥର ପାଇଁ ଓଡିଶାରେ ତାଙ୍କୁ ଦେଖିବାକୁ ସୁଯୋଗ ପାଇବେ। ତେବେ ସୋମବାର ଓସିଏ ସହ ଅନୁବନ୍ଧିତ ଥିବା ସବୁ ସଂଗଠନ ଗୁଡିକ ଆସି ଟିକେଟ ନେଉଛନ୍ତି। ସବୁ ଜିଲ୍ଲା ପାଇଁ ୯ ହଜାର ଟିକେଟ ରହିଛି । ରବିବାର ୪ ହଜାର ଟିକେଟ ୧ ମିନିଟରେ ଶେଷ ହୋଇଥିଲା। ଆହୁରି ୬୦ ହଜାର ଲୋକ କ୍ୟୁରେ ରହିଥିଲେ। ତେଣୁ ଲୋକଙ୍କ ଏତେ କ୍ରେଜ ରହିଛି ଅଫଲାଇନ ଟିକେଟ ବିକ୍ରି ଓସିଏ ପାଇଁ ଚିନ୍ତାର କାରଣ। ଦୀର୍ଘଦିନର ବ୍ୟବଧାନ ପରେ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ୍ ଅନୁଷ୍ଠିତ ହେଉଥିବାରୁ କ୍ରିପେଟ୍‌ପ୍ରେମୀଙ୍କ ଆଗ୍ରହ ରହିବା ସ୍ୱାଭାବିକ କଥା। ତେଣୁ ସମସ୍ତଙ୍କ ଆଗ୍ରହକୁ ସମ୍ମାନ ଦେଇ ଓସିଏ ଟିକେଟ୍ ବଣ୍ଟନରେ ସ୍ୱଚ୍ଛତା ରଖିବାକୁ ଅନୁରୋଧ। ମାତ୍ରାଧିକ ଟିକେଟ ପାଶରେ ବଣ୍ଟା ଯାଉଥିବା କାରଣରୁ ଅଧିକାଂଶ କ୍ରିକେଟ୍‌ପ୍ରେମୀ ଟିକେଟ୍ ପାଇବାରେ ଅସୁବିଧା ସୃଷ୍ଟି ହେବ। କାରଣ ଆମ ରାଜ୍ୟ କ'ଣ ଭାରତବର୍ଷରେ ବଡବଡିଆ ସୁବିଧା ହାତେଇବାରେ ଓସ୍ତାଦ୍। ଖେଳପ୍ରତି ଆଗ୍ରହ ନଥିବା ପରିବାର ଲୋକଙ୍କୁ ଟିକେଟ୍ ପାସ୍ ହାତେଇ ଷ୍ଟାଡିୟମ୍‌ରେ ମ୍ୟାଚ୍ ବସି ଦେଖିବାକୁ ଅନେକ ବ୍ୟକ୍ତି ଏହାକୁ ସମ୍ମାନର ବିଷୟ ଭାବେ ଗ୍ରହଣ କରୁଥିବାରୁ ଷ୍ଟାଡିୟମ୍‌ରେ ବସି ଦେଖିବାର ଆଶା ବାସ୍ତବ କ୍ରିକେଟପ୍ରେମୀଙ୍କ ପୂରଣ ହେବ ନାହିଁ। ସେମାନେ ନିରାଶ ହେବେ।

# କୁମ୍ଭ ମେଳାର ରାଜନୀତିକରଣ !

**ଅସିତ ମହାନ୍ତି**

ଯେଉଁମାନେ ଆମ ଦେଶ ଏବଂ ହିନ୍ଦୁ ଧର୍ମ ବିଷୟରେ ଅଧିକ ଜାଣନ୍ତି ନାହିଁ, କୁମ୍ଭ ମେଳା ବିଷୟରେ ଶୁଣିବା ଦ୍ୱାରା ସେମାନଙ୍କର ଆଖି ଖୋସି ହୋଇଯାଉଛି । ସେଠାକାର ଦୃଶ୍ୟ ଦେଖି ଜଣେ ବିଶ୍ୱାସ କରିପାରିବ ନାହିଁ ଯେ, ଗୋଟିଏ ସ୍ଥାନରେ ୧୦ କୋଟିରୁ ଅଧିକ ଜନତା ଦୁନିଆର ଗୋଟିଏ ମେଳାରେ ଏକତ୍ରିତ ହୋଇଛନ୍ତି । ଏପରି ଏକ ବଡ ଭିଡ଼, ଆପଣ ଏହାକୁ କଳ୍ପନା କରିପାରିବେ ନାହିଁ । କେବଳ ଦେଶ ନୁହେଁ ବରଂ ପୁରା ଦୁନିଆରୁ ଲୋକମାନେ ଏହି କୁମ୍ଭ ମେଳାରେ ପହଞ୍ଚିଛନ୍ତି । ଏହି ମେଳାରେ ସମସ୍ତ ବ୍ୟବସ୍ଥା ପାଇଁ ୪୫ ଦିନରେ ୭୫୦୦ କୋଟି ଟଙ୍କା ଖର୍ଚ୍ଚ ହେଲାପରେ ମଧ୍ୟ ମେଳାରେ ଠେଲାପେଲା , ଧକ୍କା ମୁକ୍କା ପରି ମାମଲା ସାମ୍ନାକୁ ଆସିଛି । ନିକଟରେ ମୌନି ଅମାବାସ୍ୟା ଦିନ ଘଟିଥିବା ହୃଦୟ ବିଦାରକ ଘଟଣା କେବଳ ସେହିମାନଙ୍କ ଦ୍ୱାରା ଅନୁମାନ କରାଯାଇପାରିବ ଯେଉଁମାନେ ଏହି ଦୃଶ୍ୟକୁ ଦେଖିଥିଲେ ।

ନିଜର ଲୋକମାନଙ୍କୁ ହରାଇବାର ଦୁଃଖ ଯାହା ବର୍ଣ୍ଣନା କରାଯାଇପାରିବ ନାହିଁ । ସରକାରୀ ହିସାବ ଅନୁଯାୟୀ କେବଳ ୩୦ ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନେକ କ୍ଷତ ବିକ୍ଷତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବୋଲି କୁହାଯାଇଛି । କିନ୍ତୁ ଚିନ୍ତାର ବିଷୟ ହେଉଛି ବର୍ତ୍ତମାନ ପର୍ଯ୍ୟନ୍ତ ମୃତ୍ୟୁ ହୋଇଥିବା ୩୦ ଜଣ ଶ୍ରଦ୍ଧାଳୁଙ୍କ ସୂଚୀ ବାହାର କରାଯାଇ ନାହିଁ, ଯାହା ଫଳରେ ସେମାନେ କିଏ ପ୍ରାଣ ହରାଇଛନ୍ତି ସେମାନଙ୍କ ପ୍ରମାଣ ମିଳୁ ନାହିଁ । ତେଣୁ ଏହା ସ୍ପଷ୍ଟ ଯେ , ଅନେକ ତଥ୍ୟକୁ ଲୋକଲୋଚନକୁ ଆସିବାକୁ ଦିଆଯାଉ ନାହିଁ । ଯେଉଁଦିନ ଏହି ଘଟଣା ଘଟିଥିଲା , ଅର୍ଥାତ ରାତି ୨ ଟାରୁ ନେଇ ପର ଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ତଥ୍ୟକୁ ଗଣମାଧ୍ୟମରେ ପ୍ରକାଶ କରାଯାଇନଥିଲା । ଏହା ସେତେବେଳେ ଜଣା ପଡିଥିଲା, ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ଗୃହ ମନ୍ତ୍ରୀ ସେମାନଙ୍କର ଏକ୍ସ ହାଣ୍ଡଲରେ ମୃତ୍ୟୁ ହୋଇଥିବା ଶ୍ରଦ୍ଧାଳୁଙ୍କ ପାଇଁ ଶୋକ ପ୍ରକାଶ କରିଥିଲେ । ତେଣୁ ଏହି ଘଟଣା ବିଷୟରେ ପୁରା ଦେଶରେ ଏବଂ ବାହାରେ ରହିଥିବା ଲୋକମାନଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଉଠିଛି । ସାମାଜିକ ଗଣ ମାଧ୍ୟମରେ ଏହି ଘଟଣାର ଅନେକ ଲାଇଭ ଚିତ୍ର ଏବଂ ଘଟଣା ସମୟରେ ଉପସ୍ଥିତ ଜନତାଙ୍କ ସହିତ ସାକ୍ଷାତକାର ଏବଂ ଷ୍ଟିଙ୍ଗ ଅପରେସନ ଦ୍ୱାରା ଅନେକ ସତ୍ୟତା ସାମ୍ନାକୁ ଆସିଛି ।

ପ୍ରଥମ ବିଷୟ ହେଉଛି , ଏତେ ବଡ ଜନସମାଗମରେ ଯେଭଳି ଭାବରେ ଭିଆଇପି ସଂସ୍କୃତିକୁ ପ୍ରାଧାନ୍ୟ ଦେବା ଏବଂ ସାଧାରଣ ଜନତାଙ୍କୁ ପୋକ ମାଛି ପରି ଦେଖିବା, ଆଜି ଗୋଟିଏ ବଡ ପ୍ରଶ୍ନ ହୋଇଛି । ଦ୍ୱିତୀୟ ବିଷୟ ହେଉଛି , ସାମାଜିକ ଗଣମାଧ୍ୟମରେ ଗୋଟିଏ ଭିଡ଼ିଓ ଭାଇରଲ ହୋଇଛି, ଏହି ଭିଡ଼ିଓଟି କୌଣସି ସାଧାରଣ ନୁହେଁ, ବରଂ ପ୍ରୟାଗରାଜର ଯିଏ କମିଶନର ବିଜୟ ବିଶ୍ୱାସ ପନ୍ଥ ଅଟନ୍ତି। ଏହି ଭିଡ଼ିଓରେ ସେ କହୁଛନ୍ତି, 'ସମସ୍ତ ଶ୍ରଦ୍ଧାଳୁମାନେ ଶୁଣି ନିଅନ୍ତୁ, ଏଠାରେ ଶୋଇ ରହିଲେ କୌଣସି ଲାଭ ନାହିଁ । ଯିଏ ଶୋଇ ରହିବ , ସିଏ ହରାଇବ । ଉଠନ୍ତୁ, ଉଠନ୍ତୁ , ସ୍ନାନ କରନ୍ତୁ ଏବଂ ଏହା ହେଉଛି ଆପଣଙ୍କ ସୁରକ୍ଷା ପାଇଁ । ଅନେକ ଲୋକ ଆସିବେ -ଦୌଡ଼ା-ଦୌଡ଼ି ଏବଂ ଦଳ ଚକଟା ହେବାର ସମ୍ଭାବନା ଅଛି । ଆପଣ ମାନେ ପ୍ରଥମେ ଆସିଛନ୍ତି , ତେଣୁ ଆପଣ ମାନଙ୍କୁ ସର୍ବ ପ୍ରଥମେ ଅମୃତ ପ୍ରାପ୍ତ ହୋଇଯିବା ଉଚିତ । ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ନିବେଦନ କରୁଛି ଯେ - ଉଠନ୍ତୁ ,ଉଠନ୍ତୁ, ଉଠନ୍ତୁ , ଶୁଅନ୍ତୁ ନାହିଁ।ଏହି ଉକ୍ତିରୁ ଭଲ ଭାବେ ପ୍ରତୀତ ହୁଏ ଯେ, ଦଳ ଚକଟା ହେବ ବୋଲି ପ୍ରଥମରୁ ଜଣାପଡି ଯାଇଥିଲା । କିନ୍ତୁ ଦୁଃଖର କଥା ଯେ, ଯେଉଁମାନଙ୍କ ଉପରେ ଦାୟିତ୍ୱ ଥିଲା ସେମାନେ ଏହାକୁ ଅଣଦେଖା କରିଥିଲେ । ବର୍ତ୍ତମାନ ପ୍ରଶ୍ନ ହେଉଛି, ଏହି ଘଟଣା ରାତ୍ରି ୧.୩୦ ମିନିଟରେ ହୋଇଥିଲା, କିନ୍ତୁ ଲମ୍ବା ୧୩ ଘଣ୍ଟା ପରେ ମଧ୍ୟ ସରକାର କ'ଣ ମୃତ୍ୟୁ ହୋଇଥିବା ଏବଂ କ୍ଷତବୀକ୍ଷତ ହୋଇଥିବା ଲୋକମାନଙ୍କର ଗଣନା କରିନଥିଲେ ? ଏହାଠାରୁ ଲଜ୍ଜାଜନକ ଘଟଣା କଣ ହୋଇପାରେ ?

କାରଣ, ପ୍ରତ୍ୟକ ଦିନ ସରକାର କେତେ ଲୋକ ସ୍ନାନ କରୁଛନ୍ତି ,ତାହାର ହିସାବ ଗଣମାଧ୍ୟମ ମାଧ୍ୟମରେ କହୁଛନ୍ତି , କିନ୍ତୁ ଏହି ଘଟଣାର କେତେ ଲୋକ ମୃତ୍ୟୁବରଣ କଲେ ତାହାର କୌଣସି ହିସାବ ନାହିଁ । ଏହା ସମ୍ବେଦନହୀନତା ନୁହେଁ ତ ଆଉ କ'ଣ ହୋଇପାରେ ! ଯେଉଁ ପରିଜନ ମାନଙ୍କର ମୃତ୍ୟୁ ହେଲା ବା ହଜିଗଲେ, ସେ ବିଷୟରେ ସେମାନଙ୍କୁ ଜାଣିବାର ଅଧିକାର ନୁହେଁ କି ? ଅନ୍ୟ ପଟରେ କୁହାଯାଉଛି ସରକାର ଶ୍ରଦ୍ଧାଳୁ ମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି । ବାସ୍ତବରେ, ଯାହା କିଛି ହେଲା ତାହାହେଉଛି ଲୋକମାନଙ୍କର ଆସ୍ଥାକୁ ଏକ ଇଭେଣ୍ଟ ଭାବରେ ବ୍ୟବହାର କରାଯାଇଛି । ଏହା କେବଳ ମାତ୍ର ଏକସୂତ୍ରୀ କାର୍ଯ୍ୟକ୍ରମ ଯାହାକୁ ଭୋଟରେ ପରିବର୍ତ୍ତନ କରିବାର ଏକ ପ୍ରକଳ୍ପ ମାତ୍ର ।

ଧର୍ମର ପ୍ରଶ୍ନରେ ବାସ୍ତୁ ସମାନ ହେବ ଉଚିତ , ସାଧାରଣ ଜନତା ଏବଂ ଭିଆଇପିରେ କୌଣସି ଅନ୍ତର ନାହିଁ । ଶଙ୍କରାଚାର୍ଯ୍ୟ ମହୋଦୟ ମଧ୍ୟ ପ୍ରଥମେ ଏହି ପ୍ରଶ୍ନ ଉଠାଇଥିଲେ । ବିଶେଷଜ୍ଞଙ୍କ ଅନୁସାରେ, ଯେଉଁ ରାସ୍ତା ଗୁଡିକ ତିଆରି କରାଯାଇଥିଲା, ପୁଲିସ ଏଭଳି ଭାବେ ଘେରି ରହିଥିଲେ, ଯାହାଫଳରେ ଯିବା ଆସିବା ପାଇଁ ଅସୁବିଧା ସୃଷ୍ଟି ହୋଇଥିଲା । ତେଣୁ ଭିଡ ଅଧିକ ହୋଇଥିଲା, ଯାହାଫଳରେ ଦଳାଚକଟାର ସ୍ଥିତି ସୃଷ୍ଟି ହୋଇଥିଲା । କାରଣ ଯେଉଁମାନେ ସ୍ନାନ କରି ଫେରିବାର ଥିଲା ,ସେମାନେ ଫେରି ପାରିଲେ ନାହିଁ ଏବଂ ଯେଉଁମାନେ ସ୍ନାନ ପାଇଁ ପ୍ରବେଶ କରୁଥିଲେ ସେମାନେ ଆଗକୁ ଯାଇପାରିଲେ ନାହିଁ । ଏହା ସହିତ ଭିଆଇପି ମାନଙ୍କ ପାଇଁ ଅଲଗା ବ୍ୟବସ୍ଥା କରାଯାଇଛି । ଯେଉଁଥିପାଇଁ ଆଗମନରେ ଅସୁବିଧା ସୃଷ୍ଟି ହୋଇଥିଲା । ଧର୍ମ ନାମରେ ଭିଆଇପି କଲଚର କୁମ୍ଭର ପ୍ରକୃତ ଅର୍ଥକୁ କଳଙ୍କିତ କରିଛି । କୁମ୍ଭରେ ସମସ୍ତେ ସମାନ, ଠିକ ସେହିପରି ଯେପରି ଜଗନ୍ନାଥ ପୁରୀରେ ଯେତେବେଳେ ରଥ ଯାତ୍ରା ହୁଏ, ସେତେବେଳେ ସମସ୍ତେ ସମାନ । ବିଶେଷ ଭାବେ କୌଣସି ବ୍ୟବସ୍ଥା ହୁଏ ନାହିଁ । ଏହା ସହିତ ଏଠାରେ ସୃଷ୍ଟି ହୋଇଥିବା ଅବ୍ୟବସ୍ଥାର ବିବରଣୀ ଗଣମାଧ୍ୟମ ଇଙ୍ଗିତ କରିବାର ଥିଲା, କିନ୍ତୁ ମିଡ଼ିଆ ତାର ଦାୟିତ୍ୱରେ ଅବହେଳା କରିଛି। ସମ୍ପୂର୍ଣ୍ଣ ଗଣମାଧ୍ୟମ ଆଇଆଇଟି ବାବା ପଛରେ ପାଗଳ, ଅକାରଣ ଟିଆରପି ସବୁଠାରୁ ଅଧିକ ସେଥିରେ ଅଛି । ଗଣମାଧ୍ୟମର ଦାୟିତ୍ୱ ଥିଲା ସରକାରଙ୍କ ଦ୍ୱାରା କରାଯାଇଥିବା ଅବ୍ୟବସ୍ଥାର ବିବରଣ, କିନ୍ତୁ ଗଣମାଧ୍ୟମ ପ୍ରଚାରରେ ବ୍ୟସ୍ତ ଥିଲେ । ଯଦି ଏହି ସମସ୍ୟା ଗୁଡିକୁ ଗଣମାଧ୍ୟମ ଲଗାତାର ଇଙ୍ଗିତ କରିଥାନ୍ତେ, ତେବେ ଏଭଳି ସମସ୍ୟା ହୋଇନଥାନ୍ତା । ଉଲ୍ଲେଖଯୋଗ୍ୟ, ଏହି ଘଟଣା ଘଟିଲା ପରେ ମଧ୍ୟ କେଉଁ ସ୍ଥାନରେ କଣ ଅଭାବ ଥିଲା ,ସେ ବିଷୟରେ ଗଣମାଧ୍ୟମ କୌଣସି ଚର୍ଚ୍ଚା କରୁନାହିଁ ।

ଜଣେ ଭିଆଇପି ସ୍ନାନ ଘାଟ ପର୍ଯ୍ୟନ୍ତ ଗାଡ଼ିରେ ଯିବେ, ଏବଂ ଜଣେ ସାଧାରଣ ଜନତା ତାର ସମସ୍ତ ଜିନିଷ ମୁଣ୍ଡରେ ଲଦି ୧୦ ରୁ ୧୫ କିଲୋମିଟର ଚାଲି ଚାଲି ଯିବେ, ବୋଧ ହୁଏ ଏପରି ଦୃଶ୍ୟ କେହି ଦେଖି ନଥିବେ । ଭିଆଇପି ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ତଫାତ । ଏହାର ବର୍ଗୀକରଣର ମାପକ ସରକାର କ'ଣ ତିଆରି କରିଥିଲେ ? ଯେତେବେଳେ ଜଣେ ଆଇଜି ପାଦରେ ଅସୀନା ଥିବା ଅଧିକାରୀ କହୁଛନ୍ତି ଦଳାଚକଟା ହୋଇପାରେ, ତାହେଲେ ସରକାର କି ପ୍ରକାର ପଦକ୍ଷେପ ନେଇଥିଲେ, ଯାହା ଫଳରେ ଏପରି ଘଟଣାକୁ ରୋକାଯାଇ ପାରିଥାନ୍ତା ! ଶେଷରେ ଏକ ମହତ୍ୱପୂର୍ଣ୍ଣ ବିଷୟ ହେଉଛି, ଯେଉଁ କୋଟି - କୋଟି ଟଙ୍କା କୁମ୍ଭରେ ଖର୍ଚ୍ଚ ହେଉଛି, ଏହି ପଇସା କେଉଁଠାରୁ ଆସିଲା ? ନିଃସନ୍ଦେହ ଆମ ଜନତାଙ୍କ ଦ୍ୱାରା ପୈଠ କରାଯାଇଥିବା ଟ୍ୟାକ୍ସରୁ । କିନ୍ତୁ ଭିଆଇପି ସ୍ନାନ ଘାଟ ପର୍ଯ୍ୟନ୍ତ ଗାଡ଼ିରେ ଯିବେ ଏବଂ ସେମାନଙ୍କ ସହିତ ପୋଲିସ ଫୋର୍ସ, କିନ୍ତୁ ସାଧାରଣ ଜନତାଙ୍କ ସ୍ଥିତି କଣ ? ବାସ୍ତବରେ ଆସ୍ଥାକୁ ହତିଆର କରି କୁମ୍ଭକୁ ରାଜନୀତିର ଆଖଡ଼ାରେ କେତେଦିନ ପର୍ଯ୍ୟନ୍ତ କରାଯିବ ?

ସାଧାରଣ ଜନତାଙ୍କୁ କୁମ୍ଭରେ କାହିଁକି ସମାନ ଅଧିକାର ନାହିଁ ? ପ୍ରଚାର ମାଧ୍ୟମରେ ଦେଶକୁ ସମ୍ପୂର୍ଣ୍ଣ ଭାବେ ବିଶେଷ ରଙ୍ଗରେ ରଙ୍ଗା ଯାଉଛି ? କେବଳ ଖର୍ଚ୍ଚ ପ୍ରଚାରରେ ସବୁଠାରୁ ଅଧିକ ହୋଇଛି, ବ୍ୟବସ୍ଥାରେ ସ୍ୱଳ୍ପ । ସର୍ବମୋଟ ଏହା କୁହାଯାଇପାରେ ଯେ ଚାରିଆଡୁ ସାଧାରଣ ଜନତାଙ୍କ ଶୋଷଣ ହୋଇଛି । ଦିଲ୍ଲୀରୁ ପ୍ରୟାଗରାଜର ଫ୍ଲାଇଟ ଭଡା ହେଉଛି ୩୫ ହଜାର ଯେଉଁଥିରେ କି ଜଣେ ଇଉରୋପିଆନ କଣ୍ଟ୍ରି ଯାତ୍ରା କରି ପାରିବ। ରେଳଗାଡିକୁ ଷ୍ଟେସନ ପୂର୍ବରୁ ରୋକି ଦିଆଯାଉଛି । ସଡକ ଉପରେ ଜାମ । ସର୍ବମୋଟ କହିବାକୁ ଗଲେ କୁମ୍ଭକୁ ଭବ୍ୟ ଦେଖାଇବା ପାଇଁ ଯୋଜନା, କିନ୍ତୁ ଏଥିପାଇଁ ବ୍ୟବସ୍ଥା କିଛି ନାହିଁ । ଇଭେଣ୍ଟର ବଲୀଉମକୁ ଦେଖାଯାଇଛି ଯେ ଦେଖନ୍ତୁ ଏତେ ସଂଖ୍ୟାରେ ଲୋକ ଆସିଛନ୍ତି । କୁମ୍ଭକୁ କେବଳ ବ୍ୟାପାର ସହିତ ଯୋଡି ଦିଆଯାଇଛି । ଅର୍ଥାତ ଏହାପଛରେ କମର୍ସିୟାଲ ଇଂଟରେଷ୍ଟ ରହିଛି ଏବଂ ମୁଖ୍ୟ ରୂପେ ସରକାରଙ୍କ ବାହା ବାହି ପାଇଁ ପ୍ରଚାର ପ୍ରସାର କରାଯାଇଛି । ସରକାରଙ୍କ ପକ୍ଷରୁ ଯେଉଁ ଭୁଲ ହୋଇଛି, ଯେତେବେଳେ ଆପଣ ୪୦ କୋଟି ଲୋକଙ୍କୁ ଡାକିଛନ୍ତି, ତେବେ ବ୍ୟବସ୍ଥା ଉପରେ ଅଧିକ ଧ୍ୟାନ ଦିଆଯିବ ଉଚିତ ଥିଲା । କିନ୍ତୁ ବ୍ୟବସ୍ଥା ସ୍ଥାନରେ ପ୍ରଚାର ପ୍ରସାର ଉପରେ ଧ୍ୟାନ ଅଧିକ ଦିଆଗଲା । ଯେତେବେଳେ ଏହି ଘଟଣା ଘଟିଲା, ସମ୍ପୂର୍ଣ୍ଣ ତନ୍ତ୍ର ସରକାରଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା ଚାଲିଲା । ଯଦି ସାମାଜିକ ଗଣ ମାଧ୍ୟମ ନଥାନ୍ତା ତେବେ ସେଠାରେ କଣ ହେଲା, ଲୋକମାନେ ଜାଣିପାରି ନଥାନ୍ତେ !

**ସୁଜନପୁର, ଯାଜପୁର**

# ଉତ୍କର୍ଷ ଓଡ଼ିଶା : ବିକଶିତ ଓଡ଼ିଶାର ନୂଆ ଆଶା

**ସତ୍ୟ ମହାପାତ୍ର**

ଉତ୍କର୍ଷ ଓଡ଼ିଶା, ମେକ ଇନ ଓଡ଼ିଶା କନକ୍ଲେଭ-୨୦୨୫ ସଫଳତମ ଭାବେ ଓଡ଼ିଶାରେ ଆୟୋଜିତ ହୋଇଛି। ଏହି ନିବେଶକ ସମ୍ମିଳନୀକୁ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ବିକାଶର ଶୀର୍ଷରେ ପହଞ୍ଚିବ ଓ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଓଡ଼ିଶା ମୁଖ୍ୟ ଭୂମିକା ନେବ। ପୂର୍ବ ଭାରତର ବିକାଶ ଓଡ଼ିଶାରୁ ହିଁ ଆରମ୍ଭ ଏବଂ ଅପାର ସମ୍ଭାବନା ଥିବା ଏହି ରାଜ୍ୟରେ ନିବେଶ କଲେ ନିବେଶକଙ୍କୁ ଯେ ଫାଇଦା ମିଳିବ ତାହା ନୁହେଁ ବରଂ ସେମାନେ ଦେଶର ବିକାଶରେ ନିଜର ଯୋଗଦାନକୁ ଆହୁରି ମଜଭୁତ କରିପାରିବେ ବୋଲି ମୋଦିଜୀଙ୍କ ଆଶା। ଏହାସହ ଦେଶ ଓ ଦେଶ ବାହାରର ନିବେଶକଙ୍କୁ ମୋଦିଜୀ ଆହ୍ୱାନ ଦେବା ସହ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ମୋଦିଜୀ ଭଲ ଭାବେ ଜାଣିଛନ୍ତି ଆଜି ଓଡ଼ିଶା ସମଗ୍ର ଭାରତରେ ଏକ ବିକଶିତ ଓ ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇବା ସହ ଓଡ଼ିଶାରେ ବିକାଶ ବିନା ପୂର୍ବୋଦୟ ବିକାଶ ସମ୍ଭବ ନୁହଁ ଯାହାପାଇଁ ମୋଦିଜୀଙ୍କ ବଡ଼ ଫୋକସରେ ରହିଛି ଓଡ଼ିଶା। ଏଠାରେ ସୂଚନାଥାଉକି ମୋଦିଜୀ ଓଡ଼ିଶାକୁ ଇତିମଧ୍ୟରେ ତିରିଶ ଥରରୁ ଉର୍ଦ୍ଧ୍ୱ ଥର ଆସିଲେଣି। ଓଡ଼ିଶାରେ ମୋହନ ମାଝୀଙ୍କ ସରକାର କ୍ଷମତାକୁ ଆସିବାରେ ସାତ ମାସ ପୁରା ହୋଇସାରିଲାଣି। ପ୍ରଧାନମନ୍ତ୍ରୀଙ୍କ ଭିଜନ ଅନୁଯାୟୀ ବିକଶିତ ଓଡ଼ିଶା ପାଇଁ ମୋହନ ମାଝୀଙ୍କ ସରକାର ଗୋଟିଏ ଗୋଟିଏ ସଫଳ ଓ ବଡ଼ ପଦକ୍ଷେପ ନେଇ ଲୋକମାନଙ୍କ ହୃଦୟ ମଧ୍ୟ ଜିତିଲେଣି। ତେଣୁ ଓଡ଼ିଶାର ଭାଜପା ସରକାରଙ୍କ ପାଇଁ ପ୍ରଥମ ଶିଳ୍ପ ମହାକୁମ୍ଭ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଥିଲା। ପାଞ୍ଚଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ ପ୍ରସ୍ତାବ ହାସଲର ନିଶ୍ଚିତତା ପାଇଁ ଓଡ଼ିଶାର ମୋହନ ସରକାର ଅଛନ୍ତି। ତେବେ ମୋଦିଜୀଙ୍କ ଦମଦାର ଅଭିଭାଷଣ ଯୋଗ ଦେଇଥିବା ଶିଳ୍ପପତି ମାନଙ୍କ ଉତ୍ସାହ ବଢ଼ାଇବା ସହ ଓଡ଼ିଶା ଉପରେ ସେମାନଙ୍କ ଭରଷା ମଧ୍ୟ ବଢ଼ିଛି। କାରଣ ମୋଦିଙ୍କ ଗ୍ୟାରେଣ୍ଟି ହିଁ ସେମାନଙ୍କର ବଡ଼ ସମ୍ବଳ ଓ ଭରଷା। ଓଡ଼ିଶାର ପ୍ରଗତିର ଭିଜନକୁ ସ୍ୱୟଂ ପ୍ରଧାନମନ୍ତ୍ରୀ ମୋଦିଜୀ ଅନୁଧ୍ୟାନ କରୁଛନ୍ତି। ଓଡ଼ିଶାରେ ଶିଳ୍ପ ବିକାଶ ତ୍ୱରାନ୍ୱିତ ହେବା ସହ ସ୍ୱାବଲମ୍ବୀ ଯୁବକମାନେ ନିଜ ଗୋଡ଼ରେ ଛିଡ଼ା ହୋଇ ଓଡ଼ିଶାର ବିକାଶ ପାଇଁ ଢ଼େର ସ୍ୱପ୍ନ ଓ ସମ୍ଭାବନା ଦେଖୁଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ମୋହନ ମାଝୀଙ୍କ ନେତୃତ୍ୱରେ ଶିଳ୍ପ ବିକାଶ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ମୋଦିଜୀ ଏହାର ମଙ୍ଗୁଆଳ ସାଜିଛନ୍ତି। ତେବେ ଏଥିରେ କେହି ବି ଦ୍ୱିମତ ହେବେନାହିଁ ଯେ ମୋଦିଜୀ ଖାଲି ଗ୍ୟାରେଣ୍ଟି ଦିଅନ୍ତି ନାହିଁ ବରଂ ଏହାକୁ ସଫଳ ଭାବେ ପୂରଣ କରିଥାନ୍ତି। ଓଡ଼ିଶାର ମୋହନ ମାଝୀଙ୍କ ସରକାର ଲୋକଦେଖାଣିଆ ନୁହଁ ବରଂ ଲୋକଙ୍କ ଓ ରାଜ୍ୟର ବିକାଶ ପାଇଁ ନେଇଥିବା ପଦକ୍ଷେପକୁ ଲୋକଙ୍କ ସାମ୍ନାରେ ଗୋଟି ଗୋଟି କରି ଥୋଉଛନ୍ତି। ଏହାକୁ ଦେଖିଲେ ଉତ୍କର୍ଷ ଓଡ଼ିଶା ପାଇଁ ଓଡ଼ିଶା ନୂଆ ସମ୍ଭାବନା ସୃଷ୍ଟି କରିପାରିବ ଏଥିରେ ସନ୍ଦେହ ନାହିଁ। ଯେହେତୁ ମୋଦିଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏପରି ଏକ ସଫଳ ଓ ଭବ୍ୟ ଶିଳ୍ପମେଳାର ଆୟୋଜନ ହୋଇଛି ସେହି କାରଣରୁ ଓଡ଼ିଶାକୁ ନିବେଶକଙ୍କ ସୁଅ ଛୁଟିବାର ବିଶ୍ୱାସ ମଜଭୁତ ହେଉଛି। ଓଡ଼ିଶାର ନୂଆ ସରକାର ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ନୀତିକୁ ଆହୁରି ସରଳ ଓ ସହଜ କରିସାରିଛନ୍ତି। ଓଡ଼ିଶାର କାର୍ଯ୍ୟଦକ୍ଷ ସରକାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଏହି ବିକାଶ ଓ ଦୂରଦୃଷ୍ଟି ସମ୍ପନ୍ନ ଭିଜନ ଖାଲି ରାଜ୍ୟର ନୁହଁ ଦେଶର ଭବିଷ୍ୟତକୁ ମଜଭୁତ କରିବାର ଏକ ବଡ଼ ଉଦ୍ୟମ। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଦେଶକୁ ବିକଶିତ ଓ ଓଡ଼ିଶାକୁ ସମୃଦ୍ଧ ରାଜ୍ୟରେ ପରିଣତ କରିବ ଏହି ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

# ଅନଲାଇନ୍ ପଠନ ବନାମ ପୁସ୍ତକ ପ୍ରତି ଅନାଗ୍ରହ

**ଡକ୍ଟର ଲକ୍ଷ୍ମଣ ସାହୁ**

ଏବେ ବିଶେଷକରି ଅନଲାଇନ୍ ଶିକ୍ଷାଦାନ ଶିକ୍ଷା ଓ ଡିଜିଟାଲ୍ ପୁସ୍ତକଗୁଡ଼ିକର ଧାରା ଭାରତରେ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ବିଶେଷ କରି କରୋନା ସମୟରୁ ଏହାର ଆରମ୍ଭ ଘଟିଛି । ଦେଶର ପ୍ରାୟ ସବୁ ସ୍ଥାନରେ ଇଣ୍ଟରନେଟ୍ ଉପଲବ୍ଧତା ହେତୁ ଲୋକଙ୍କ ଡିଜିଟାଲ୍ ବହିରେ ପ୍ରବେଶ ବୃଦ୍ଧି ପାଇଛି । ମୁଦ୍ରିତ ପୁସ୍ତକ ତୁଳନାରେ ସେମାନଙ୍କର ମୂଲ୍ୟ ମଧ୍ୟ କମ୍ ଅଟେ । ସାହିତ୍ୟିକ ଓ ଶିକ୍ଷାବିତ୍ ଙ୍କ ମତାମତ ଅନୁଯାୟୀ, ଏହା ସତ୍ତ୍ୱେ ଅନେକ ବିଷୟ ଅଛି ଯାହା ପ୍ରମାଣ କରେ ଯେ ଡିଜିଟାଲ୍ ପୁସ୍ତକ ଅପେକ୍ଷା ମୁଦ୍ରିତ ପୁସ୍ତକ ଭଲ ।

ଗୋଟିଏ ସତ୍ୟ ହେଉଛି ଏକ ସୁସ୍ଥ ମନ ପାଇଁ ବହି ପଢିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୃଜନଶୀଳତା ଓ ଏକାଗ୍ରତା ଭଳି ଗୁଣଗୁଡିକର ବିକାଶରେ ବହି ଅପେକ୍ଷା କିଛି ଭଲ ହୋଇପାରିବ ନାହିଁ। ଇ-ବହିଗୁଡ଼ିକର ଲୋକପ୍ରିୟତା ସତ୍ତ୍ୱେ, ଦେଖିବାକୁ ହେବ ଯେ ପାଠକମାନଙ୍କ ହାତରେ ଏକ ବହି ଧରି ପଢିବା ଇ-ବହି ସେପରି ସମାନ ଅନୁଭୂତି ପ୍ରଦାନ କରିପାରିବେ କି ? ମୋ ପିଲାଦିନରେ ସ୍ଥାନୀୟ ଅଞ୍ଚଳରେ ଗଠିତ କ୍ଲବଗୁଡ଼ିକ ମଧ୍ୟରେ ଲାଇବ୍ରେରୀର ଏକ କୋଣ ଥିଲା । ଆମେ ସେଠାରେ ନିୟମିତ ଭାବରେ ଯାଇ ଅତ୍ୟନ୍ତ ଆଗ୍ରହ ସହକାରେ ବହି ପଢୁଥିଲୁ । କିନ୍ତୁ ଇଣ୍ଟରନେଟର ଲୋକପ୍ରିୟତା ହେତୁ ଏହି ଲାଇବ୍ରେରୀଗୁଡ଼ିକ ଧୀରେ ଧୀରେ ବିଲୁପ୍ତ ହେବାକୁ ଯାଉଛି ।

ବାସ୍ତବରେ ଦ୍ରୁତ ପରିବର୍ତ୍ତନଶୀଳ ଶିକ୍ଷା ବ୍ୟବସ୍ଥା ଓ ବହି, ଟ୍ୟୁସନ ତଥା କୋଚିଂର ଭାର ବଢିବା ହେତୁ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ କିଛି ଅଧ୍ୟୟନ କରିବାକୁ ଆଗ୍ରହ କି ସମୟ ବାକି ନାହିଁ । ଅଧ୍ୟୟନରେ ବଢୁଥିବା ପ୍ରତିଯୋଗିତା ଓ ପିତାମାତାଙ୍କ ଇଚ୍ଛାର ଭାର ପିଲାମାନଙ୍କୁ ପୂର୍ବ ଅପେକ୍ଷା ଅଧିକ ବ୍ୟସ୍ତ କରିଦେଇଛି । ଏବେ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଉପସ୍ଥାନ ପୂର୍ବପରି ନାହିଁ କହିଲେ ଚଳେ । ସେମାନଙ୍କ ଉପସ୍ଥାନ ବଢ଼ାଇବା ନିମନ୍ତେ ଏନଏପି -୨୦୨୦ ସ୍ନାତକ ଶ୍ରେଣୀରେ ନବେ ପ୍ରତିଶତରୁ ଉର୍ଦ୍ଧ୍ୱ ଉପସ୍ଥାନ ପାଇଁ ପାଞ୍ଚ ମାର୍କ ଦେବାକୁ ଓ ସର୍ବନିମ୍ନ ପଞ୍ଚସ୍ତରୀ ପ୍ରତିଶତ ତିନି ମାର୍କ ଦେବାର ବ୍ୟବସ୍ଥା ଥାଇ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ଉପସ୍ଥାନ ବଢ଼ିପାରେ ନାହିଁ । ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଦ୍ୱାରା ଅବଶିଷ୍ଟ ବ୍ୟବଧାନ ପୂରଣ ହୋଇଛି , ଯେଉଁଥିପାଇଁ ଛାତ୍ରମାନେ ସମାନ ଏକାଗ୍ରତା ବିକାଶ କରନ୍ତି ନାହିଁ ଯାହା ବହି ପଢିବା ଦ୍ୱାରା ବିକଶିତ ହୁଏ । ଏତଗଲା ଶିକ୍ଷା ବ୍ୟବସ୍ଥାର ଶୃଙ୍ଖଳାଗତ ନୀତି । କିନ୍ତୁ ସାମାଜିକ ସ୍ତରରେ ପାଠକ ମାନଙ୍କ ରୁଚି ବଦଳି ଯାଉଥିବ ଦେଖାଯାଇଥାଏ ।

ପୁସ୍ତକ ବିକ୍ରୟ ପରିସଂଖ୍ୟାନ ଅନୁସାରେ ୨୦୨୪ ମସିହାରେ କେଉଁ ହିନ୍ଦୀ ପୁସ୍ତକ ସର୍ବାଧିକ ବିକ୍ରି ହୋଇଥିଲା ତାହା ପରିସଂଖ୍ୟାନ ବିଭ୍ରାନ୍ତିକର ତଥ୍ୟ ଅଟେ। କିନ୍ତୁ ଗୋରଖପୁରର ଗୀତା ପ୍ରେସରୁ ପ୍ରକାଶିତ 'ରାମଚରିତ ମାନସ' ଦୀର୍ଘ ଦିନ ଧରି ଏହି ପ୍ରସଙ୍ଗରେ ପ୍ରଥମ ସ୍ଥାନରେ ରହିଆସିଛି । ଏହା ବ୍ୟତୀତ ରାଜକମଲ ପ୍ରକାଶ, ପ୍ରଭାତ ପ୍ରକାଶ, ହିନ୍ଦ ଯୁଗମ୍, ପେଙ୍ଗୁଇନ୍ ଏବଂ ରାଣ୍ଡମ ହାଉସ୍ ଦ୍ୱାରା ପ୍ରକାଶିତ ଅନେକ ପୁସ୍ତକ ମଧ୍ୟ ଆଲୋଚନା ଓ ବିକ୍ରୟ କ୍ଷେତ୍ରରେ ଶୀର୍ଷରେ ରହିଛି । ସେମାନଙ୍କର ମାର୍କେଟିଂ ନେଟୱାର୍କ ଅଛି । ଦିଲ୍ଲୀର ଅଧିକାଂଶ ହିନ୍ଦୀ ଲେଖକ ତାଙ୍କ ପ୍ରଭାବରେ ବାସ କରନ୍ତି କି ? ବରଂ ଲୋକମାନେ ସେମାନଙ୍କୁ ପ୍ରକାଶକଙ୍କ ଏଜେଣ୍ଟ ଭାବରେ ବିବେଚନା କରନ୍ତି । ଗତ ବର୍ଷ ଅଣ-କାଳ୍ପନିକ ଧାରାବାହିକ ପୁସ୍ତକଗୁଡ଼ିକ ସର୍ବାଧିକ ବିକ୍ରି ହୋଇଥିଲା ।

ମୁଦ୍ରିତ ପୁସ୍ତକରୁ ଯୁବ ପିଢିର ଦିନକୁ ଦିନ ବଢୁଥିବା ଦୂରତା ଏକ ଗମ୍ଭୀର ସାମାଜିକ ସମସ୍ୟାରେ ପରିଣତ ହେଉଛି । ଆଜିର ଯୁବକମାନେ ପଢିବା ପରିବର୍ତ୍ତେ ରିଲ୍ ଏବଂ ଅନ୍ୟାନ୍ୟ ଭିଡିଓ ଦେଖିବା ପାଇଁ ଅଧିକ ପସନ୍ଦ କରୁଛନ୍ତି । ପୂର୍ବରୁ ପିତାମାତାମାନେ ଜନ୍ମଦିନ ତଥା ଅନ୍ୟାନ୍ୟ ସମୟରେ ନିଜ ପିଲାମାନଙ୍କୁ ବହି ଉପହାର ଦେଉଥିଲେ, କିନ୍ତୁ ବର୍ତ୍ତମାନ ସ୍ମାର୍ଟଫୋନ୍ ଏବଂ ସ୍ମାର୍ଟ ଘଣ୍ଟା ଭଳି ଜିନିଷ ସେମାନଙ୍କ ସ୍ଥାନ ନେଇଛି । ଦୁଇ-ତିନି ଦଶନ୍ଧି ପୂର୍ବରୁ ବିଦ୍ୟାଳୟ ଏବଂ କଲେଜ କ୍ୟାମ୍ପସରେ ଖାଲି ସମୟରେ ପୁସ୍ତକ ବିତର୍କ ହୋଇଥିଲା, କିନ୍ତୁ ବର୍ତ୍ତମାନ ଇଣ୍ଟରନେଟରେ ଭିଡିଓ ଏବଂ ଓଟିଟି ସିରିଜ୍ ବିତର୍କର ବିଷୟ ପାଲଟିଛି । ଦେଶର ବିଭିନ୍ନ ସ୍ଥାନରେ ଏପର୍ଯ୍ୟନ୍ତ ବହୁ ସଂଖ୍ୟକ ଲାଇବ୍ରେରୀ ଅଛି ଓ ସେଗୁଡ଼ିକ ପୁସ୍ତକରେ ପରିପୂର୍ଣ୍ଣ, କିନ୍ତୁ ବର୍ତ୍ତମାନ ପାଠକଙ୍କ ଅଭାବ ଦେଖାଦେଇଛି । ସେଠାରେ ଶୂନ୍ୟସ୍ଥାନ ସେମିତି ଖାଲି ଅଛି ।

ବାସ୍ତବରେ ଏସବୁ ପରିସ୍ଥିତିର ଉନ୍ନତି ପାଇଁ ସମାଜର ସମସ୍ତ ବିଭାଗକୁ ଆଗକୁ ଆସିବାକୁ ପଡିବ । ମୁଦ୍ରିତ ପୁସ୍ତକଗୁଡ଼ିକ ବର୍ତ୍ତମାନ ସମୟରେ ମଧ୍ୟ ଯଥେଷ୍ଟ ପ୍ରାସଙ୍ଗିକ । କିନ୍ତୁ ଏବେକାର ଯୁବ ପିଢି ତାହା ବୁଝିବା ଆରମ୍ଭ କରନ୍ତି ନାହିଁ । ପିଲାଦିନରୁ ପୁସ୍ତକ ପଢିବାର ଅଭ୍ୟାସ ବିକାଶ କରିବା ଜରୁରୀ ଅଟେ । ଏହା ପ୍ରାଥମିକ ସ୍ତରରେ ଘରୁ ଆରମ୍ଭ ହୋଇପାରେ । ଏହା ପରେ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ଏହା ପାଇଁ ଏକ ଅତିରିକ୍ତ ଅବଧି ରଖାଯାଇପାରିବ । ମୁଁ ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରେ ଉଭୟ ଷଷ୍ଠ ଓ ସପ୍ତମ ଶ୍ରେଣୀ କକ୍ଷରେ ଛୋଟ ଆଲମିରାରେ ପଢ଼ିବାପାଇଁ ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳା ସହିତ ଅନେକ ଗଳ୍ପ, ନାଟକ, ଉପନ୍ୟାସ, ଆଲୋଚନା, ଜୀବନ ଆଦି ଶିକ୍ଷଣୀୟ ପୁସ୍ତକ ଥିଲା, ଯାହାକୁ ପ୍ରତ୍ୟେକ ଶନିବାର ଦିନ ଆମର ଦାୟିତ୍ୱରେ ଥିବା ପୂଜ୍ୟ ସାର୍ ପିଲାଙ୍କୁ ଦିଅନ୍ତି । ବୁଝୁଥିଲି ଏସବୁ ଏବେ ଦୁଃଷ୍ପ୍ରାପ୍ୟ ଆଉ ନାହିଁ । ଏହା ସରକାରଙ୍କ ଅବହେଳା ଯେତିକି ନୁହେଁ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବେଶୀ ଦାୟିତ୍ୱହୀନତା ।

ପୁସ୍ତକରୁ ଯୁବ ପିଢିର ଏହି ବଢୁଥିବା ଦୂରତା ଭବିଷ୍ୟତ ପାଇଁ ଏକ ଭଲ ସଙ୍କେତ ନୁହେଁ । ମୁଦ୍ରିତ ପୁସ୍ତକଗୁଡ଼ିକର ନିୟମିତ ପଢିବା ଦ୍ୱାରା ସ୍ମୃତିର ଉନ୍ନତି ହୁଏ । ଏକାଗ୍ରତା ମଧ୍ୟ ଶକ୍ତିଶାଳୀ ହୁଏ । କଟକ- ଭୁବନେଶ୍ୱର ଠାରୁ ଦିଲ୍ଲୀ ପରି ପୁସ୍ତକ ମେଳାରେ ସାହିତ୍ୟ, ଉପନ୍ୟାସ ଓ କାହାଣୀ ପୁସ୍ତକ ବହୁ ସଂଖ୍ୟାରେ ବିକ୍ରି ହେଉଛି । କିନ୍ତୁ ସବୁଠାରୁ ବଡ ପ୍ରଶ୍ନ ହେଉଛି କିଣିବା ପରେ କେତେ ଲୋକ ଏହାକୁ ପଢନ୍ତି । ଅଧିକାଂଶ ଲୋକଙ୍କ ପାଇଁ, ପ୍ରସିଦ୍ଧ ଲେଖକଙ୍କ ପୁସ୍ତକ କିଣିବା ଓ ସେମାନଙ୍କୁ ନିଜ ଚିତ୍ରାଙ୍କନ କକ୍ଷରେ ସଜାଇବା ଏକ ସ୍ଥିତିର ପ୍ରତୀକ ପାଲଟିଛି ।

ବଡ଼ କଥା ହେଉଛି ନିକଟରେ କାଦମ୍ବିନୀ ପକ୍ଷରୁ ଏକ ସାହିତ୍ୟ ଉତ୍ସବ ସହ ପାଞ୍ଚ ଶହରୁ ଉର୍ଦ୍ଧ ପତ୍ରିକା ଷ୍ଟଲ୍ ଖୋଲାଯାଇ ଲେଖକ, ସଂପାଦକ, ପାଠକ ମାନଙ୍କ ସମାଗମ କରାଯାଇଥିଲା । ବଡ଼ ସାଧୁ ଉଦ୍ୟମ । କିନ୍ତୁ ଜାଣିବାରେ କେତେଜଣ ପତ୍ରିକା ଖଣ୍ଡେ କ୍ରୟ କରିଛନ୍ତି, ନା କେବଳ ସଂପାଦକଙ୍କୁ ଭେଟି ନିଜର ଲେଖା ପ୍ରକାଶ ପାଇଥିଲେ କୃତକୃତ୍ୟ ହୋଇ ପତ୍ରିକା ଖଣ୍ଡେ ମାଗିକରି ନେଇଛନ୍ତି । ଅନ୍ୟ ପକ୍ଷରେ ଭଲ ଲେଖା ମଧ୍ୟ ପ୍ରକାଶ କରିବାର ଅଭାବ ଦେଖାଦେଇଥିବାରୁ ପୁସ୍ତକ ପ୍ରତି ବିତୃଷ୍ଣା ପଢିବା ଯୁବସମାଜ ପ୍ରତିକ୍ରିୟା ରଖନ୍ତି ।

ତଥାପି ପୁସ୍ତକଗୁଡ଼ିକ ମଣିଷର ସର୍ବୋତ୍ତମ ବନ୍ଧୁ ବୋଲି କହିବା ବର୍ତ୍ତମାନ ସୁଦ୍ଧା ଅପ୍ରାସଙ୍ଗିକ ହୋଇପାରି ନାହିଁ । ପିଲାମାନଙ୍କୁ ଆରମ୍ଭରୁ ବହି ପଢିବାକୁ ଉତ୍ସାହିତ କରିବାର ଆବଶ୍ୟକତା ଅଛି । ଏଥିପାଇଁ ଘର ଏବଂ ବିଦ୍ୟାଳୟରେ ସଚେତନତା ଅଭିଯାନ ଚଳାଇବା ଆବଶ୍ୟକ । ଯଦି ପିଲାଟି ଆରମ୍ଭରୁ ମୁଦ୍ରିତ ପୁସ୍ତକ ସହିତ ନିରାଶ ହୋଇଯାଏ, ଭବିଷ୍ୟତରେ ସେ କେବେବି ସେସବୁ ଭଲ ପୁସ୍ତକକୁ ମଧ୍ୟ ସ୍ପର୍ଶ କରିବେ ନାହିଁ । ଲୋକମାନେ ଶୀଘ୍ର ଇଣ୍ଟରନେଟରେ ଦେଖାଯାଇଥିବା କିମ୍ବା ପଢୁଥିବା ପୁସ୍ତକ ଗୁଡ଼ିକୁ ଭୁଲିଯାଆନ୍ତି । କିନ୍ତୁ ମୁଦ୍ରିତ ପୁସ୍ତକଗୁଡ଼ିକରେ ପଢାଯାଇଥିବା ତଥ୍ୟ ଗୁଡ଼ିକ ମନରେ ଦୀର୍ଘ ସମୟ ରହିଥାଏ । ଯେମିତି କି ସେମାନେ କିପରି ବିଦ୍ୟାଳୟରେ ଇତିହାସ ଓ ଭୂଗୋଳର ଲମ୍ବା ଅଧ୍ୟାୟଗୁଡ଼ିକୁ ସ୍ମରଣ କରୁଥିଲେ ।

ଏଥିମଧ୍ୟରୁ ବିଶେଷକରି ଇତିହାସରେ ଥିବା ମୋଗଲ ସାମ୍ରାଜ୍ୟର ଅବନତି ସହ ଜଡିତ ପ୍ରଶ୍ନର ଉତ୍ତର ଅନେକ ପୃଷ୍ଠାରେ ଲେଖିବାକୁ ପଡିଲା । ପୁସ୍ତକଗୁଡ଼ିକ କେବଳ ଛାତ୍ରମାନଙ୍କର ସମାଲୋଚକ ଓ ବିଶ୍ଳେଷଣାତ୍ମକ ଭାବରେ ଚିନ୍ତା କରିବାର ଦକ୍ଷତା ବିକାଶ କରେ ନାହିଁ , ବରଂ ପ୍ରତିଷ୍ଠିତ ଧାରଣା ଉପରେ ପ୍ରଶ୍ନ କରିବାକୁ ସେମାନଙ୍କୁ ଉତ୍ସାହିତ କରେ ।

ଏହା ମଧ୍ୟ ଯେକୌଣସି ବିଷୟ ଉପରେ ଗଭୀର ବୁଝାମଣା ସୃଷ୍ଟି କରେ । ଜର୍ଜ ଓରୱେଲଙ୍କ ଦ୍ୱାରା ଲିଖିତ ୧୯୮୪ ସମାଲୋଚିତ ଚିନ୍ତାଧାରାକୁ ପ୍ରେରଣା ଦେଇଥାଏ । ଏହା ଏକ ବହିର ଏକ ଉତ୍କୃଷ୍ଟ ଉଦାହରଣ । ଏକାଡେମିକ୍ମାନେ କହିଛନ୍ତି ଯେ ଚାପରେ ପରିପୂର୍ଣ୍ଣ ଆଧୁନିକ ଯୁଗରେ ମୁଦ୍ରିତ ପୁସ୍ତକ ମାନସିକ ଚାପରୁ ମୁକ୍ତି ଦେଇଥାଏ । ଏହା ମଧ୍ୟ ଯଥେଷ୍ଟ ଉପଯୋଗୀ ପ୍ରମାଣିତ ହୋଇପାରେ । ଭାବପ୍ରବଣ ବୁଦ୍ଧି ଓ ସହାନୁଭୂତିର ବିକାଶରେ ପୁସ୍ତକଗୁଡ଼ିକ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

ବହି ପଢିବାର ଅଭ୍ୟାସ କଳ୍ପନା ଓ ସୃଜନଶୀଳତାକୁ ମଧ୍ୟ ପ୍ରୋତ୍ସାହିତ କରେ । ଇ ପୁସ୍ତକ ବା ଡିଜିଟାଲର ସମାନ ପ୍ରଭାବ ରହିପାରିବ ନାହିଁ ଯାହା ବହି ପଢିବା ସୃଜନଶୀଳତାକୁ ଉନ୍ନତ କରିଥାଏ । ଗୋଟିଏ ପୁସ୍ତକ ପଢିବାବେଳେ ଛାତ୍ରମାନେ ବିଶ୍ୱର ବିଭିନ୍ନ ଅଂଶ ଏବଂ ଅବଧି କଳ୍ପନା କରିବା ଆରମ୍ଭ କରନ୍ତି । ଏହାର ଏକ ଉଦାହରଣ ହେଉଛି ଜେ.କେ ରୋୱିଲିଙ୍ଗଙ୍କ ହ୍ୟାରି ପୋଟର୍ ସିରିଜ୍ । ସମଗ୍ର ବିଶ୍ୱରେ କୋଟି କୋଟି ଲୋକ ଏହା ବିଷୟରେ ଜାଣିବାକୁ ପାଗଳ । ପୁସ୍ତକର ଆକର୍ଷଣୀୟ ଚରିତ୍ର ଓ ସେମାନଙ୍କର ଯାଦୁକରୀ ଜଗତର ବିସ୍ତୃତ ବର୍ଣ୍ଣନା ଛାତ୍ରମାନଙ୍କ କଳ୍ପନାକୁ ବଢୀବାରେ ସାହାଯ୍ୟ କରେ । ସ୍ୱପ୍ନ ଦେଖିବା ସମୟରେ ସେମାନେ ନିଜର କଳ୍ପିତ କାହାଣୀ ସୃଷ୍ଟି କରିବାକୁ ଅନୁପ୍ରାଣିତ ହୋଇଥିଲେ ।ମୁଦ୍ରିତ ପୁସ୍ତକ ପଢିବା ଶବ୍ଦକୋଷ ଜ୍ଞାନକୁ ମଧ୍ୟ ବଢାଇଥାଏ । ଛାତ୍ର ଏବଂ ଯୁବକମାନେ ନୂତନ ଶବ୍ଦ ଶିଖନ୍ତି । ଏହା ସେମାନଙ୍କର ଜ୍ଞାନକୁ ଅଧିକ ସମୃଦ୍ଧ କରେ । ପୁସ୍ତକ ପଢିବା ବିନା ନୂତନ ଶବ୍ଦ ଶିଖିବାର ଆଉ କୌଣସି ଭଲ ଉପାୟ ନାହିଁ । ନିଷ୍କର୍ଷରେ କେବଳ କୁହାଯାଇପାରେ ରାତିରେ ଶୋଇବା ପୂର୍ବରୁ ବହି ପଢିବା ବିନା ଅନ୍ୟ କିଛି ଭଲ ହୋଇପାରିବ ନାହିଁ ବୋଲି ସାଇକୋଲୋଜିଷ୍ଟମାନେ ମଧ୍ୟ ସ୍ୱୀକାର କରିଛନ୍ତି । ଏହା ଅତ୍ୟନ୍ତ ଆରାମଦାୟକ ନିଦ ଦେଇଥାଏ । ଅପରପକ୍ଷେ ଯେଉଁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ୍ ଫୋନ୍ ବ୍ୟବହାର କରନ୍ତି, ସେମାନେ ରାତିରେ ନିଦ୍ରା ଭଙ୍ଗ କରୁଥିବା ଅଭିଯୋଗ କରନ୍ତି । ଲୋକଙ୍କୁ ମାନସିକ ଅବସାଦରୁ ଦୂରେଇ ରଖିବାରେ ବହି ପଢିବାର ଅଭ୍ୟାସ ମଧ୍ୟ ସହାୟକ ହୋଇଥାଏ । ବାସ୍ତବରେ ପୁସ୍ତକ ହିଁ ବ୍ୟକ୍ତି ଜୀବନ ଯାତ୍ରାର ପ୍ରକୃତ ବନ୍ଧୁଟିଏ ...!!!

**ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ**

# ଅମୃତଭଣ୍ଡା ଦ୍ୱାରା ତ୍ୱଚାର ଯତ୍ନ



ଶୀତ ପାଇଁ ଯେତିକି ଚିନ୍ତିତ ନୁହଁନ୍ତି, ସ୍ୱାସ୍ଥ୍ୟକୁ ନେଇ ଲୋକମାନେ ବେଶି ଚିନ୍ତି। ବିଶେଷକରି ନିଜ ଚର୍ମକୁ ନେଇ। ଶୀତଋତୁରେ ଥଣ୍ଡା ଜଳବାୟୁ ଯୋଗୁଁ ବିଭିନ୍ନ ପ୍ରକାରର ଚର୍ମରୋଗ ଦେଖାଦେଇଥାଏ। ଡ୍ରାଏ ସ୍କିନ ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟି ଥାଏ। ଡ୍ରାଏ ସ୍କିନ ପାଇଁ ଲୋକଙ୍କ ଚିନ୍ତା ବଢିଯାଇଥାଏ। ଏଥିପାଇଁ ଲୋକାମାନେ ବିଭିନ୍ନ ପ୍ରକାର ମେଡିସିନ ବ୍ୟବହାର କରିଥାନ୍ତି। ଏହି ସମୟରେ ରୁପି ସମସ୍ୟାରେ ବି ଲୋକମାନେ ଅତିଷ୍ଠ ହୋଇପଡିଥାନ୍ତି। ତେବେ ଏଥିପାଇଁ ଆପଣ ଘରୋଇ ଉପଚାର କରିପାରିବେ। ଶୀତଦିନରେ ଡ୍ରାଏ ସ୍କିନ ପ୍ରଭାବରେ ମୁଖ୍ୟତଃ ତ୍ୱଚାରେ ଫଟା ଦାଗ ଦେଖିବାକୁ ମିଳିଥାଏ। ଚମରୁ ପରସ୍ତ ପରସ୍ତ ଉଠିଯାଏ। ଏହାସହ ତ୍ୱଚା କୁଣ୍ଡେଇ ହେବା ଯୋଗୁ କଷ୍ଟ ଅନୁଭବ କରିଥାନ୍ତି ଲୋକେ। ଏଥିରୁ ମୁକ୍ତି ପାଇବା ପାଇଁ ଲୋକମାନଙ୍କୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ନାମୀ ଦାମି କମ୍ପାନୀର ଔଷଧ ବ୍ୟବହାର କରିବାକୁ ପଡିଥାଏ। ତେବେ ଅମୃତଭଣ୍ଡା ଦ୍ୱାରା କମ ଖର୍ଚ୍ଚରେ ଘରୋଇ ଉପଚାର ମାଧମରେ ଏହି ସମସ୍ୟାକୁ ଦୂର କରାଯାଇପାରିବ। ମୁହଁଫାଟୁଥିଲେ ଉକ୍ତ ସ୍ଥାନରେ ପାଚିଲା ଅମୃତଭଣ୍ଡା ଲଗାଇ ୫ ମିନିଟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ଦେଖିବେ ଆପଣ ପୂର୍ବଚମକ ଫେରିପାଇବେ। ଶୁଷ୍କ ଚର୍ମର ଉପଚାର କରିବାକୁ ହେଲେ ଅମୃତଭଣ୍ଡାର କିଛି କଟା ଖଣ୍ଡ, ଦୁଗ୍ଧ କ୍ରିମ୍ କିମ୍ବା ମଲାଇକୁ ଫେଣ୍ଟି ବ୍ୟବହାର କଲେ ଉପଚାର ମିଳେ। ତେବେ ଅମୃତଭଣ୍ଡାକୁ ପ୍ରତିଦିନ ବ୍ୟବହାର କରିବା ଅନୁଚିତ। କାରଣ ଏହାକୁ ପ୍ରତିଦିନ ଲଗାଇଲେ ତ୍ୱଚାର କ୍ଷତି ହୋଇଥାଏ। ମୁହଁରେ ଥିବା କଳା ଦାଗର ଉପଚାର ପାଇଁ ଅମୃତଭଣ୍ଡାର ରସକୁ ମଧ୍ୟ ବ୍ୟବହାର କରିପାରିବେ। ଅମୃତଭଣ୍ଡା ରସରେ ସମାନ ପରିମାଣରେ କ୍ଷୀର ମିଶାଇ ମୁହଁରେ ଲଗାଇଲେ କଳାଦାଗ ଛାଡି ଯବା ସହ ମୁହଁର ଗୋରାପଣ ବଢିଥାଏ।

# ବିନା ରିଚାର୍ଜରେ ଲାଇଫଟାଇମ କଲିଂ

ଗୁଗୁଲ ପ୍ଲେ ଷ୍ଟୋରରେ ଏମିତି କିଛି ମ୍ୟାଜିକାଲ ଆପ୍ ରହିଛି ଯାହାର ସାହାଯ୍ୟରେ ଆପଣ ଲାଇଫଟାଇମ ଫ୍ରି କଲିଂ କରିପାରିବେ। ଆପଣଙ୍କ ଫୋନ୍‌ରେ ସିମ୍ ନଥିଲେ ବି ଏହା କାମ କରିବ। ଏହି ଆପ୍ସକୁ ୱାକିଟକି କିମ୍ବା ବ୍ଲୁଟୁଥ୍ କନେକ୍ଟିଭିଟି ଆପ୍ସ କୁହାଯାଇଥାଏ। ହଁ ଏହି ଆପ୍ସ ପାଇଁ ଆପଣଙ୍କ ଫୋନ୍‌ରେ ବ୍ଲୁଟୁଥ୍ ରହିଥିବା ଜରୁରୀ। ଏହି ଆପ୍ ମାଧ୍ୟରେ ଦୁଇଟି ଫୋନକୁ କନେକ୍ଟ କରି ୧୦୦ ମିଟର ଦୂରତା ମଧ୍ୟରେ କଥାବାର୍ତ୍ତା କରାଯାଇପାରେ। ଯେଉଁ ଦୁଇଜଣଙ୍କୁ ନିଜନିଜ ଭିତରେ କଥାହେବାର ଅଛି ସେମାନଙ୍କ ଫୋନ୍‌ରେ ଏହି ଆପ୍ ଥିବା ମଧ୍ୟ ଜରୁରୀ। ଆପ୍ ସେଟିଂକୁ ଆକ୍ଟିଭେଟ୍ କରି କୌଣସି ବି ୟୁଜର ଲାଇଫଟାଇମ ୧୦୦ ମିଟର ମଧ୍ୟରେ ଫ୍ରିରେ କଥାହୋଇପାରିବେ।



# ରାତାରାତି କୋଟିପତି

ଚୀନର ଜୁକାଉଣ୍ଟିର ଏକ ଗାଁରେ ଜଣେ ବ୍ୟକ୍ତି ଏମିତି ଏକ ଜିନିଷ ପାଇଲେ ଯାହା ତାଙ୍କୁ ରାତାରାତି କୋଟିପତି କରିଦେଇଛି। ପ୍ରକୃତ କଥା ହେଲା ଜଣେ କୃଷକ ଏକ ଜଙ୍ଗଲୀ ଘୁଷୁରୀକୁ ମାରି ରୋଷେଇ ପାଇଁ କଟାକଟି କଲାବେଳେ ହଠାତ ଘୁଷୁରୀକୁ ଅନ୍ତରୁ ଏକ ପଥର ଭଳି ଜିନିଷଟିଏ ବାହାରିଗଲା। ଏହି ଅଜବ ଜିନିଷକୁ ସେ ନିଜ ପାଖରେ ରଖିଲେ। ଏମିତି ଦିନେ ସାଂଘାଇ ଯାଇ ଏହି ଜିନିଷଟି କ'ଣ ବୁଝିବା ବେଳକୁ ଜଣାପଡିଥିଲା ୪ ଇଞ୍ଚର ଏହି ଜିନିଷଯିର ଦାମ୍ ୪୫୦,୦୦୦ ପାଉଣ୍ଡ (୪କୋଯି ଟଙ୍କା)। ହେଲେ ସେ ହଠାତ ବୁଝିପାରିନଥିଲେ ରାତାରାତି ଏଭଳି କୋଟିପତି ହୋଇଯିବେ ବୋଲି। ସାଂଘାଇର ଏକ୍ସପର୍ଟ ମୁତାବକ ଏହା ହେଉଛି 'ବେଜୋର', ଯାହାକୁ ଏବେ କୃଷକ ବୋ ଚୁନଲୋଉ ନିଲାମ କରିବାକୁ ଆଗ୍ରହପ୍ରକାଶ କରିଛନ୍ତି। ଏକ୍ସପର୍ଟ ଆହୁରି ମଧ୍ୟ କୁହନ୍ତି, ବେଜୋର ଖାଲି ଘୁଷୁରୀ ନୁହେଁ ବରଂ ଆହୁରି କିଛି ପଶୁଙ୍କ ଅନ୍ତରେ ସୃଷ୍ଟି ହୋଇଥାଏ। ଏହି ଜିନିଷଟିରୁ ବହୁ ପ୍ରକାରର ମେଡିସିନ, ଯେମିତିକି ମଣିଷକୁ ବଞ୍ଚାଉଥିବା ଇଞ୍ଜେକସନ ମଧ୍ୟ ପ୍ରସ୍ତୁତ ହୋଇଥାଏ। ଖୁବ୍ କମ୍ ମିଳୁଥିବା କାରଣରୁ ବେଜୋରର ମୂଲ୍ୟ ଏତେ। ଯେହେତୁ ଏହା ପଶୁଙ୍କ ପେଟରୁ ମିଳିଥାଏ ତ ଏହାର ସଠିକ ମୂଲ୍ୟ ମିଳିନଥାଏ। ପ୍ରାଚୀନଯୁଗରେ ବହୁ ରୋଗରୁ ରକ୍ଷାପାଇବାକୁ ଲୋକମାନେ ଏହାକୁ ପାଖରେ ରଖୁଥିଲେ।



# କାମ କରିବାର ନୂତନ ଶୈଳି



ଗତ କିଛି ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ନାମକରା କମ୍ପାନୀଗୁଡିକରେ ଛିଡା ହୋଇ କାମ କରିବାର ଶୈଳୀ ବଢିବାରେ ଲାଗିଛି। ଇସ୍ରାଏଲ ବିଶ୍ୱବିଦ୍ୟାଳୟରେ ଗବେଷକଙ୍କ ମତରେ ବର୍ତ୍ତମାନ ସୁଦ୍ଧା କେବଳ ଶିକ୍ଷାଦାନ କ୍ଷେତ୍ରରେ ହିଁ ଶିକ୍ଷକଶିକ୍ଷୟିତ୍ରୀ ଛିଡା ହୋଇ ସେମାନେ କାର୍ଯ୍ୟକୁ ଯଥା ସମ୍ପାଦନ କରନ୍ତି। ଏ ବାବଦରେ ଅନେକଙ୍କ ମତ ମଧ୍ୟ ନିଆଯାଇଥିଲା। ବୟସ୍କ ଶିକ୍ଷକମାନେ କହିଥିଲେ ବସି ପାଠ ପଢାଇଲେ ସେମାନଙ୍କୁ ଅଳସୁଆ ଲାଗିଥାଏ। ଏହାସହ ମାନସିକସ୍ଥିରତା ମିଳିନଥାଏ। ଏହି କାରଣରୁ ପ୍ରାୟ ୭୭% ଶିକ୍ଷକମାନେ ଛିଡା ହୋଇ ପଢାଇବାକୁ ଉଚିତ୍ ମଣିଥାନ୍ତି। ଏହାଠାରୁ ସର୍ବୋତ୍କୃଷ୍ଟ ଉଦାହରଣ ନାହିଁ ବୋଲି ବିଶେଷଜ୍ଞଙ୍କ ମତ। କାରଣ ଶିକ୍ଷକମାନଙ୍କ ଏହି ପଢା ଶୈଳୀ କାରଣରୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ ହୋଇଥାଏ, ଏଥିରେ ଦ୍ୱିମତ ହେବାର ନାହିଁ। ଆମେରିକାର ନାମକାର କମ୍ପାନୀରେ ଆଜିକାଲି ଛିଡା ହୋଇ କାମ କରିବାର ନୂଆ ପ୍ରୟୋଗ ହେଉଛି। କର୍ମଚାରୀ ଅଧିକ ସମୟ ଛିଡା ହେବା ପରେ କିଛି ସମୟ ବିଶ୍ରାମ ମଧ୍ୟ ନେବାର ବନ୍ଦୋବସ୍ତ କରାଯାଇଛି। ଏହା ସହ ପଞ୍ଚତାରକା ହୋଟେଲ ହେଉ କିମ୍ବା ରେଷ୍ଟୋରାଁ, ଏଠା ରୋଷେଇଶାଳରେ ରୋଷେୟାମାନେ ଛିଡା ହୋଇ କରି ହିଁ ନିଜ କାମ ସମ୍ପାଦନ କରିଥାନ୍ତି।

# ନିଜେ କରିପାରିବେ ଘରେବସି ସନ୍‌ଟ୍ୟାନ୍‌ର ଉପଚାର

***ଲେମ୍ବୁ:*** ଲେମ୍ବୁ ରସ, ଗୋଲାପ ଜଳ ଏବଂ କାକୁଡି ରସକୁ ମିଶାଇ ମୁହଁରେ ୧୦-୧୫ ମିନିଟ୍ ଲଗାଇ ରଖନ୍ତୁ। ଏହା ନା କେବଳ ଟ୍ୟାନ୍ ଦୂର କରିଥାଏ ଏବଂ ମୁହଁକୁ ଶୀତଳତା ମଧ୍ୟ ପ୍ରଦାନ କରିଥାଏ।

***ହଳଦୀ:*** ଥଣ୍ଡା ଦହିରେ ଅଳ୍ପ ହଳଦୀ ମିଶାଇ ଏକ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁ, ବେକ, ହାତ ଆଦି ସ୍ଥାନରେ ଲଗାଇ ୩୦ ମିନିଟ୍ ଛାଡି ଦିଅନ୍ତୁ। ବର୍ତ୍ତମାନ ଏହାକୁ ଧୀରେ ଧୀରେ ଘଷି ଗାଧୋଇ ପଡନ୍ତୁ। ମନେରଖନ୍ତୁ ହଳଦୀ ପ୍ୟାକ୍ ଗାଧୋଇବା ପୂର୍ବରୁ ଲଗାଇବା ବେଶି ଲାଭଦାୟକ।

***ଆଳୁ:*** କଞ୍ଚା ଆଳକୁ ଭଲ ଭାବେ ବାଟି ଦିଅନ୍ତୁ। ସେଥିରେ ଅଳ୍ପ ଲେମ୍ବୁ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଟ୍ୟାନ୍ ହୋଇଥିବା ସ୍ଥାନରେ ଏହାକୁ ୨୦ ମିନିଟ୍ ଲଗାଇ ରଖିବା ପରେ ଭଲ ଭାବେ ଧୋଇ ଦିଅନ୍ତୁ।

***ଘି କୁଆଁରୀ:*** ଘି କୁଆଁରୀ ରସ, ଅଧା ଚାମଚ ମହୁ, ଅଳ୍ପ ଦହି ଏବଂ କାକୁଡି ରସ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରିନିଅନ୍ତୁ। ଏହାକୁ ବେକ ଏବଂ ମୁହଁରେ ଭଲ ଭାବେ ଲଗାଇ ୧୫-୨୦ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ଖରାରୁ ଫେରିବାର ଅଳ୍ପ ସମୟ ମଧ୍ୟରେ ଏହାକୁ ଲଗାଇଲେ ବେଶ୍ ଉପକାରୀ।

***ପଇଡ ପାଣି:*** ଟ୍ୟାନ୍ ହୋଇଥିବା ସ୍ଥାନରେ ପଇଡ ପାଣି ଲଗାନ୍ତୁ। ଏହାକୁ ସ୍କିନ୍‌କୁ ଗୋରା ସହ ମୁଲାୟମ କରିବାରେ ସାହାଯ୍ୟ କରିଥାଏ।

ଅଳ୍ପ ଟମାଟୋ ରସ ଲଗାଇ ୨୦-୨୫ ମିନିଟ୍ ପରେ ଧୋଇ ଦିଅନ୍ତୁ।

***ଓଟ୍ସ:*** କଞ୍ଚା କ୍ଷୀର ଅଳ୍ପ, ଅଳ୍ପ ହଳଦୀ, ଲେମ୍ବୁ ରସ ଏବଂ ଅଳ୍ପ ଓଟ୍ସ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଟ୍ୟାନ୍ ହୋଇଥିବା ସ୍ଥାନରେ ଏହାକୁ ଲଗାଇ ସୁଖିବା ପାଇଁ ଛାଡି ଦିଅନ୍ତୁ। ଶୁଖିବା ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ।

# ଭାରି ସୁତୁରା ମାଙ୍କଡ



ଏକ ଗବେଷଣାରୁ ଜଣାପଡିଛି ଲମ୍ବା ଲାଙ୍ଗୁଡ ଥିବା ମାଙ୍କଡ ମଣିଷଙ୍କ ଠାରୁ ଭାରି ସଫାସୁତୁରା। କୋଏମ୍ବାଟୁରର ଓରିଥାଲୋଜି ଏବଂ ପ୍ରାକୃତିକ ଇତିହାସ ପାଇଁ ସାଲିମ ଅଲି କେନ୍ଦ୍ର ଦ୍ୱାରା କରାଯାଇଥିବା ଏଗ ଗବେଷଣାରୁ ଜଣାପଡିଛି ଭାରତୀୟ ଆଇଲାଣ୍ଡ ଗ୍ରେଟ୍ ନିକୋବରରେ ଦେଖିବାକୁ ମିଳୁଥିବା ଲମ୍ବା ଲାଞ୍ଜଥିବା ମାଙ୍କଡ ଭାରି ସୁତୁରା। ସେମାନେ ଖାଦ୍ୟକୁ ସଫାସୁତୁରା କରି ଛଡେଇକି ଖାଇବାକୁ ପସନ୍ଦ କରିଥାନ୍ତି। ଯେମିତି ସେମାନେ ନଡିଆ ଖାଇବା ବେଳେ ମଣିଷ ଭଳି ଚୋପା ଛଡାଇ ପଥରରେ ପିଟି ଖାଇଥାନ୍ତି। ଯଦି ବା ନଡିଆଟି ପିଟୁ ପିଟୁ ଅପରିଷ୍କାର ହୋଇଯାଏ ତ ତାକୁ ଭଲଭାବେ ଘାସ ଏବଂ ପତ୍ରରେ ସଫାକରି ଖାଇବାକୁ ପସନ୍ଦ କରିଥାନ୍ତି। ଏହି ମାଙ୍କଡ ଖାଇବା ପୂର୍ବରୁ ଅଧିକାଂଶ ଖାଦ୍ୟକୁ ଧୋଇ ସଫାକରିଥାନ୍ତି। ଏମାନେ ଛୋଟମୋଟ ଜୀବଜନ୍ତୁ ଖାଇଥାନ୍ତି ସତ କିନ୍ତୁ ବହୁତ ସତର୍କତାର ସହିତ ସେଗୁଡିକୁ ଖୋଜିଥାନ୍ତି। ଏଥିପାଇଁ ସେମାନେ ଅଳିଆ ସ୍ଥାନକୁ ଖୁବ୍ ପିଟିଥାନ୍ତି ଏବଂ ସେଥିରୁ ବାହାରୁଥିବା ଜୀବ, ଯେମିତିକି ଉଡନ୍ତା ଜୀବକୁ ସିଧା ଧରି ଖାଇଦେଇଥାନ୍ତି। ତେବେ ଖାଲି ସେତିକି ନୁହେଁ, ଏହି ମାଙ୍କଡମାନେ ମଧ୍ୟ ମଣିଷଙ୍କ ଭଳି ଦାନ୍ତ ଘସିଥାନ୍ତି। ଏଥିପାଇଁ ସେମାନେ ଘାସ, ଗଛ ପତ୍ର କିମ୍ବା ନଡିଆ କତାର ସାହାରା ନେଇଥାନ୍ତି। ଏହା ବ୍ୟତିତ ସେମାନେ ଦାନ୍ତ ମଝିରେ ରହିଯାଇଥିବା ଖାଦ୍ୟକୁ ନାଇଲନ ସୁତାରେ ମଧ୍ୟ ବାହାର କରିଦେଇଥାନ୍ତି।

# ପୁରାତନ ଥିଏଟର ଦାୟିତ୍ୱରେ ସ୍ଥାନୀୟ ଲୋକେ

ଆଗାମୀ ପିଢି ଯେପରି ପୁରାତନ ଯୁଗର ସମସ୍ତ ପ୍ରକାର ତଥ୍ୟ ପାଉ, ଏନେଇ କେବଳ ଐତିହାସିକ ଓ ଗବେଷକମାନେ ଚେଷ୍ଟା କରୁନାହାନ୍ତି। ବରଂ ସାଧାରଣ ବର୍ଗର ଲୋକେ ମଧ୍ୟ ଏକତ୍ରିତ ହୋଇ ଏସବୁ କାର୍ଯ୍ୟ କରୁଥିବାରୁ ଦେଖାଯାଉଛି। ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି ଲିବିୟାର ସବରାତା ସହରରେ ଥିବା ୨ ହଜାର ବର୍ଷ ପୁରାତନ ରୋମାନ୍ ଥିଏଟର। ଭୂମଧ୍ୟସାଗର ନିକଟବର୍ତ୍ତୀ ଏହି ଥିଏଟରର ସୁରକ୍ଷାକୁ ନେଇ ସ୍ଥାନୀୟ ଲୋକେ ଚମତ୍କାର ତଥା ପ୍ରଶଂସନୀୟ ନିଷ୍ପତ୍ତି ନେଇଛନ୍ତି। ଅନେକ ସମୟ ହେଲାଣି, ଏଠାରେ ବିଦ୍ରୋହୀ ଓ ସେନା ମଧ୍ୟରେ ଅହରହ ଯୁଦ୍ଧ ଚାଲିଛି। ଗୁଳି ଓ ବୋମା ବର୍ଷଣ କାରଣରୁ ପୁରାତନ ଥିଏଟରଟି ଅନେକାଂଶରେ କ୍ଷତିଗ୍ରସ୍ତ ହୋଇଛି। ରୋମାନ୍ ସାମ୍ରାଜ୍ୟର ପୁରାତନ ସାକ୍ଷୀ ଭାବେ ଦଣ୍ଡାୟମାନ ହୋଇଥିବା ଏହି ଥିଏଟରର ରକ୍ଷଣବେକ୍ଷଣ ଦାୟିତ୍ୱ ସ୍ଥାନୀୟ ଲୋକେ ଏବେ ନେଇଛନ୍ତି। ପ୍ରତିଦିନ ସ୍ଥାନୀୟ ଲୋକେ ଆପୋଷ ବୁଝାମଣାରେ ଥିଏଟରର ସୁରକ୍ଷାକର୍ମୀ ଭାବେ କାମ କରୁଥିବାର ପ୍ରକାଶ। ୧୯୮୨ରେ ୟୁନେସ୍କୋ ଏହି ଥିଏଟରକୁ 'ବିଶ୍ୱ ଐତିହ୍ୟ'ରେ ସ୍ଥାନ ଦେଇଥିଲା।

# ସକାଳ ଜଳଖିଆ ବିଷୟରେ କିଛି

- ଦକ୍ଷିଣ କୋରିଆରେ ସ୍ଥାନୀୟ ବାସିନ୍ଦା ସକାଳ ଜଳଖିଆ ଭାବେ ବଏଲ୍ଡ ରାଇସ୍ ଓ ଫ୍ରାଏଡ୍ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଖୁବ୍ କମ୍ ଲୋକେ ବିସ୍କୁଟ୍ କିମ୍ବା ନୁଡଲ୍ସ ଖାଉଥିବାର ସେଠାରେ ଦେଖାଯାଏ।
- ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ଭାବେ ଜଣାଯାଉଥିବା ଯୁକ୍ତରାଷ୍ଟ୍ର ଆମେରିକାରେ ସକାଳ ଜଳଖିଆ ଭାବେ ଲୋକେ ପ୍ୟାନକେକ୍, ଫ୍ରାଏଡ୍ ଅଣ୍ଡା, ଗ୍ରୀନ୍ ଟି ପିଇବାକୁ ପସନ୍ଦ କରନ୍ତି।
- ଇରାନରେ ଲୋକେ ଜଳଖିଅରେ ମିଠା, ନାଲି ଚା, ବଟର ପାଉଁରୁଟି ଖାଉଥିବାର ପ୍ରକାଶ।
- ହଟ୍ ଚକୋଲେଟ୍, ପ୍ୟାଷ୍ଟ୍ରି, କଫି ହେଉଛି ଫ୍ରାନ୍ସ ବାସିନ୍ଦାଙ୍କ ପ୍ରିୟ ଜଳଖିଆ।
- ଜାପାନରେ ସୋୟାବିନ୍ ସିଝା ଓ ପାଉଁରୁଟି ଟୋଷ୍ଟ ଅଧିକାଂଶ ଲୋକେ ଜଳଖିଆରେ ଖାଇଥାନ୍ତି।
- ପୋଲାଣ୍ଡରେ ଲୋକେ ଅଣ୍ଡା ଓ ପ୍ୟାନକେକ୍ ହିଁ ଖାଉଥିବାର ଜଣାଯାଇଛି।
- ତୁର୍କୀ ବାସିନ୍ଦା ବେଶ୍ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଖାଇଥାନ୍ତି। ଅଲିଭ, ମହୁ, ଜାମର ମଶ୍ରଣ କରି ପାଉଁରୁଟି ସହ ଖାଉଥିବାର ପ୍ରକାଶ।
- ଫିଲିପାଇନସ୍ ଓ ଭେନେଜୁଏଲା ବାସିନ୍ଦା ରାତିର ବାସି ଖାଦ୍ୟ ସକାଳ ଜଳଖିଆରେ ଖାଇବାକୁ ପସନ୍ଦ କରନ୍ତି।
- ଚୀନରେ ଲୋକେ ନୁଡଲ୍ସ ଓ ସୁପ୍ ସକାଳବେଳା ଖାଇଥାନ୍ତି।
- ଲେବାନନରେ ଟମାଟୋରେ ତିଆରି ପରଟା ହିଁ ସକାଳ ଜଳଖିଆ ଭାବେ ଖିଆଯାଏ।



# ଗର୍ଭାବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ

ମା' ହେବା ଦୁନିଆର ସବୁଠାରୁ ବଡ ଅନୁଭୂତି। ଏହି ସୁଖ ପାଇଁ ବହୁତ କଷ୍ଟର ସମ୍ମୁଖୀନ ହେବାକୁ ପଡିଥାଏ। ଗର୍ଭାବସ୍ଥା ସମୟରେ ଶରୀରରେ ଅନେକ ପରିର୍ତ୍ତନ ଆସିଥାଏ। ଏଥିପାଇଁ ମହିଳାମାନଙ୍କୁ ନିଜ ପ୍ରତି ଧ୍ୟାନ ଦେବା ଜରୁରି। ପେଟର ଆକାର ବଢିବା ଯୋଗୁ ଚଲାବୁଲା କରିବା ତଥା ବସିବାରେ ଅସୁବିଧା ହୋଇଥାଏ। ଖାସ୍ କରି ଶୋଇବା ସମୟରେ ଗର୍ଭବତୀଙ୍କୁ ବିଶେଷ ଭାବେ ଧ୍ୟାନ ଦେବାକୁ ପଡେ। ଆସନ୍ତୁ ଜାଣିବା ଗର୍ଭାବସ୍ଥାରେ ଶୋଇବା ସମୟରେ କେଉଁ ସବୁ ଭୁଲ କରିବେ ନାହିଁ।

୧-ପେଟ ଉପରେ ଅଧିକ ଭାର ଦିଅନ୍ତୁ ନାହିଁ

ଗର୍ଭାବସ୍ଥାରେ ମା' ଶରୀର ଛୁଆର ଆଶ୍ରୟ ସ୍ଥଳୀ ହୋଇଥାଏ। ଏଥିପାଇଁ ଗର୍ଭବତୀ ମହିଳାମାନଙ୍କୁ ଶୋଇବାର ଢଙ୍ଗ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିଥାଏ। ଖାସ୍ କର ଶୋଇବା ସମୟରେ ଶରୀର ଅଧିକ ସମୟ ଯାଏଁ ଗୋଟିଏ ପୋଜିସନ୍‌ରେ ରହେ। ତେଣୁ ଗର୍ଭବତୀମାନେ ଶୋଇବା ସମୟରେ ଧ୍ୟାନ ଦେବେ ଯେପରି ପେଟ ଉପରେ ଅଧିକ ଭାର ପଡିବ ନାହିଁ। କାରଣ ଏହା ଦ୍ୱାରା ପେଟରେ ଥିବା ଶିଶୁ ଉପରେ ଖରାପ ପ୍ରଭାବ ପଡିଥାଏ।

୨-ଶୋଇବା ପୋଜିସନ୍ ପ୍ରତି ଧ୍ୟାନ ଦିଅନ୍ତୁ

ଗର୍ଭବସ୍ଥାରେ ବାମ କଡକୁ ମୁହଁ କରି ଶୋଇବା ଭଲ। ବାମ ପଟକୁ ମୁହଁ କରି ଶୋଇବା ଦ୍ୱାରା ଉଭୟ ମା' ଓ ଶିଶୁର ଶରୀରରେ ଠିକ୍ ଭାବେ ରକ୍ତପ୍ରବାହ ହୋଇଥାଏ। ଛୁଆକୁ ମଧ୍ୟ ଠିକ୍ ପରିମାଣରେ ଅମ୍ଳଜାନ ମିଳିଥାଏ। ଏହାଦ୍ୱାରା ଶିଶୁ ଉପରେ ଖରାପ ପ୍ରଭାବ ପଡିନଥାଏ।

୩-ଶୋଇବାର ଠିକ୍ ପୂର୍ବରୁ ପାଣି ପିଅନ୍ତୁ ନାହିଁ।

ଶୋଇବାର ଠିକ୍ ପୂର୍ବରୁ ପାଣି ପିଅନ୍ତୁ ନାହିଁ। ଶୋଇବା ପୂର୍ବରୁ ପାଣି ପିଇଲେ ରାତିରେ ଉଠି ବାଥରୁମ୍ ଯିବାର ଆବଶ୍ୟକତା ପଡିପାରେ। ଏଥିପାଇଁ ଶୋଇବାର ଏକଘଣ୍ଟା ପୂର୍ବରୁ ପାଣି ପିଅନ୍ତୁ।

୪-ଅଧିକ ଷ୍ଟ୍ରେସ୍ ନିଅନ୍ତୁ ନାହିଁ

ଗର୍ଭାବସ୍ଥାରେ ଚିନ୍ତା ଆପଣଙ୍କ ନିଦର ବଡ ଶତ୍ରୁ ହୋଇଥାଏ। କିନ୍ତୁ ଏହା ଆପଣଙ୍କର ହେବାକୁ ଥିବା ଶିଶୁ ପାଇଁ ଭଲ ନୁହେଁ। ଭଲ ନିଦ ପାଇଁ ମନ ପସନ୍ଦର ଗୀତ ଶୁଣନ୍ତୁ। ଭଲ ବହି ପଢିପାରିବେ ଏବଂ କମେଡି ସିନେମା ମଧ୍ୟ ଦେଖିପାରିବେ।

୫-ଆରାମ ଦାୟକ ପୋଷାକ ପିନ୍ଧନ୍ତୁ

ଗର୍ଭାବସ୍ଥାରେ ଢିଲା ସୂତାବସ୍ତ୍ର ପିନ୍ଧନ୍ତୁ। ଅଧିକ ରାଇଟ୍ ପୋଷାକ ପିନ୍ଧିଲେ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିଥାଏ।

୬-ଶୋଇବା କକ୍ଷର ତାପମାତ୍ରା ଠିକ୍ ରହିବା ଆବଶ୍ୟକ

ଗର୍ଭବତୀଙ୍କ ଶୋଇବା କକ୍ଷ ଅଧିକ ଥଣ୍ଡା କିମ୍ବା ଅଧିକ ଗରମ ହୋଇନଥିବା ଆବଶ୍ୟକ। ରୁମ୍ ସର୍ବଦା ସଠିକ ତାପମାତ୍ରାରେ ରହିଲେ ଭଲ ନିଦ ହୋଇଥାଏ।



# ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ

## ହରିନାମରେ ମଜ୍ଜିଲେ ହଜାର ହଜାର ଭକ୍ତ, ବିଦେଶରୁ ବହୁ ଭକ୍ତ ଆସି ମହାପୁରୁଷଙ୍କୁ ଦର୍ଶନ କଲେ

ନିଶ୍ଚିନ୍ତକୋଇଲି **୧୦/୨(ନି.ପ୍ର):** ପବିତ୍ର ମାଘ ଶୁକ୍ଳ ଏକାଦଶୀ ଶନିବାର ଦିନ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଦାସଙ୍କର ପବିତ୍ର ସ୍ୱନକ୍ଷତ୍ର ଦିବସ ପଦ୍ମବନପୀଠ ନେମାଳପୀଠଠାରେ ପାଳିତ ହୋଇଛି । ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଭବିଷ୍ୟ ମାଳିକା .ବହୁ ଗ୍ରନ୍ଥ, ଉବାଚ, ଭଜନ ଆଦି ରଚନା କରି କାଳ କାଳକୁ ଯଶ ରଖିଯାଇଛନ୍ତି । ସ୍ୱନକ୍ଷତ୍ର ଅବସରରେ ନେମାଳ ପଦ୍ମବନ ପୀଠଠାରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହେଉଛି । ପ୍ରାତଃ କାଳରେ ପବିତ୍ର ଚିତ୍ରୋତ୍ପଳା ନଦୀରୁ ଜଳତୋଳାଯାଇ ଅଷ୍ଟପ୍ରହରୀ ମଣ୍ଡପରେ ସ୍ଥାପନ କରାଯାଇଥିଲା । ମଣ୍ଡପରେ ସ୍ଥାପିତ ହୋଇଥିବା ରାଧାକୃଷ୍ଣ, ଚୈତନ୍ୟ ମହାପ୍ରଭୁ, ରାଧାରମଣ, ରାଧାବଲ୍ଲଭଙ୍କ ନିକଟରେ ଅଷ୍ଟପ୍ରହର ନୈବେଦ୍ୟ ଅର୍ପଣ ସ୍ୱରୂପ ମଙ୍ଗଳଆଳତୀ କରାଯାଇଥିଲା । ପ୍ରାତଃ ୬ ଘଟିକା ସମୟରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ମହାମନ୍ତ୍ର ନାମ କୀର୍ତ୍ତନ ଶୁଭାରମ୍ଭ କରାଯାଇଥିଲା । ଦିବାରାତ୍ର ବ୍ୟାପୀ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ଏହି ପୀଠରେ ଉପସ୍ଥିତ ହୋଇ ହରିନାମ ସଂକୀର୍ତ୍ତନ କରିଥିଲେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ହୋଇ ନାମ ସଂକୀର୍ତ୍ତନକୁ ଶ୍ରବଣ କରିବା ସହିତ ବିଭୁକୃପା ଲାଭ କରିଥିଲେ । ସ୍ୱନକ୍ଷତ୍ର ଦିବସ ଅବସରରେ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଟ୍ରଷ୍ଟ ଏବଂ ଅଷ୍ଟପ୍ରହରୀ ପରିଚାଳନା କମିଟିର ମିଳିତ ସହଯୋଗରେ ଏହି ହରିନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱନକ୍ଷେତ୍ର ଦିବସ ଅବସରରେ ପ୍ରତ୍ୟୁଷରୁ ପାରମ୍ପରିକ ରୀତିନିତି ଅନୁଯାୟୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ମହାସ୍ନାନ, ଚନ୍ଦନ ତୁଳସୀ ଲାଗି, ନୂତନ ବସ୍ତ୍ର ପରିଧାନ, ରୂପା ମୁକୁଟ ପରିଧାନ, ମଙ୍ଗଳଆଳତୀ, ପହିଲି ଭୋଗ, ରୀତିନୀତ ଓ ନିତ୍ୟାନି ନୈବେଦ୍ୟ ସଂପର୍ଣ୍ଣ ହେବା ପରେ ଶ୍ରଦ୍ଧାଳୁ ଭକ୍ତଙ୍କ ନିମି□ ପହଡ ଖୋଲାଯାଇଥିଲା । ମଧ୍ୟାହ୍ନରେ ନିତ୍ୟଭୋଗ ଓ ମଧ୍ୟାହ୍ନ ଆଳତୀ ଶେଷ ପରେ ଭକ୍ତମାନଙ୍କ ଦ୍ୱାରା ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଥିଲା । ସଂଧ୍ୟାରେ ଜୟଆଳତୀରେ ପୂଜକମାନେ ସମୂହ ନାମ ମଣ୍ଡପକୁ ପରିକ୍ରମା କରିବା ସହିତ ବେଢା ପରିକ୍ରମା କରାଯାଇଥିଲା । ଆନନ୍ଦ ବଜାରରେ ଏହି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କର ଭିଡ ଦେଖିବାକୁ ମିଳିଥିଲା । ବରିଷ୍ଠ ସେବାୟତ ଧରଣୀଧର ପୂଝାରୀ,ଆଇନଜୀବୀ ଶିଶିର ଦାସ, ସମାଜସେବୀ ପ୍ରସନ୍ନ ବେଉରିଆ, ଅଜୟ କୁମାର ପୃଷ୍ଟି, ହରେକୃଷ୍ଣ ପୂଝାରୀ, ପଣ୍ଡିତ ଶତ୍ରୁଘ୍ନ ଦାସ ,ବରିଷ୍ଠ ସେବକ କାର୍ତ୍ତିକ ପୂଝାରୀ, ସୁଧାଂଶୁଶେଖର ମହାପାତ୍ର, କୈଳାସ ଭୋଳ, ଅକ୍ଷୟ କୁମାର ସାହୁ, ଅମୂଲ୍ୟ ମହାନ୍ତି, ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ସାହୁ, ଅମୂଲ୍ୟ କୁମାର ମହାନ୍ତି, ଆଲୋକ କୁମାର ଦତ୍ତ, ବିଜୟ କୁମାର ମହାନ୍ତି, ମଳୟ ଦେ, ପ୍ରସନ୍ନ ସ୍ୱାଇଁ, ଅମରବଲ୍ଲଭ ଦାସ, ପବିତ୍ର ମହାନ୍ତି, ବୈକୁଣ୍ଠ ବରାଳ, ଅତିରଂଜନ ପ୍ରଧାନ, ରଘୁନାଥ ସେଠୀ, ସେବକ ସଂଘର ସଭାପତି କ୍ଷମାନିଧି ପୂଝାରୀ, ହିଂମାଶୁ ଶେଖର ଦାସ,ବଳଦେବାନନ୍ଦ ଦାସ, ଦିବାକର ସାହୁ, ହରପ୍ରସାଦ ପୃଷ୍ଟି, କେଶବ ଦଳାଇ, ରାଜସ୍ୱ ନିରକ୍ଷକ ପ୍ରକାଶ କୁମାର ମାଝୀ, ଶରତ ମଲ୍ଲିକ, ନେମାଳ ବିଜେପି ମଣ୍ଡଳ ସଭାପତି ମିନକେତନ ମହାନ୍ତି, ରବିନ୍ଦ୍ର ପୃଷ୍ଟି ପ୍ରମୁଖ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ । ସଂଧ୍ୟାରେ ଭକ୍ତମାନଙ୍କର ମାନସିକ ଆତସବାଜି ପ୍ରଦର୍ଶନ କରାଯାଇଥିଲା । ଭକ୍ତମାନଙ୍କ ପାଇଁ ଅହୋରାତ୍ର ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା । ଚଳିତ ବର୍ଷ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କର ସ୍ୱନକ୍ଷତ୍ର ଦିବସରେ ବିଦେଶରୁ ଯଥା - ଆମେରିକା, ଜାପାନ, କାନାଡା ଆଦି ଦେଶରୁ ବହୁ ଭକ୍ତ ଓ ସନ୍ଥମାନେ ମହାପୁରୁଷଙ୍କ ସାନ୍ନିଧ ଲାଭ କରିବା ନିମନ୍ତେ ପୀଠରେ ଉପସ୍ଥିତ ହୋଇଥିଲେ । ନେମଳା ଥାନା ଅଧିକାରୀ ସୁନୀଲ କୁମାର ନାୟକଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀମାନେ ପରିଚାଳନାରେ ସହଯୋଗ କରିଥିଲେ ।



## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା



ବାଲିଗୁଡା,**୧୦/୨(ନି.ପ୍ର):** ସରକାରୀ ଉଚ୍ଚ ବିଦ୍ୟାଳୟ,ବାଲିଗୁଡା ଠାରେ ଦଶମ ଶ୍ରେଣି ଛାତ୍ରଛାତ୍ରୀ ମାନଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି । ଏଥି ନିମନ୍ତେ ଏକ ସଭାର ଆୟୋଜନ ପ୍ରଧାନ ଶିକ୍ଷୟତ୍ରୀ ଜୋସ୍ନାମୟୀ ସାହୁଙ୍କ ସଭାପତିତ୍ୱରେ କରାଯାଇଥିଲା ଏଥିରେ ମୁଖ୍ୟ ଅତିଥୀ ଭାବେ ରେଂଜର ଅତୁଲଲ୍ୟ ମହାନ୍ତୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପଂଚଶାଖା ଶିକ୍ଷାସେତୁର ସଭାପତି ଡା ବିଚିତ୍ରାନନ୍ଦ ଆଚାର୍ଯ୍ୟା ,ସମ୍ମାନିତ ଅତିଥୀ ଭାବେ ସାମ୍ବାଦିକ ଭଗବତୀ ପ୍ରସାଦ ସାବତ, ଦେବବ୍ରତ ସିଂଦେଓ ଓ ବିଦ୍ୟାଳୟ ପରିଚାଳନା ସଭାପତି ସାନ୍ତୁନୁ କୁମାର ମାଝୀ ପ୍ରମୁଖ ମଂଚାସିନ ଥିଲେ ଛାତ୍ରଛାତ୍ରୀଙ୍କୁ ଭଲରେ ପରୀକ୍ଷା ଦେବାକୁ ପରାମର୍ଶ ଦେଇଛନ୍ତି । ଶିକ୍ଷକ ନାଗାର୍ଜୁନ ପ୍ରଧାନ ସ୍ୱାଗତ ଭାଷଣ ସହ ଅତିଥୀ ପରିଚୟ କରାଇଥିଲେ । ଛାତ୍ରଛାତ୍ରି ମାନେ ନିଜର ଅନୁଭୁତି କହିଥିଲେ । ସମସ୍ତ ଦଶମ ଛାତ୍ରଛାତ୍ରୀ ମାନଙ୍କୁ ପେନ ଉପହାର ଦିଆଯାଇଛି ଓ ୟୁକୋ କ୍ଲକବ,ଏନଆରସି କ୍ଲବ ସାଇନ୍ସ ଏବଂ ମେଥମେଟିକ୍ସ କ୍ଲବ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି ।

## ମା' ରତନୀ ଅଟୋ ସଂଘର ନୂତନ ଗୃହ ପ୍ରତିଷ୍ଠା



ପୋଲସରା **୧୦/୨(ନି.ପ୍ର):** ଗଞ୍ଜାମ ଜିଲ୍ଲାର ପୋଲସରା ଏନ.ଏ.ସି ନୂଆଁ ବସଷ୍ଟାଣ୍ଡ ପାଟିଗଡ଼ ରୋଡରେ 'ମା' ରତନୀ ଅଟୋ ଚାଳକ ସଂଘ' ର ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ଫେବୃଆରୀ ୭ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ଗୃହ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଶ୍ରୀ ସାହୁ ଅଟୋ ସଂଘର ସମସ୍ତ ସଦସ୍ୟମାନଙ୍କ ସହ ଆଲୋଚନା କରି ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ସଭାପତି ଓଁମ ପ୍ରକାଶ ପ୍ରଧାନ, ଉପସଭାପତି ହାଡ଼ି ସାହୁ, ସମ୍ପାଦକ ଶଙ୍କର ଗୌଡ଼, କୋଷାଧକ୍ଷ ଶଙ୍କର ସାହୁଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଭାଲୁ ଆକ୍ରମଣରେ ୩ ଗୁରୁତର

ପାଟଣା **୧୦/୨(ନି.ପ୍ର):** ଗତ ସପ୍ତାହକ ମଧରେ ଘଟଗାଁ ବ୍ଲକ ଅନ୍ତର୍ଗତ ଭୋଳବେଡା ପଞ୍ଚାୟତ ଆମ୍ବୁଆପଡା ଗ୍ରାମରେ ଭାଲୁ ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି । ସନ୍ଧ୍ୟା ହେଲେ ୩ ଟି ଭାଲୁ ଗ୍ରାମ ମଧରେ ପ୍ରବେଶ କରି ଆତଙ୍କ ଖେଳାଉଛନ୍ତି । ଗ୍ରାମର ଭାଗିରଥି ମହାନ୍ତ (୬୦), ଅଫିସର ନାଏକ (୪୮) ଓ ନାଥ ନାଏକ (୬୩) ଭାଲୁ ଆକ୍ରମଣରେ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ଢେଙ୍କିକୋଟ ବନପାଳ ନଗେନ୍ଦ୍ର କୁମାର ଜେନା ଙ୍କ କହିବାନୁଯାୟୀ ୬ ତାରିଖ ରାତି ଭାଗିରଥି ମହାନ୍ତଙ୍କୁ ଭାଲୁ କାମୁଡି ଥିବା ଖବର ତାଙ୍କ ପାଖରେ ଅଛି ଓ ସେ ଲୋକ ମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିବା ସୁଚନା ଦେଇଛନ୍ତି ।

## ଉପାଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଲେ ଅଶୋକ



ନିଶ୍ଚିନ୍ତକୋଇଲି **୧୦/୨(ନି.ପ୍ର):** ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧ୍ୟକ୍ଷ ତଥା ବିଜୁ ଜନତା ଦଳ ସମର୍ଥୀତ କିଗ୍ନିପୁର ପଂଚାୟତ ସମିତିସଭ୍ୟ ଶ୍ରୀ ଅଶୋକ କୁମାର ଓଝା ଉପାଧ୍ୟକ୍ଷ ପଦରୁ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ଶ୍ରୀ ଓଝା ତା.୭.୨.୨୦୨୫ ରିଖରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟେନ୍ଦୁ ଦାସଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି । ତାଙ୍କର ବ୍ୟକ୍ତିଗତ ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ପ୍ରଦାନ କରିଥିବା ଦର୍ଶାଇଛନ୍ତି । ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ଦାସ ତାଙ୍କର ଇସ୍ତଫାପତ୍ରକୁ ଗ୍ରହଣ କରି ପ୍ରଶାସନିକ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରଣ କରିଥିବା ଜଣାଯାଇଛି ।

## ୟୁନିଅନ ଫର କଟକ ସଦର ଡେଭଲପ୍ ମେଣ୍ଟର ସେବା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି **୧୦/୨(ନି.ପ୍ର):** ଭବିଷ୍ୟତ ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ କଟକ ଜିଲ୍ଲା ପଦ୍ମବନପୀଠ ନେମାଳଠାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତକୁ ଦୃଷ୍ଟିରେ ରଖି ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ□ ପକ୍ଷରୁ ନେମାଳ ପୀଠଠାରେ ଏକ ନିଶୁଳ୍କ ପାନୀୟ ଜଳ ଓ ଚାହା ପ୍ରଦାନ କେନ୍ଦ୍ର ଖୋଲାଯାଇ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ପ୍ରଦାନ କରାଯାଇଛି । ସଂଗଠନର ସଭାପତି ମନୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ସେବା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ଅଭିମନ୍ୟୁ ସାହୁ, ସୁନାକର ବେହେରା ସଞ୍ଜୟ ପରିଡା, ଜାନକୀ ବଲ୍ଲଭ ମହାନ୍ତି, କରୁଣାକର ସିଂହ, ଦେବାଶିଷ ପରିଡା, ସରୋଜ ସାସମଲ, ସ୍ମୃତିରଂଜନ ଦାସ, ଶରତ ମଲ୍ଲିକ, ନୃସିଂହ ଭୋଇ, ରଂଜନ ଦାସ, ରାଜକୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସଂଗଠନର ଏଭଳି ସେବା ମନୋବୃତ୍ତିକୁ ସାଧାରଣରେ ଭୂୟଶୀ ପ୍ରଶଂସା କରାଯାଇଛି । ଏଥିପୂର୍ବରୁ ସଂଗଠନ ବିଭିନ୍ନ ଜନହିତକର କାର୍ଯ୍ୟ ହାତକୁ ନେଇ କାର୍ଯ୍ୟ କରିଥିବା ନଜିର ରହିଛି ।

## ଜଗନ୍ନାଥପୁର ଜୟ ମା ଗଦେଇ ମା କ୍ଲବର ସରସ୍ୱତୀ ପୂଜା

ନିଶ୍ଚିନ୍ତକୋଇଲି**୧୦/୨(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଦାଉଦପୁର ପଂଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ଠାରେ ଅବସ୍ଥିତ ଜୟ ମା ଗଦେଇ ମା କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ତା.୦୨.୦୨.୨୦୨୫ ରିଖ ଠାରୁ ୧୦.୦୨.୨୦୨୫ରିଖ ପର୍ଯ୍ୟନ୍ତ ବାଗଦେବୀ ମା ସରସ୍ୱତୀଙ୍କ ପୂଜା ଉତ୍ସବ ଚାଲୁ ରହିଛି । କ୍ଲବର ସଦସ୍ୟ ସିପୁନା ମଳିକଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ସମାଜସେବୀ ଦିଲ୍ଲୀପ ମହାନ୍ତି, ସଭାପତି ହିମାଂଶୁଶେଖର ମଳିକ, ସମ୍ପାଦକ ଉମାକାନ୍ତ ମଳିକ, ସଭ୍ୟ ମନୋଜ ମଳିକ,ଚନ୍ଦନ ମଳିକ,ଅର୍ଜୁନୀ ମଳିକ,କୁନା ମଳିକ,ଜିତେନ୍ଦ୍ର ମଳିକ,ରଙ୍ଗିଲା ମଳିକ,ମିଳନ ମଳିକ, ସୁଜନ କୁମାର ଦାସ,ପପୁ ମଳିକ,କାହ୍ନା ମଳିକ,ପ୍ରତାପ ମଳିକ, ବାପୁନୀ ମଳିକ,ଟନିଆ ଦଳେଇ ଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ, ଗ୍ରାମବାସୀ ମା'ଙ୍କ ପୂଜା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରୁଛନ୍ତି । ପ୍ରତ୍ୟହ ସୁବିଜ୍ଞ ପୂଜକଙ୍କ ଦ୍ୱାରା ମାଆଙ୍କ ପୂଜାର୍ଚ୍ଚନା ଯଥାରୀତି ଅନୁଷ୍ଠିତ ହେଉଥିବା ବେଳେ ତା.୦୨.୧୦.୨୦୨୫ରିଖ ସୋମବାରରେ ମା'ଙ୍କ ମୁଣ୍ମୟୀ ମର୍ତ୍ତିକୁ ବିସର୍ଜନ କରାଯାଇ ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଜେପିର ନୂତନ ଜିଲ୍ଲା ସଭାପତି ଙ୍କୁ ପାଟଣା ରେ ଭବ୍ୟ ସମ୍ବର୍ଦ୍ଧନା

ପାଟଣା **୧୦/୨(ନି.ପ୍ର):** ଆଜି ପାଟଣା ବ୍ଲକ ମୁଖ୍ୟାଳୟ ସଅଁରାପଶି ଲକ୍ଷ୍ମୀ ପୂଜା ପଡିଆ ଠାରେ ପାଟଣା ମଣ୍ଡଳ ସଭାପତି ବ୍ରଜବନ୍ଧୁ ସେଠୀଙ୍କ ଅଧକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।କେନ୍ଦୁଝର ଜିଲ୍ଲା ବିଜେପି ର ନୂତନ ସଭାପତି ଭାବେ ଶୁକଦ୍ୱେ ମହାନ୍ତ ମନୋନୀତ ହେବା ପରେ ତାଙ୍କୁ ଆଜି ପାଟଣା ବ୍ଲକ ବିଜେପି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସବୀର କୁମାର ଦାଶ,କେନ୍ଦୁଝର ସାଂସଦ ଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହ୍ଲାଦ ପଲେଇ,ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ସୋମବାରି ମୁଣ୍ଡା,ପୂର୍ବତନ ମଣ୍ଡଳ ସଭାପତି ରମେଶ ମହାନ୍ତ,ବ୍ଲକ ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ମାନସୁର ଆଲାମ ପ୍ରମୁଖ ମଞ୍ଚାସିନ ଥିଲେ ।କାର୍ଯ୍ୟକ୍ରମ କୁ ଜିଲ୍ଲା କୃଷକ ମୋର୍ଚ୍ଚା ସମ୍ପାଦକ ଡମ୍ବରୁଧର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ ।ନବ ନିଯୁକ୍ତ ଜିଲ୍ଲା ସଭାପତି ଙ୍କୁ ପାଟଣା ବଜାର ନିକଟରୁ ଏକ ଶୋଭାଯାତ୍ରାରେ ନେଇ ସଅଁରାପଶି ଲକ୍ଷ୍ମୀପୂଜା ପଡିଆ ପର୍ଯ୍ୟନ୍ତ ନେଇଥିଲେ ।ସେଠାରେ ତାଙ୍କୁ ଏକ ବିଶାଳ ପୁଷ୍ପ ମାଲ୍ୟ ସହିତ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ନୂତନ ସଭାପତି ଦଳକୁ ବୁଥ ସ୍ତରରୁ ସଂଗଠିତ କରି ଲୋକଙ୍କ ସୁବିଧା ଅସୁବିଧା ରେ ସାଥୀ ହୋଇ ରହିବା ପାଇଁ କହିଥିଲେ ।କୌଣସି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ନହୁଅନ୍ତୁ ସେଥିପ୍ରତି ସମସ୍ତ କର୍ମକର୍ତ୍ତା ମାନେ ଦୃଷ୍ଟି ଦେଲେ ଆଗାମି ଦିନରେ ଦଳ ଆହୁରି ଦୃଢ଼ ହେବ ବୋଲି କହିଥିଲେ ।କାର୍ଯ୍ୟକ୍ରମ ରେ ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ବିଜେପି ର ବରିଷ୍ଠ ନେତା ଓ ଛାମୁଆ ସଂଗଠନ ର କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ । ସେହିପରି ଏହି ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଠାରେ ମଣ୍ଡଳ ସଭାପତି ଜୁଲିଅସ ସିଂହ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ନୂତନ ଜିଲ୍ଲା ସଭାପତି ଙ୍କୁ ମଧ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।

## ଦିଲ୍ଲୀରେ ବିଜେପିର ପ୍ରଚଣ୍ଡ ବିଜୟ ପରେ ପ୍ରବାସୀ ଓଡିଆଙ୍କୁ କୃତଜ୍ଞତା ଜଣାଇଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ



ପାଟଣା **୧୦/୨(ନି.ପ୍ର):** ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟୀ ସପକ୍ଷରେ ମିଳିଥିବା ପ୍ରଚଣ୍ଡ ଜନାଦେଶ ପରେ କେନ୍ଦୁଝର ସାଂସଦ ତଥା ଦିଲ୍ଲୀ ବିଜେପି ଓଡିଆ ସେଲର ପ୍ରଭାରୀ ଅନନ୍ତ ନାୟକ ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆ ମାନଙ୍କ ପ୍ରତି ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଗତ ବିଧାନସଭା ନିର୍ବାଚନରେ ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆ ମାନେ ଭାରତୀୟ ଜନତା ପାର୍ଟି ପ୍ରତି ଅଜସ୍ର ସମର୍ଥନ ପ୍ରଦାନ କରିଥିବା କାରଣରୁ ପ୍ରବାସୀ ଓଡିଆ ବହୁଳ ବିଧାନସଭା ଆସନ ଗୁଡିକରେ ବିଜେପି ପ୍ରାର୍ଥୀ ମାନେ ବିଜୟୀ ହୋଇ ପାରିଛନ୍ତି ବୋଲି ଶ୍ରୀ ନାୟକ କହିଛନ୍ତି । ଉଲ୍ଲେଖନୀୟ ଯେ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କୁ ଦଳର କେନ୍ଦ୍ରୀୟ ନେତୃତ୍ୱ ଦିଲ୍ଲୀ ବିଜେପି ଓଡିଆ ସେଲର ପ୍ରଭାରୀ ଭାବେ ଦାୟିତ୍ୱ ଦେଇଥିଲା ଓ ବିଧାନସଭା ନିର୍ବାଚନ ପରିଚାଳନାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡିଆ ମାନଙ୍କ ନିକଟକୁ ପହଂଚିବା ଓ ସେମାନଙ୍କର ସମର୍ଥନ ହାସଲ କରିବା ପାଇଁ ସେ ରଣନୀତି ପ୍ରସ୍ତୁତ କରିଥିଲେ । ସେ ନିଜେ ପ୍ରବାସୀ ଓଡିଆ ବହୁଳ ୧୭ ଟି ବିଧାନସଭା ଆସନରେ ଯାଇ ପ୍ରଚାର କରିଥିଲେ । ସେ ପ୍ରଚାର କରିଥିବା ୧୭ଟି ବିଧାନସଭା ଆସନରୁ ୧୪ଟି ଆସନରେ ବିଜେପି ପ୍ରାର୍ଥୀ ମାନେ ବିଜୟୀ ହୋଇଛନ୍ତି ।ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ପ୍ରତିକ୍ରିୟାରେ ଶ୍ରୀ ନାୟକ କହିଛନ୍ତି ଯେ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିକୁ ମିଳିଥିବା ପ୍ରଚଣ୍ଡ ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ଭାରତୀୟ ଜନତା ପାର୍ଟିର ନୀତି ପ୍ରତି ବିଶ୍ୱାସର ପ୍ରତୀକ । ଆଜିର ଏହି ବିଶାଳ ବିଜୟ ପ୍ରମାଣିତ କରି ଦେଇଛି ଯେ ଦେଶର ଜନସାଧାରଣଙ୍କର ବିଶ୍ୱାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଅଛି । ରାଜଧାନୀ ଦିଲ୍ଲୀର ହୃଦୟରେ ମଧ୍ୟ ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଛନ୍ତି । ସେ କହିଛନ୍ତି ପାଖାପାଖି ୨୭ ବର୍ଷର ଦୀର୍ଘ ବ୍ୟବଧାନ ପରେ ଭାରତୀୟ ଜନତା ପାର୍ଟି ଦିଲ୍ଲୀରେ କ୍ଷମତାକୁ ଫେରୁଛି । ଏହି ବିଶାଳ ବିଜୟ ପାଇଁ ମୁଁ ଦଳର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା, ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବା ଓ ଦଳ ପାଇଁ କଠିନ ପରିଶ୍ରମ କରିଥିବା ଦେବଦୁର୍ଲଭ କାର୍ଯ୍ୟକର୍ତା ମାନଙ୍କୁ ହାର୍ଦିକ ଅଭିନନ୍ଦନ ଜଣାଇବା ସହ ଦିଲ୍ଲୀର ଜନ ସାଧାରଣଙ୍କ ପ୍ରତି କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି ।

## ପ୍ରସିଦ୍ଧ ଖଡିଆଳ ମହୋତ୍ସବ ଉଦଯାପିତ

ନୂଆପଡା **୧୦/୨(ନି.ପ୍ର):** ନୂଆପଡ଼ା ଜିଲ୍ଲା ପ୍ରସିଦ୍ଧ ଖଡିଆଳ ମହୋତ୍ସବ - ୨୦୨୫ ଉଦଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଅଛି । ବଲିଉଡ ସଙ୍ଗୀତକାର ଜାଭେଦ ଅଲ୍ଲୀ ଙ୍କ ଗାୟକିରେ ସମଗ୍ର ମହୋତ୍ସବ ଦର୍ଶକ ଝୁମିଲେ । ଆଜି ଉଦଯାପନୀ ସଂଧ୍ୟା ରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ରୂପେ ପୂର୍ବତ୍ତନ୍ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ବରି ବିଶ୍ୱ ରଂଜନ ମଲ୍ଲିକ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନପତି ଏବଂ ଖଡିଆଳ ନଗର ଅଧକ୍ଷ ଉଜ୍ଜଳ ଗୁପ୍ତା ପ୍ରମୁଖ ଯୋଗ ଦେଇଥିବା ବେଳେ ଖଡିଆଳ ବିଧାୟକ ଆଧୀରାଜ ପାଣିଗ୍ରାହୀ ଅଧକ୍ଷତା କରିଥିଲେ । କଳାର ସହର ଅଟେ ଖଡିଆଳ । ଧନୁଯାତ୍ରା ପରେ ଖଡିଆଳ ମହୋତ୍ସବ ବୃହତ୍ ଉତ୍ସବ ଅଟେ ବୋଲି ଅତିଥି ମାନେ ମତପୋଷଣ କରିଛନ୍ତି । ଅତିଥି ପରିଚୟ ଅଧାପକ ସାମୁଏଲ ଦାନୀ, ଦେଇଥିବା ବେଳେ ସମାଜ ସେବୀ ଅକ୍ଷୟ ନନ୍ଦ ଧନ୍ୟବାଦ ଦେଇଥିଲେ । ବଲିଉଡ କଣ୍ଠ ଶିଳ୍ପୀ ଯାଭେଦ ଅଲ୍ଲୀ ଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ରେ ମହୋତ୍ସବ ପଡିଆର ସମସ୍ତ ଦର୍ଶକ ଝୁମିବା ସହ ତାଙ୍କ ଗୀତ ଗାଇଥିଲେ । ଖଡିଆଳ ଜନତା ଙ୍କୁ ଦେଖି ଦିଲ ବାଗ ହୋଗେୟା ବୋଲି ଜାଭେଦ ଅଲ୍ଲୀ ସାମ୍ବାଦିକଙ୍କୁ କହିଛନ୍ତି ।

## ବିଷ୍ଣୁଚକ୍ର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା





ବୁଗୁଡ଼ା **୧୦/୨(ନି.ପ୍ର):** ବୁଗୁଡ଼ା ବ୍ଲକ ବିଷ୍ଣୁଚକ୍ର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଘୋଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୦୭/୦୨/୨୫ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସନ୍ତୋଷ କୁମାର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଅତିଥି ଭାବେ ପୂର୍ବତନ ସିଆରସିସି ପ୍ରଭାକର ଗୌଡ଼, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଜେନା ଯୋଗଦାନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଏହି ମେଳାରେ କ୍ଲଷ୍ଟର ୧୦ ଗୋଟି ବିଦ୍ୟାଳୟର ଗାଇଡ଼ ଶିକ୍ଷକ/ଶିକ୍ଷୟିତ୍ରୀ ବୃନ୍ଦ ମଞ୍ଚାସିନ ଥିଲେ । ଅତିଥି ବୃନ୍ଦ ନୂତନ ଶିକ୍ଷାନୀତି ଅନୁଯାଇ କେବଳ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ବୃଦ୍ଧି , ସେମାନଙ୍କ ସର୍ବାଙ୍ଗୀନ ବିକାଶ ବାର୍ତ୍ତା ପ୍ରଦାନ ଉଦ୍ଦେଶ୍ୟରେ ସରକାର ଏହି ଅଭିନବ ଯୋଜନା ଆରମ୍ଭ କରିଛନ୍ତି ବୋଲି ପ୍ରକାଶ କରିଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ୧୦୦ ଜଣ ଛାତ୍ରଛାତ୍ରୀ, ୨୫ ଜଣ ଅଭିଭାବକ ଓ ୧୦ ଜଣ ଗାଇଡ ଶିକ୍ଷକ ଉପସ୍ଥିତ ଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ଖାତା, ପେନ୍ ଓ ଛବିଳ ବର୍ଣ୍ଣବୋଧ ବହି ସମେତ ମାନପତ୍ର ପ୍ରଦାନ କରାଯାଇଥିଲା । ସହକାରୀ ଶିକ୍ଷକ ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଘୋଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ବୃନ୍ଦ ସହଯୋଗ କରିଥିଲେ ।

## ପାହାଡ଼ ଉପରୁ ଦହିବରା ବିକାଳୀଙ୍କ ଶବ ଉଦ୍ଧାର ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

କନ୍ଧମାଳ, **୧୦/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ଫୁଲବାଣୀ ଟାଉନ ସ୍ଥିତ ଦଧିବାମନ ସାହିର ଦହିବରା ବିକାଳୀ ଦାଶରଥି ସାହୁଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ସୂଚନା ଯୋଗ୍ୟ ଯେ, ଦାଶରଥୀ ଫେବୃଆରୀ ୧ ରେ ଦହିବରା ବିକ୍ରି କରିବାକୁ ପୁରୁଣା କଟକ ଯିବେ ବୋଲି ଜଣେ ସାଙ୍ଗକୁ କହି ଯାଇଥିଲେ । ତେବେ ବିଳମ୍ବିତ ରାତି ଯାଏଁ ନ ଫେରିବା ଓ ମୋବାଇଲ ଫୋନ ସୁଇଚ ଅଫ ଥ?ିବା ଫଳରେ ପରିବାର ଲୋକେ ଖୋଜାଖୋଜି କରି ନ ମିଳିବାରୁ ସଦର ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ । ତେବେ ଶୁକ୍ରବାର ସର୍ଷଗୁଡାର କିଛି ଯୁବକ ଓଡି-୦୨ -ବିଏମ-୭୦୫୦ ନମ୍ବର ବିଶିଷ୍ଟ ଏକ ଲୁନା ମୋପେଡ ସପ୍ତାହେ ହେଲା ପଡ଼ିଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ । ଫଳରେ ପରିବାର ଲୋକେ ବହୁତ ଖୋଜାଖୋଜି କରିବାପରେ ପାହାଡ଼ ଉପରେ ହାତ ଗୋଡ଼ ନ' ଥିବା ଦାଶରଥି ଙ୍କ ମୃତ ଦେହ ପାଇଥିଲେ । ଏ ନେଇ ସଦର ଥାନାକୁ ଜଣାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି । ତେବେ ତଦନ୍ତ ସଠିକ ଢଙ୍ଗ ରେ ହେଉନଥିବା ବିଷୟ ପରିବାର ଲୋକେ ଅଭିଯୋଗ କରିଛନ୍ତି ।



## ନିଶ୍ଚିନ୍ତକୋଇଲି ବିଜୁ ଜନତା ଦଳ ଉପସଭାପତି ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା

ନିଶ୍ଚିନ୍ତକୋଇଲି **୧୦/୨(ନି.ପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ଉପସଭାପତି ଶ୍ରୀ ଅଶୋକ କୁମାର ଓଝା ନିଜର ଉପସଭାପତି ପଦବୀ ସହ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫାପତ୍ର କଟକ ଜିଲ୍ଲା ବିଜୁ ଜନତା ଦଳ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟଙ୍କୁ ତା.୭.୨.୨୦୨୫ ରିଖରେ ପ୍ରଦାନ କରି ତାଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ଏଥିସହ ଇସ୍ତଫାପତ୍ରର ଏକକିତା ଅବିକଳ ନକଲ ବିଜୁ ଜନତା ଦଳ ନିଶ୍ଚିନ୍ତକୋଇଲି ମଣ୍ଡଳ ସଭାପତିଙ୍କ ଅବଗତି ନିମନ୍ତେ ପ୍ରେରଣ କରିଥିବା ଶ୍ରୀ ଓଝା କହିଛନ୍ତି । ଏଠାରେ ସୂଚନା ଥାଉ କି ଶ୍ରୀ ଓଝା ତାଙ୍କର ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପାଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଥିବା କଥା କହୁଥିବା ବେଳେ ଦଳରୁ ପ୍ରାଥମିକ ସଦସ୍ୟ ପଦରୁ ଉସ୍ତଫା ଦେବା ଏକ ଭିନ୍ନ ଦିଗ ଦର୍ଶାଉଛି ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମଧରେ ଚର୍ଚ୍ଚା ହେଉଛି ।

## ପାଟଣା ନିର୍ବାଚନ ମଣ୍ଡଳୀ ସ୍ଥରୀୟ ବିଜୁ ଜନତା ଦଳ ର କର୍ମକର୍ତ୍ତା ବୈଠକ

ପାଟଣା **୧୦/୨(ନି.ପ୍ର):** ଆଜି ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ବୈତରଣୀ ତଟ ରଘୁନାଥ ଜୀଉ ମଠ ପ୍ରାଙ୍ଗଣରେ ବିଜୁ ଜନତା ଦଳର ପାଟଣା ନିର୍ବାଚନ ମଣ୍ଡଳୀ ସ୍ଥରୀୟ କର୍ମକର୍ତା ବୈଠକ ଅନୁଷ୍ଠିତ ହୋଇଛି ।ପାଟଣା ନିର୍ବାଚନ ମଣ୍ଡଳୀ ର ପର୍ଯ୍ୟବେକ୍ଷକ ବିଜୟ ନାୟକ ଓ ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର ଉପସ୍ଥିତ ରହି କର୍ମୀ ମାନଙ୍କୁ ଉଦବୋଧନ ଦେବା ସହିତ ଆଗାମୀ ପଂଚାୟତ ନିର୍ବାଚନ ପାଇଁ ରଣ ନୀତି ପ୍ରସ୍ତୁତ କରିବାକୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ । କୃଷକ ନେତା ଦୀପକ ରାଜ ସଭା ପରିଚାଳନା କରିଥିବା ବେଳେ ପୂର୍ବତନ ସାଂସଦ ଙ୍କ ପି ଏ ଅଜୟ କୁମାର ପଟନାୟକ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ନାଏକ, ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ସୌଭାଗ୍ୟ ମଞ୍ଜରୀ ନାଏକ ଓ ରୁନୁ ମହାନ୍ତ, ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାଏକ, ସାହାରପଡା ବ୍ଲକର ପୂର୍ବତନ ଅଧକ୍ଷା ରମ୍ଭାବତୀ ନାଏକ, ସାହାରପଡା ବ୍ଲକ ବିଜେଡି ସଭପତି ଦିଲୀପ କୁମାର ସାହୁ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ବଡ଼ପାଟଣା ସରପଞ୍ଚ ବିନତି ବାନରା, ଯୁବନେତା ବିପ୍ଳବ ପୃଷ୍ଟି, କୁନା ଗିରି, କୃଷ୍ଣ ଚନ୍ଦ୍ରେ ମହାପାତ୍ର, ନାରୀନେତ୍ରୀ କନକ ଲତା ନାଏକ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିବା ସହିତ ଗତ ନିର୍ବାଚନ ରେ ପାଟଣା ନିର୍ବାଚନ ରେ ଦଳ ହାରିବା ସମ୍ବନ୍ଧ ରେ ସମୀକ୍ଷା ମଧ କରାଯାଇଥିଲା । ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ,ଦଳର ବରିଷ୍ଠ ନେତା ସତ୍ୟବ୍ରତ ନାଏକ ଉପସ୍ଥିତ ରହି ବର୍ତ୍ତମାନ ର ସରକାରଙ୍କ କାର୍ଯ୍ୟକ୍ରମ ର ଦୋଷ ତ୍ରୁଟି ବର୍ଣ୍ଣନା କରିବା ସହିତ ଜନସାଧାରଣ ଙ୍କ ସହ କର୍ମୀ ମାନେ ରହିବା ପାଇଁ ପରାମର୍ଶ ଦେଇଥିଲେ ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଅତାବିରା **୧୦/୨(ନି.ପ୍ର):** ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟର ବିଭାଗର ତପସ୍ୱିନୀ ଉଦ୍ୟାନରେ ଓଡ଼ିଶାର ଲୋକପ୍ରିୟ କବି ଗଙ୍ଗାଧର ମେହେରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ସ୍ଥାପନ କରିବାର ବହୁ ପ୍ରତୀକ୍ଷିତ ଆଶା ପୂରଣ ହୋଇଛି । ବରଗଡ଼ର ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଷଡଙ୍ଗୀ ଏବଂ ପଞ୍ଚାୟତ ମହାବିଦ୍ୟାଳୟ ଆଲୁମିନି ସଙ୍ଘର ସଭାପତି ଶ୍ରୀଯୁକ୍ତ ପ୍ରଭାତାଦିତ୍ୟ ମିଶ୍ରଙ୍କ କରକମଳରେ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି । ତେବେ ଏହା ମହାବିଦ୍ୟାଳୟ ପାଇଁ ଏକ ଗୌରବାବହ ବିଷୟ ବୋଲି ମତ ପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ମହାବିଦ୍ୟାଳୟ ନିମନ୍ତେ ଏକ ଭିନ୍ନ ଅଧ୍ୟାୟ ସୃଷ୍ଟି କରିଛି ଏବଂ ଛାତ୍ରଛାତ୍ରୀଙ୍କୁ ଏହା ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ । ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଶେଷନ ବିଶି ଓଡିଆ ବିଭାଗର ତପସ୍ୱିନୀ ଉଦ୍ୟାନରେ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ହେବବୋଲି ଅଭିମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଷଡ଼ଙ୍ଗୀ ତପସ୍ୱିନୀ ଉଦ୍ୟାନ ଓ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଭଳି ଆଗାମୀ ଦିନରେ ଅନ୍ୟାନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ସ୍ୱରୂପ ମହାବିଦ୍ୟାଳୟ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ରୟାସ କରାଯିବ ବୋଲି ଉଦ୍ ବୋଧିତ କରିଥିଲେ । ଆଲୁମିନି ସଙ୍ଘ ସଭାପତି ଶ୍ରୀ ମିଶ୍ର ଓଡ଼ିଆ ବିଭାଗ ଭଳି ଅନ୍ୟ ବିଭାଗଗୁଡିକରେ ମଧ୍ୟ ଉଦ୍ୟାନଗୁଡିକ ନିର୍ମିତ ହେବା ବିକାଶର ସଙ୍କେତ ବୋଲି ନିଜ ପ୍ରତିକ୍ରିୟା ରଖିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ତପସ୍ୱିନୀ ଉଦ୍ୟାନରେ ସ୍ଥାପିତ ଲୋକପ୍ରିୟ କବି ଗଙ୍ଗାଧର ମେହେର ପ୍ରତିମୂର୍ତ୍ତି ଆଲୁମିନି ସଙ୍ଘ ତରଫରୁ ପ୍ରଦାନ କରାଯାଇଛି ଏବଂ ଏହାକୁ ବରଗଡ଼ ଜିଲ୍ଲା କପାସିରା ଗ୍ରାମର ସ୍ଥପତି ଶ୍ରୀ ଅମୂଲ୍ୟ ଭୋଇ ନିର୍ମାଣ କରିଛନ୍ତି । ଏହାଛଡା ତପସ୍ୱିନୀ କାବ୍ୟରେ ବର୍ଣ୍ଣିତ ବିଭିନ୍ନ ବୃକ୍ଷଲତା ତପସ୍ୱିନୀ ଉଦ୍ୟାନରେ ରୋପଣ କରାଯିବାର ପ୍ରଚେଷ୍ଟା କରାଯାଇଛି । ତେବେ ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ଜ୍ୟୋତିପ୍ରଜ୍ଞା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଏବଂ ଏହି ସାରସ୍ୱତ ସମାବେଶରେ ଆଲୁମିନି ସଙ୍ଘର ଉପ ସଭାପତି ଶ୍ରୀ ପ୍ରଶାନ୍ତ ବେହେରା, ପ୍ରବକ୍ତା ଡକ୍ଟର ମାଧବ ସାହୁ, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର ପ୍ରଧାନ, ତ୍ରିନାଥ ପ୍ରସାଦ ତ୍ରିପାଠୀ ପ୍ରମୁଖ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ । ଛାତ୍ର ଚିରନ୍ତନ ଦାସ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲାବେଳେ ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ସଭା ଶେଷରେ ଗଙ୍ଗାଧର ମେହେରଙ୍କ ଗୋଟିଏ କାବ୍ୟ ଆବୃତ୍ତିରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ । ଓଡିଆ ବିଭାଗର ଅଧ୍ୟାପକଅଧ୍ୟାପିକା ବିଧାୟକ ଶ୍ରୀ ଷଡ଼ଙ୍ଗୀ ମହୋଦୟଙ୍କୁ ତପସ୍ୱିନୀ ଉଦ୍ୟାନ ନିମିତ୍ତ ଏକ ଭବ୍ୟ ଫାଟକ ନିର୍ମାଣ କରାଇଦେବା ସକାଶେ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଆଲୁମିନି ସଙ୍ଘର ସଂଯୋଜକ ସହକାରୀ ପ୍ରଫେସର ଶ୍ରୀ ଅନିରୁଦ୍ଧ ରୋହିଦାଶ, ପ୍ରଶାସନିକ ମୁଖ୍ୟ ପ୍ରଫେସର ଡକ୍ଟର ଉମେଶ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ପ୍ରଶାସନିକ ମୁଖ୍ୟ ପ୍ରଫେସର ସୂର୍ଯ୍ୟକାନ୍ତି ସିକନ୍ଦର, ସହକାରୀ ପ୍ରଫେସର ଡକ୍ଟର ସ୍ମିତା ପାଣିଗ୍ରାହୀ, ଡକ୍ଟର ସୁନୀତା ବେହେରା, ଡକ୍ଟର ସୁରେଶ କୁମାର ମାଝୀ, ଡକ୍ଟର ଅନନ୍ତ ମେହେର, ଯୋଗେନ୍ଦ୍ର ମେହେର, ରୋଶିନୀ ତିର୍କି , ଅନନ୍ଦିତା ନନ୍ଦ, ଡକ୍ଟର ପ୍ରଜ୍ଞା ପାରମିତା ନାଏକ, ଝରଣା ବିଶ୍ୱାଳ, କ୍ରିଷ୍ଣାରାଣୀ ସାସ୍ମଲ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ । ପରିଶେଷରେ ଅଧ୍ୟାପକ ଡକ୍ଟର ସୁରେଶ କୁମାର ମାଝୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ପାଟଣାରେ ହେବ ମେଗା ଷ୍ଟିଲ୍ ପ୍ଲାଣ୍ଟ

ପାଟଣା **୧୦/୨(ନି.ପ୍ର):** କେନ୍ଦୁଝର ଜିଲ୍ଲାରେ ଭରପୁର ଲୁହାପଥର ଗଚ୍ଛିତ ଅଛି। ଲୁହାପଥର ବିଦେଶକୁ ରପ୍ତାନୀ ହେଉଅଛି।୨୦୦୬ ମସିହାରେ ଆର୍ସେଲର-ମିତ୍ତଲ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକରେ ପାଞ୍ଚଟି ପଞ୍ଚାୟତର ୧୭ଟି ଗ୍ରାମ କୁ ନେଇ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ଓଡ଼ିଶା ସରକାରଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିଲା। ବିଭିନ୍ନ କାରଣ ବଶତଃ ୨୦୧୨ ମସିହାରେ ଆର୍ସେଲର-ମିତ୍ତଲ କମ୍ପାନୀ ଓଡ଼ିଶାରୁ ବିଦାୟ ନେଇଥିଲା। ଓଡ଼ିଶାରେ ସରକାର ବଦଳିଲା।ଭାଗ୍ୟ ବଶତଃ କେନ୍ଦୁଝର ଜିଲ୍ଲାରୁ ହିଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଚୟନ ହୋଇଛନ୍ତି। ଓଡ଼ିଶା ସରକାର ଓଡ଼ିଶା କନକ୍ଲେଭରେ ଜିନ୍ଦଲ୍-ପୋସ୍କୋ କମ୍ପାନୀ ସହିତ କେନ୍ଦୁଝର ଜିଲ୍ଲାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ନିମନ୍ତେ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସୂଚନାଯୋଗ୍ୟ ଯେ ପୂର୍ବରୁ ମିତ୍ତଲ ପ୍ରସ୍ତାବିତ ଅଞ୍ଚଳରେ ହିଁ ଏହି ପ୍ଲାଣ୍ଟ ନିର୍ମାଣ ହେବା ନିମନ୍ତେ ସ୍ଥିର କରାଯାଇଛି।ମିତ୍ତଲ୍ ସମୟରେ ଯମୁନା ପଶି ଗ୍ରାମ ପଞ୍ଚାୟତର ୪ଟି ଗ୍ରାମ ଯଥା କୋଡଖମଣ, ଯମୁନାପଶି, ପଦ୍ମକେଶର ପୁର,ବରୁଡି ପଶି,ମୁରୁସୁଆଁ ଗ୍ରାମ ପଞ୍ଚାୟତର ୨ଟି ଗ୍ରାମ ଯଥା କିମ୍ବିର୍ଦ୍ଦାପଶି, ଧରୁଆପଡା, ରାଜନଗର ଗ୍ରାମ ପଞ୍ଚାୟତର ୩ଟି ଗ୍ରାମ ଯଥା ରାଇକଳା,ନୂଆଖମଣ, ନୂଆଗାଁ ବଳଭଦ୍ରପୁର, ଚେମଣା ଗ୍ରାମ ପଞ୍ଚାୟତର ୭ଟି ଗ୍ରାମ ଯଥା ବାରଡାଙ୍ଗୁଆ, ଅଙ୍ଗିକଳା, ଚିଲିଦା, ବଳିଆପଶି, ଚେମଣା, ଭୃଙ୍ଗରାଜପଶି, ସରାସପଶି ଏବଂ ତୁରୁମୁଙ୍ଗା ଗ୍ରାମ ପଞ୍ଚାୟତର ଗୋଟିଏ ଗ୍ରାମ ହାତୀବାରି ପ୍ରସ୍ତାବରେ ଥିଲା। ମାତ୍ର ଏଥର ଚେମଣା ଗ୍ରାମ ପଞ୍ଚାୟତର ସରାସପଶି ଏବଂ ତୁରୁମୁଙ୍ଗା ଗ୍ରାମ ପଞ୍ଚାୟତର ହାତୀବାରି ଗ୍ରାମକୁ ବାଦ୍ ଦିଆଯାଇଛି।ଅନ୍ୟାନ୍ୟ ୧୫ଟି ଗ୍ରାମକୁ ସାମିଲ୍ କରାଯାଇଛି। ମୁରୁସୁଆଁ ଗ୍ରାମ ପଞ୍ଚାୟତର ଧରୁଆପଡା ଗ୍ରାମ ନିକଟରେ ବୈତରଣୀ ନଦୀର ପାଣି, ଯମୁନା ପଶି ଗ୍ରାମ ପଞ୍ଚାୟତର ଗୋଡ଼ି ପୋଖରୀ ଗ୍ରାମଠାରେ ଥିବା ଇଲେକ୍ଟ୍ରିକ୍ ଗ୍ରୀଡ୍ ତଥା ଚେମଣା ଗ୍ରାମ ପଞ୍ଚାୟତ ଦେଇ ଯାଇଥିବା ଜାତୀୟ ରାଜପଥ ୪୯ ଏବଂ ପ୍ରସ୍ତାବିତ କେନ୍ଦୁଝର-ବାଦାମ ପାହାଡ ରେଳପଥର ସୁବିଧାମାନ ଏଠାରେ ରହିଅଛି।ଦଳମତ ନିର୍ବିଶେଷରେ କାରଖାନା ସ୍ଥାପନକୁ ସ୍ୱାଗତ କରାଯାଇଛି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିମାନେ ଏକ ସଙ୍ଗଠନ ନାଁ ରେ କାରଖାନା ନିର୍ମାଣକୁ ବିରୋଧ କରୁଛନ୍ତି।ଜିଲ୍ଲାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ହେଲେ ଜିଲ୍ଲାର ପ୍ରଗତି ହେବା ସୁନିଶ୍ଚିତ ବୋଲି ବିଭିନ୍ନ ମହଲ ରେ ଚର୍ଚ୍ଚା ଚାଲିଛି।

## ଖଜିରାପାଟ ଧାନ ମଣ୍ଡି ରେ ଅବ୍ୟବସ୍ଥା



ପାଟଣା **୧୦/୨(ନି.ପ୍ର):** ସାହାରପଡା ବ୍ଲକ ଅନ୍ତର୍ଗତ ଖଜିରାପାଟ ଧାନ ମଣ୍ଡି ରେ ଧାନ କିଣିବାକୁ ଆଜି ୩୦ ଜଣ ଚାଷୀ ଙ୍କୁ ଫୋନ କରା ଯାଇଥିଲା । ତେଣୁ ସେମାନେ ଧାନ ଧରି ସକାଳୁ ନ ଖାଇ ନ ପିଇ ମଣ୍ଡି ରେ ପହଞ୍ଚିଥିଲେ। ମାତ୍ର ମଣ୍ଡି କୁ କୌଣସି ମିଲର ଅପରାହ୍ନ ୪ଟା ଯାଏଁ ଆସିନଥିଲେ। ଚାଷୀ ମାନେ ଧାନ ନେବାପାଇଁ କେହି ଆସୀନଥିବାରୁ ବିରକ୍ତ ଅନୁଭବ କରିଥିଲେ । ଖୋଲା ପଡିଆ ରେ ପାଖା ପାଖି ଏକ ହଜାର କ୍ୱିଣ୍ଟାଲ ଧାନ ପଡ଼ିରହିଛି । ତାହା କଣ କରାଯିବ ସେଥିପାଇଁ ଚାଷୀ ମାନେ ଚିନ୍ତିତ ଥିଲେ । ଲ୍ୟାମ୍ପ ର ଏମ ଡି ରଞ୍ଜୁଶ୍ରୀ ରଞ୍ଜିତା ମହାନ୍ତ ଙ୍କୁ ପଚାରିବା ରେ ସେ କହିଲେ ମିଲର ଗାଡି ପଠାଇବା କୁ କହିଥିଲେ ମାତ୍ର ସେ ଆଜି ଗାଡି ପଠାଇ ପାରିଲେ ନାହିଁ ତେଣୁ ଧାନ ଗୁଡିକୁ ଲ୍ୟାମ୍ପ ମଧ୍ୟରେ ରଖାଇ ବାକୁ ବ୍ୟବସ୍ଥା କରୁଛୁ ସେ ସୂଚନା ଦେଇଥିଲେ।

# ୧୮ ରୁ ଆରମ୍ଭ ହେବ ବେଲଘର ଡିମ୍ବୁଲି ମହୋତ୍ସବ

ବାଲିଗୁଡା **୧୦/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ନିକଟ ତର୍ଗାବାଲି ଠାରେ ଡିମ୍ବୁଲି ମହୋତ୍ସବ ସମାରୋହ ସମିତି ଆନୁକୂଲ୍ୟରେ ଡିମ୍ବୁଲି ମହୋତ୍ସବ ଚଳିତ ମାସ ୧୮ଓ ୧୯ ଦୁଇଦିନ ଧରି ମହୋତ୍ସବ ସଭାପତି ଗୌରଚନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ , ଏ ନେଇ ସମସ୍ତ କାର୍ଯ୍ୟକ୍ରମ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି କ୍ଷ ପ୍ରଥମ ତଥା ଉଦଘାଟନ ଦିନ ସକାଳ ୯ଘଣ୍ଟ ସମୟରେ ଶ୍ରାମ୍ବୁଲି ଡିମ୍ବୁଲି ତୀର୍ଥକ୍ଷେତ୍ର ପରିକ୍ରମା, ଅପରାହ୍ନରେ ପାରମ୍ପରିକ ନୃତ୍ୟ ବାଦ୍ୟ ସହ ନଗର ପରିକ୍ରମା, ଅପରାହ୍ନ ରେ ସଭା କାର୍ଯ୍ୟକ୍ରମ ଆରମ୍ଭ, ସନ୍ଧ୍ୟାରେ କ୍ଲାମ୍ବୁ ମୁଖିଆଙ୍କୁ ସମ୍ମାନ ପରେ ପରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ଦ୍ୱିତୀୟ ତଥା ଉଦଯାପନୀ ଉତ୍ସବରେ ସଭା କାର୍ଯ୍ୟ ଆରମ୍ଭ ସହ ନିଜନିଜ କ୍ଲାମ୍ବୁ ଅନୁସାରେ ବୈଠକ, ଅପରାହ୍ନରେ ବାର ଭାଇ କ୍ଲାମ୍ବୁ ଅନୁସାରେ ବନ୍ଧୁ ମିଳନ ଓ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେବ କ୍ଷ ଏହି ଉତ୍ସବର ମୁଖ୍ୟ ସଂଯୋଜକ ପବିତ୍ର କହଁର ଙ୍କ ସମେତ ବେଲଘର ସରପଞ୍ଚ ଗୋବିନ୍ଦ ମାଝି ,ଦୟାନିଧି ଜାନୀ ,ରାମ ମାଝିଙ୍କ ସମେତ ଅଞ୍ଚଳର ଶତାଧିକ ଆଦିମ ଜନଜାତି ଓ ଜନଜାତି ର ମୁଖିଆ ବ୍ୟକ୍ତି ମାନେ ଉପସ୍ଥିତ ରହିବେ। ଏହି ମହୋତ୍ସବରେ ରାଜ୍ୟର ୨୦ ଟି ଜିଲ୍ଲାରେ ବସବାସ କରୁଥିବା ଅନୁସୂଚିତ ଜନଜାତି ର କ୍ଲାମ୍ବୁ ରୁ ଶହଶହ ବ୍ୟକ୍ତି ଏହି ମହୋତ୍ସବ ରେ ଆସି ପୂଜା ଅର୍ଚ୍ଚନା ରେ ଭାଗ ନେବେ । ଅନୁସୂଚିତ ଜନଜାତି ଓ ଆଦିମ ଜନଜାତି କୁଟିଆ ମାନଙ୍କ ଉତ୍ପତ୍ତି ସ୍ଥଳ ଆଦି ଦେବୀ ସେହି ପବିତ୍ର ଡିମ୍ବୁଲି ପାହାଡ ର ଐତିହ୍ୟ ଓ ପରମ୍ପରା କୁ ଉଦଜୀବିତ ରଖିବା ସହ ମହାନ ସଂସ୍କୃତିକୁ ଅବକ୍ଷୟ ରୁ ବଞ୍ଚାଇ ରଖିବା , ସେହି ସ୍ଥାନକୁ ଏକ ପବିତ୍ର ସ୍ଥାନ ର ମାନ୍ୟତା ପ୍ରଦାନ କରିବା ଓ ହେରିଟେଜ ପର୍ଯ୍ୟଟନ ମାନଚିତ୍ର ରେ ସ୍ଥାନିତ ପାଇଁ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରିବା ଡିମ୍ବୁଲି ମହୋତ୍ସବର ପ୍ରଥମ ଲକ୍ଷ ରହିଛି ବୋଲି ପୂର୍ବତନ ବିଧାୟକ କରେନ୍ଦ୍ର ମାଝି କହିଛନ୍ତି । ଏଣୁ ଏହି ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇ ତୀର୍ଥ କ୍ଷେତ୍ର ଦର୍ଶନର ସୋଭାଗ୍ୟ ପ୍ରାପ୍ତ ଅର୍ଜନ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି ।

## ଆଠମଲ୍ଲିକ ମହାବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ପାଳିତ

ଆଠମଲ୍ଲିକ **୧୦/୨(ନି.ପ୍ର):** ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଅଛି ।ଅନୁଷ୍ଠିତ ସଭା ରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ ଯୋଗ ଦେଇ ଶିକ୍ଷା ଗ୍ରହଣ କରି କେବଳ ପ୍ରମାଣପତ୍ର ପାଇଲେ ଲାଭ ନାହିଁ ସମାଜ ର ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା ଯୋଗଦେଇ ଶିକ୍ଷିତ ହେବା ସହିତ ଭଲ ମଣିଷ ହୋଇ ମା ବାପା ଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଆଠମଲ୍ଲିକ ପ୍ରତିନିଧି ସନ୍ତୋଷ କୁମାର ହୋତା (ଶଙ୍କର ଭାଇ ) ଯୋଗଦେଇ ଭଲ ଶିକ୍ଷା ଗ୍ରହଣ କରି ମା ବାପା ଙ୍କ ଇଛା କୁ ପୂରଣ କରିବାକୁ ଛାତ୍ର ଛାତ୍ରୀ ଙ୍କୁ ଉପଦେଶ ଦେଇଥିଲେ। ଅନ୍ୟତମ ସଂମ୍ମାନିତ ଅତିଥି ଭାବରେ ଢେଙ୍କାନାଳ ସାଂସଦ ରୁଦ୍ର ପାଣି ଙ୍କ ଅନୁଗୁଳ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ ଯୋଗଦେଇ ବିଶ୍ୱ ପରିବେଶ କୁ ସନ୍ତୁଳିତ କରି ରଖିବା ପାଇଁ ସମସ୍ତ ଛାତ୍ର ଛାତ୍ରୀ ଖାଲି ଥିବା ସ୍ଥାନ ରେ ବୃକ୍ଷ ଲଗାଇବାକୁ ଅନୁରୋଧ କରିଥିଲେ। କଲେଜ ଅଧ୍ୟକ୍ଷ ଶ୍ରୀ ମେହେର ବାର୍ଷିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ବ୍ରଜ ଗୋପାଳ ମିଶ୍ର ମଞ୍ଚ କୁ ପରିଚାଳନା କରିଥିଲେ। କଲେଜ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ପୂର୍ବରୁ ଆୟୋଜିତ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅମ୍ବରୀଶ ଷଡ଼ଙ୍ଗୀ, ମନ୍ମଥ ପାଲ, ମାନ ଭଞ୍ଜନ ପାଣିଗ୍ରାହୀ, ରଞ୍ଜିତ ସେଠୀ, ସଚ୍ଚିଦାନନ୍ଦ ସାହୁ, ହୃଷିକେଶ ମହାକୁଡ଼,ଅଧ୍ୟାପିକା , ଶାନ୍ତା ପଣ୍ଡା, କ୍ଷୀରୋଦିନୀ ଜୟ, କଲେଜ ର ମୁଖ୍ୟ କିରାଣୀ ଭୁବନ ମୋହନ ତ୍ରିପାଠୀ ,ଙ୍କ ସମେତ କଲେଜ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ଯୋଗଦେଇ ପରିଚାଳନା ସହଯୋଗ କରିଥିଲେ।

## ଶ୍ରୀ ମହାବୀର ଯୁବ ପରିଷଦ ପ୍ରକୃତି ମିତ୍ର ଭାବେ ସମ୍ବର୍ଦ୍ଧିତ

କଟକ **୧୦/୨(ନି.ପ୍ର):** କଟକ ସଦର ୪୨ ମୌଜା ଶ୍ରୀରାମ ଗ୍ରାମ ସ୍ଥିତ ଶ୍ରୀ ମହାବୀର ଯୁବ ପରିଷଦକୁ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶା ସରକାରଙ୍କ 'ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ' ଦ୍ୱାରା ପ୍ରଦତ୍ତ 'ପ୍ରକୃତି ମିତ୍ର - ୨୦୨୪' ରେ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଛତିଆ ବଇରୀ ନିକଟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଡାଳିଯୋଡା ରେଞ୍ଜ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିଥି ଭାବରେ ଡିଏଫଓ ପି.ଅର୍ଥନାରି, ବିଶ୍ୱ ନାହାକାଣୀ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼.ସଚ୍ଚିଦାନନ୍ଦ ପ୍ରଧାନ,ଏସିଏଫ ଅନିଲ କୁମାର ରାୟ,ଏସିଫ ସନ୍ତୋଷ କୁମାର ପତି ଓ ଅମର ବେହେରା ପ୍ରମୁଖ ଯୋଗ ଦେଇ ପରିଷଦର ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କର,ସାଧାରଣ ସମ୍ପାଦକ ସାହିତ୍ୟିକ ବସନ୍ତ କୁମାର ପଣ୍ଡା ଓ ପରିବେଶ ସମ୍ପାଦକ ପ୍ରକୃତି ବନ୍ଧୁ ନବକିଶୋର ପଣ୍ଡାଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ୨୦ ହଜାର ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରତିବର୍ଷ ଜୁନ ୫ ରେ ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ହେଉଥିବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ସ୍ଥଗିତ ରହିଥିଲା । ପରିଷଦର ଏହି ସଫଳତା ପାଇଁ ସଂଯୋଜକ ଭଗବତି ପ୍ରସାଦ ପତି,କେଦାର ଚନ୍ଦ୍ର କର,ଚନ୍ଦନ ପଣ୍ଡା,ମାନସ କୁମାର ପଣ୍ଡା,ଲକ୍ଷ୍ମଣ ଦୀକ୍ଷିତ ଓ ରିତିକ୍ ନାୟକ ପ୍ରମୁଖ ଖୁସି ବ୍ୟକ୍ତ କରିବା ସହିତ ପରିବେଶ ସୁରକ୍ଷା ପାଇଁ ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି ।

## ଚମ୍ପାପାଳ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ

ବିଂଝାରପୁର **୧୦/୨(ନି.ପ୍ର):** ଯାଜପୁର ଜିଲ୍ଲାର ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଚଂପାପାଳ ଠାରେ ମା' ସରସ୍ୱତୀ ପୂଜା କମିଟି ପକ୍ଷରୁ ଶୁକ୍ରବାର ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ଜଜେୟ ବେହେରା,ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ଧୀରେନ୍ଦ୍ର ମଲ୍ଲିକ,ସମାଜସେବୀ ଚିନ୍ମୟ ନାୟକ,ରଶ୍ମିରଞ୍ଜନ ନାୟକ ,ଡ଼ଲଫିନ ଡ୍ୟାନ୍ସ ଗ୍ରୁପର ନିର୍ଦ୍ଦେଶକ ମାଷ୍ଟର ମିହିର କୁମାର ଯୋଗଦେଇ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ କଳାକାର ଦକ୍ଷରାଜ୍ ପରିଡ଼ା (ଦିପୁ) ମଞ୍ଚ ସଞ୍ଚାଳନ କରିଥିବା ବେଳେ 'ଡଲଫିନ ଡ୍ୟାନ୍ସ ସ୍କୁଲ ଆଣ୍ଡ ଗ୍ରୁପ' ର କଳାକାର ମାନଙ୍କ ଦ୍ୱାରା ଉଚ୍ଚକୋଟିର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ମାଆ ସରସ୍ୱତୀ ପୂଜା କମିଟି ସଦସ୍ୟ ସୁବ୍ରତ ମଲ୍ଲିକ, ବିଶ୍ୱନାଥ ନାୟକ, ସ୍ମୃତିରଞ୍ଜନ ନାୟକ, ସୁଧାଂଶୁ ଶେଖର ମଲ୍ଲିକଙ୍କ ସମେତ ଚମ୍ପାପାଳ ଗ୍ରାମବାସୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ବେଆଇନ୍ ଭାବେ ଚାଲିଛି ଚୋରା ଲୁହାପଥର ଚାଲାଣ,ମାଫିଆଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ



ମୟୂରଭଞ୍ଜ **୧୦/୨(ନି.ପ୍ର):** ମୟୂରଭଂଜ ଜିଲ୍ଲା ହେଉଛି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ସମଗ୍ର ଜିଲ୍ଲା ମଧ୍ୟରୁ ବାମନଘାଟୀ ଅଂଚଳରେ ରହିଛି ବଡବଡ ଲୁହାଖଣି ।ଲୁହାଖଣି ଗୁଡିକରୁ ରାଜ୍ୟ ସରକାର କୋଟିକୋଟି ଟଙ୍କା ରାଜସ୍ୱ ପାଉଛନ୍ତି। ଉକ୍ତ ଲୌହଖଣି ନିକଟ ଅଂଚଳରେ ମଧ ଲୁହାପଥର ଉତ୍ତୋଳନ ହେଉଛି ।ଉକ୍ତ ଅଂଚଳ ଗୁଡିକ ଲିଜ୍ ଅଞ୍ଚଳ ବାହାରେ ଥିବାରୁ ଖଣିମାଲିକ ମାନେ ସେହି ଅଂଚଳରୁ ଲୁହାପଥର ଉତ୍ତୋଳନ କରନ୍ତି ନାହିଁ। କିନ୍ତୁ କିଛି ଦିନ ହେବ ଅଂଚଳର ଲଘୁ ଖଣିଜ ମାଫିଆ ପ୍ରତ୍ୟେକ ଦିନ ୩ ରୁ ୪ଟି ଡମ୍ଫର ଗୋରୁମହିଷାଣୀର ଶୁଣ୍ଢଳ, କଟୁପିଟ, ଡକଡିହା ଅଂଚଳରୁ ବେଆଇନ ଭାବେ ଶହଶହ ଟନ୍ ଲୁହାପଥର ପଡୋଶୀ ଝାଡଖଣ୍ଡ ରାଜ୍ୟକୁ ରାତ୍ରି ସମୟରେ ଚୋରା ଚାଲାଣ କରି ନେଉଥିବା ଜଣାପଡିଛି। ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ଏବଂ ଲୌହ ମାଫିଆ ମାଲେମାଲ ହେଉଥିବା ଖବରକୁ ଅସ୍ୱୀକାର କରିହେଉନାହିଁ ।ମାଫିଆମାନେ ଲିଜ୍ ଏରିଆ ବାହାରେ ଥିବା ସ୍ଥାନରୁ ଓ ନାଳରୁ ସ୍ଥାନୀୟ ଗରିବ ବାସିନ୍ଦା ମାନଙ୍କୁ ପ୍ରଲୋଭନ ଦେଖାଇ ସେମାନଙ୍କୁ ଲୁହା ପଥର ବାକ୍ସ ପ୍ରତି ୧୦୦ ଟଙ୍କାରୁ ୧୨୦ ଟଙ୍କା ଦେଉଥିବା ବେଳେ ସେମାନେ ହଜାର ହଜାର ଟଙ୍କାରେ ରାତାରାତି ଝାରଖଣ୍ଡକୁ ଚାଲାଣ କରୁଛନ୍ତି। ଡମ୍ଫର ସାହାଯ୍ୟରେ ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ପାଉଥିବା ସୂଚନା ମିଳିଛି। ପ୍ରତ୍ୟେକ ରାତି ୧୧ଟାରୁ ୨ଟା ମଧ୍ୟରେ ଡମ୍ଫରରେ ଲୋଡ୍ କରାଯାଏ। ସେଥିରେ କିଛି ସ୍ଥାନୀୟ ବାସିନ୍ଦା ମଧ୍ୟ ସାମିଲ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି ।ମାଫିଆମାନେ ପୁଲିସ ଓ ମାଇନିଂ ପ୍ରଶାସନକୁ ମଭୟନକରି ଖୁଲମଖୁଲା ଚାଲାଣ କରୁଛନ୍ତି। ଉକ୍ତ ମାଫିଆମାନଙ୍କ ସହିତ କିଛି ସରକାରୀ କର୍ମଚାରୀ ମଧ୍ୟ ସାମିଲ ଥିବାର ଚର୍ଚ୍ଚା ହେଉଛି। ଉକ୍ତ ଚାଲାଣକୁ ବନ୍ଦ ନକଲେ ଗ୍ରାମବାସୀ ମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ରାଷ୍ଟ୍ରୀୟ ଏକତା ଶିବିର ଆନ୍ଧ୍ରପ୍ରଦେଶ ରେ କାର୍ଯକ୍ରମ ଅଧିକାରୀ ଡ଼ଃ କିଶୋର କୁମାର କର୍ଣ୍ଣଙ୍କ ଯୋଗଦାନ



ନୂଆପଡା **୧୦/୨(ନି.ପ୍ର):** କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାର ଓ ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟ ହାଇଦ୍ରାବାଦର ସହଭାଗିତାରେ ୱାଇ ଏନ୍ କଲେଜ ନରସାପୁର ଆନ୍ଧ୍ରପ୍ରଦେଶ ଦ୍ୱାରା ଆୟୋଜିତ ସାତ ଦିନିଆ ରାଷ୍ଟ୍ରୀୟ ଏକତା ଶିବିର ଉଦଘାଟିତ ହୋଇଯାଇଛି ।ଆଦି କବି ନନନ୍ୟା ବିଶ୍ୱବିଦ୍ୟାଳୟ ରାଜମଣ୍ଡିର କୁଳପତି ପ୍ରଫେସର ୱାଇ ଶ୍ରୀନିବାସ ରାଓ ଶିବିରକୁ ଉଦଘାଟନ କରିଥିବାବେଳେ ଅଧ୍ୟକ୍ଷ ଡଃ ସି ଏଚ୍ କନକ ରାଓ ସଭାପତିତ୍ୱ କରିଥିଲେ ।ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍ ଏସ ଏସ ହାଇଦ୍ରାବାଦର ଡ ଯମ ରାମ କ୍ରୀଷ୍ଣା ଓ କାର୍ଯ୍ୟକ୍ରମ ସଂଯୋଜକ ପି ଭେଙ୍କଟେଶ୍ୱର୍ ରାଓ ଯୋଗଦାନ କରିଥିଲେ ।ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍ ଏସ ଏସ ଭୁବନେଶ୍ୱରର ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲଙ୍କ ଦ୍ୱାରା ମନୋନୀତ ନୂଆପଡ଼ା ଜିଲ୍ଲା ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ବୋଡ଼େନର ଅଧ୍ୟାପକ ଡଃ କିଶୋର କୁମାର କର୍ଣ୍ଣ ଙ୍କ ସହ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡିରୁ ୧୦ ଜଣ ସ୍ୱେଚ୍ଛା ସେବୀ ଓଡ଼ିଶା ରାଜ୍ୟରୁ ପ୍ରତିନିଧିତ୍ୱ କରୁଛନ୍ତି ଶିବିରରେ ।ସମଗ୍ର ଭାରତ ବର୍ଷରୁ ୧୪ ଗୋଟି ରାଜ୍ୟ ଏଥିରେ ଅଂଶ ଗ୍ରହଣ କରିଥିବା ବେଳେ ବିଭିନ୍ନ ବିଷୟରେ ବିଭିନ୍ନ ଦିବସରେ ତର୍କ ମୂଳକ ଆଲୋଚନା ସମେତ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।କାର୍ଯ୍ୟକ୍ରମରେ ନୃତ୍ୟ ପ୍ରତିଯୋଗିତାରେ ଭାରତ ସ୍ତରରେ ଓଡ଼ିଆ ତୃତୀୟ ସ୍ଥାନ ଅଧିକାର କରିଛି ।ବିଭିନ୍ନ ରାଜ୍ୟରୁ ମୋଟ ୨୦୦ ଜଣ ମନୋନୀତ ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ରାଜ୍ୟର କାର୍ଯ୍ୟକ୍ରମ ଅଧିକାରୀମାନେ ଏହି ଏକତା ଶିବିରରେ ଯୋଗଦାନ କରିଛନ୍ତି ।ନୂଆପଡ଼ା ଜିଲ୍ଲା ପାହାଡ ଜଙ୍ଗଲଘେରା ଉପାନ୍ତ ଅଞ୍ଚଳ,ବହୁ ଚର୍ଚ୍ଚିତ ମାଓ ପ୍ରବଣ ଅଞ୍ଚଳ ତଥା ପବିତ୍ର ତୀର୍ଥ ପୀଠ ପାତାଳଗଙ୍ଗା ଅଞ୍ଚଳର ବୋଡ଼େନ ବ୍ଲକର ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ବେବି ପାଣ୍ଡେ ମଧ୍ୟ ଏଇଥିରେ ଯୋଗଦାନ କରି ତାଙ୍କର ବିଭିନ୍ନ କଳା ଉଦାହରଣ ସ୍ୱରୂପ ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କ ମନମୁଗ୍ଧ କରି ପାରିଛନ୍ତି ଏବଂ ତାଙ୍କର ଏହି ପ୍ରଦର୍ଶନ ପ୍ରତି ବୋଡ଼େନ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମାଁ ଦ୍ୱାରଶନିଙ୍କ କୃପା ବୋଲି ମଧ୍ୟ ପ୍ରକାଶ କରିଛନ୍ତି ।

## ପୋଖରୀରୁ ଯୁବକର ମୃତ ଦେହ ଉଦ୍ଧାର, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ

ଜୟପାଟଣା **୧୦/୨(ନି.ପ୍ର):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ଗୀତା ଭବନ ଚିର୍କା ଯିବା କେନାଲ ରାସ୍ତାର ଏକ ଖଳା ପାଖରେ ଥିବା ପୋଖରୀରୁ ଏକ ଯୁବକର ମୃତ ଦେହ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି ।ଯୁବକ ଜଣକ ଜୟପାଟଣା ବ୍ଲକ ପଡାର ସିତରାମ ନାଏକ ଙ୍କ ବଡ଼ ପୁଅ ପ୍ରମୋଦ ନାଏକ(୩୧)ବୋଲି ଜଣାପଡ଼ିଛି ।ପରିବାର ପକ୍ଷରୁ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଏହା ଏକ ସୁପରିକଳ୍ପିତ ହତ୍ୟା କାଣ୍ଡ ବୋଲି ଅଭିଯୋଗ ହୋଇଛି ।ପ୍ରମୋଦ ଗତ ରାତି ୮ ଟା ସମୟରେ କେହି ଜଣେ ଫୋନ କରିବାରୁ ଘରୁ ବାହାରି ଆଉ ଘର କୁ ଫେରି ନଥିଲେ ।କିନ୍ତୁ ସକାଳୁ ଏକ ନିଛାଟିଆ ପୋଖରୀ ରେ ତାଙ୍କ ମୃତ ଦେହ ଭାସୁଥିବା ଦେଖା ଯାଇଥିଲା ।ପ୍ରମୋଦ ଙ୍କ ଦୁଇ ପୁଅ ଓ ସ୍ତ୍ରୀ ଥିବା ବେଳେ ସେ ୱାଟର ସର୍ଭିସିଂ କାମ କରି ପରିବାର ପ୍ରତିପୋଷଣ କରୁଥିଲେ ।ପରିବାର ଲୋକେ ବାନେର ଧନୁଯାତ୍ରାରେ ପ୍ରମୋଦ ଙ୍କ ସହ କିଛି ଲୋକେ ଝଗଡା କରିଥିବା ବେଳେ ତାକୁ କେନ୍ଦ୍ର କରି ଏ ହତ୍ୟା ହୋଇଥିବା ସନ୍ଦେହ କରିଛନ୍ତି ।ପୋଲିସ ପ୍ରଶାସନ ପକ୍ଷରୁ ତଦନ୍ତ କରି ଦୋଷୀ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

## ବାରକୋଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଆଦିବାସୀ ନୃତ୍ୟ ସଂଗୀତ ରେ ମଞ୍ଚ ଦୁଲୁକିଲା



ବାଲିଗୁଡା **୧୦/୨(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ସ୍ଥିତ ବିରୁପାକ୍ଷ ମନ୍ଦିର ପ୍ରାଙ୍ଗଣରେ ବାରକୋଶ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ବାରକୋଶ ମହୋତ୍ସବ ର ଦ୍ୱିତୀୟ ସନ୍ଧ୍ୟା ରେ ବାଲିଗୁଡା ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କନ୍ଧମାଳ କଳା ବିକାଶ କେନ୍ଦ୍ର ର କଳାକାର ଙ୍କ ପ୍ରସ୍ତୁତି ' ବାଦୁ ବାଦୁଲା ରାଧା କୁଞ୍ଜବନ ତାନି ସାନା ' ଓ ପାରମ୍ପରିକ ଆଦିବାସୀ ନୃତ୍ୟ ସଂଗୀତ ରେ ଝୁମିଲେ ଦର୍ଶକ । କନ୍ଧମାଳ ର ସଂସ୍କୃତି, ପରମ୍ପରା, ସାମାଜିକ ଚଳଣି ଉପରେ ପର୍ଯ୍ୟବେଶିତ ଏହି ନୃତ୍ୟ ଗୀତ ରେ ଉପସ୍ଥିତ ଦର୍ଶକ ବିଭୋର ହୋଇଥିଲେ। ଅନୁଷ୍ଠାନ ର ସମ୍ପାଦକ ତଥା ଯୁବ ନାଟ୍ୟକାର ପ୍ରମୋଦ ଦଣ୍ଡସେନା ଙ୍କ ନେତୃତ୍ୱ ରେ ଛବିଶ ଜଣିଆ ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରିଥିଲେ । କନ୍ଧମାଳ ର ଲୋକପ୍ରିୟ କଣ୍ଠ ଶିଳ୍ପୀ ଚରଣ ବିନ୍ଧାଣୀ ଙ୍କ ଲୋକପ୍ରିୟ କୁଇ ଗୀତ 'ବାଦୁବାଦୁଲା ରାଧା କୁଞ୍ଜ ବନ ତାନି ସାନା ' ଗୀତ ଓ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। ଆୟୋଜିତ କାର୍ଯ୍ୟକ୍ରମ ରେ ବାରକୋଶ ମହୋତ୍ସବ ର ସଭାପତି ତଥା ଫୁଲବାଣୀ ମାନ୍ୟବର ବିଧାୟକ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଘୁ. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, ବାଲିଗୁଡା, ଏନଏସି ସାଂସଦ ଙ୍କ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, କ. ନୂଆଗାଁ ବ୍ଲକ ସାଂସଦ ଙ୍କ ପ୍ରତିନିଧି ପଣ୍ଡିତ ବିଶିମାଝି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ର ଶୁଭ ଉଦଘାଟନ କରିଥିଲେ । ବାରକୋଶ ମହୋତ୍ସବ ର କାର୍ଯକାରୀ ସଭାପତି ବିଡ଼ିଓ ହୃଦୟ ରଞ୍ଜନ ସାହୁ, ସମ୍ପାଦକ ଦେବାଶିଷ ପ୍ରିୟ ରଞ୍ଜନ ସାହୁ, ଶିବ ସାହୁ, କୋଷାଧକ୍ଷ ପିଙ୍କୁ ନନ୍ଦ,ପରିଚାଳନା କରିଥିବା ବେଳେ ଶିକ୍ଷକ ବଳରାମ ମହାପାତ୍ର ଓ ନିରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ବିଧାନସଭା ଷ୍ଟାନଡିଂ କମିଟ ଅଧ୍ୟକ୍ଷ ଶ୍ରୀ ମୋନହର ରନ୍ଧାରୀ ବିଦ୍ୟାଳୟ ପରିଦର୍ଶନ

ତେନ୍ତୁଳିଖୁଣ୍ଟି **୧୦/୨(ନି.ପ୍ର):** ନବରଙ୍ଗପୁ ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ର କୁଜାଜାନିଗୁଡ଼ା ସେବାଶ୍ରମ ବିଦ୍ୟାଳୟ ଠାରେ ବିଧାନ ସଭା ଷ୍ଟାନଡିଂ କମିଟିର ଅଧ୍ୟକ୍ଷ ତଥା ଡ଼ାବୁଗାଁ ବିଧାୟକ ଶ୍ରୀ ମୋନହର ରନ୍ଧାରୀ କମିଟି ମେମ୍ବର ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତରା, ମାଲକାନଗିରି ବିଧାୟକ ନରସିଂହ ମାଡକମି ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ ସହ ବିଦ୍ୟାଳୟ ସମସ୍ୟା ଓ ଛାତ୍ର ଛାତ୍ରୀ ମାନଙ୍କୁ କିପରୀ ଶିକ୍ଷା ପ୍ରଦାନ କରାଯାଉଛି। ଛାତ୍ର ଛାତ୍ରୀ ଙ୍କ ଗହଣରେ ଶ୍ରୀ ରନ୍ଧାରି ସଂସ୍କୃତ ଓ ଇଂରଜୀ ପାଠ ଉପରେ ଶିକ୍ଷା ଦାନ କରି ଥିଲେ ବିଭିନ୍ନ ପ୍ରଶ୍ନ ପଚାରି ଥିଲେ। ଛାତ୍ର ଛାତ୍ରୀ ଙ୍କ ଉତ୍ତର ରେ ସନ୍ତୁଷ୍ଟ ହୋଇ ଥିଲେ। ଏହି ଗ୍ରସ୍ତ ସମୟରେ ଏସଏସ ଡି ବିଦ୍ୟାଳୟର ଡେପୁଟି ସେକ୍ରେଟାରୀ ମନୋଜ କୁମାର ନାୟକ ଓ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପାଲକା ରବିନ୍ଦ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ରମଣୀ ରଂଜନ ଗରଡ଼ା ଓସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ବିଦ୍ୟାଳୟ ପାଣି ସମସ୍ୟା ଉପରେ ଦୃଷ୍ଟି ଗଛ ର କରିଥିଲେ। ତେନ୍ତୁଳି ଖୁଣ୍ଟି ବ୍ଲକ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲେ।



# ରାଜ୍ୟ ସ୍ତରୀୟ ସାମୁହିକ ଔଷଧ ସେବନ ଓ ଫ୍ୟାଲେରୀୟା ନିରାକରଣ ଅଭିଯାନ ଆରମ୍ଭ





ଫୁଲବାଣୀ , ୧୦/୨: ଦେଶର ୧୨ଟି ରାଜ୍ୟରେ ରାଜ୍ୟସ୍ତରୀୟ ସାମୁହିକ ଔଷଧ ସେବନ ଓ ଜାତୀୟ କୃମି ନିବାରଣ ଅଭିଯାନର ଇଚୁଆଲ ?ୁ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କନ୍ଧମାଳ ଓ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ଦ୍ୱାରା ଆୟୋଜିତ ଜାତୀୟ କୃମି ନିବାରଣ ଦିବସ ଏବଂ ଲିମ୍ଫାଟିକ୍ ଫାଇଲେରିଆସିସ୍- ସାମୁହିକ ଔଷଧ ସେବନ ଫେବୃଆରି ୨୦୨୫ ରାଉଣ୍ଡରେ ଓଡ଼ିଶା ସରକାରଙ୍କର ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ ?ଟ୍ରୋନିକ୍ ? ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ' ଙ୍କ କରକମଳରେ ଉଦ୍ଘାଟିତ ହୋଇଯାଇଛି । ଓଡ଼ିଶାର କନ୍ଧମାଳ ସମେତ ୬ ଗୋଟି ଜିଲ୍ଲାରେ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଫୁଲବାଣୀରୁ ହିଁ ଆରମ୍ଭ ହୋଇଛି ବୋଲି ମାନ୍ୟବର ମନ୍ତ୍ରୀ ଡ଼ଃ . ମହାଲିଙ୍ଗ ସୁଚନା ଦେଇଥିଲେ। ଓଡ଼ିଶାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଆମ ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି କହିଛନ୍ତି ଶ୍ରୀ ଉମାଚରଣ ମଳିକ ମାନ୍ୟବର ବିଧାୟକ ଫୁଲବାଣୀ, ଓ ଘୁ. ଉଦୟଗିରି ବ୍ଲକ ର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଯେଉଁ ଦାବି କରିଛନ୍ତି ତା'କୁ ପୂରଣ କରିବାକୁ ଶତଚେଷ୍ଟା କରିବୁ । କେବଳ ଏହି ଜିଲ୍ଲା ନୁହେଁ ସାରା ରାଜ୍ୟର ସମସ୍ୟାକୁ ଦୃଷ୍ଟିରେ ରଖି ମୋହନ ସରକାର ସ୍ୱାସ୍ଥ୍ୟ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ତେବେ ଆଗାମୀ ଦିନରେ କନ୍ଧମାଳ ବାସୀଙ୍କର ସ୍ୱପ୍ନକୁ ସାକାର କରିବାକୁ ଯାଉଛୁ। ୨୦୨୫-୨୬ ଆର୍ଥିକ ବର୍ଷରେ ଫୁଲବାଣୀ ସ୍ଥିତ ମେଡିକାଲ କଲେଜର ଶୁଭାରମ୍ଭ କରାଯିବ। ଏଠାରେ ଏକ ବୈପ୍ଲବିକ ପରିବର୍ତ୍ତନ ହେବାକୁ ଯାଉଛି । ନର୍ସ କଲେଜ ପ୍ରତିଷ୍ଠା କରାଯିବ । ସ୍ଥାନୀୟ ଛାତ୍ରଛାତ୍ରୀମାନେ ଉଭୟ କଲେଜରେ ନାମ ଲେଖାଇପାରିବେ, କୃମି ଥାଉ ବା ନ ଥାଉ ବୟସ ଅନୂଶାରେ , ମାତ୍ରା ଅନୁଶାରେ ପ୍ରତି ୬ ମାସରେ ଥରେ କୃମି ଔଷଧ ଖାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ସାମୁହିଁକ ଔଷଧ ସେବନ ଉଦ୍ଦେଶ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ରୋଟାରୀ କ୍ଲବ୍, ଫୁଲବାଣୀ ଜନ ସଚେତନତା ସୃଷ୍ଟି ପାଇଁ ନେଇଥିବା ପଦକ୍ଷେପକୁ ମାନ୍ୟବର ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରଶଂସା କରିବା ସହିତ ଶିଶୁ ମାନଙ୍କୁ ଔଷଧ ସେବନ କରାଇ ଆଜିର ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମାନ୍ୟବର ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲ୍ଲିକ ଏବଂ ମାନ୍ୟବର ଘୁ.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ପ୍ରତି ବ୍ଲକରେ ଅତି କମ୍ ?ରେ ଜଣେ କିମ୍ବା ଦୁଇ ଜଣ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ମାନ୍ୟବର ମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ। ଆମ ଜିଲ୍ଲାର ରୋଗୀମାନଙ୍କ ଚିକିତ୍ସା ପାଇଁ ଯେବେବି ମାନ୍ୟବର ମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଛନ୍ତି ସେ ସହଯୋଗର ହାତ ବଢ଼ାଇଛନ୍ତି ବୋଲି କହିଥିଲେ । ତେଣୁ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ହିସାବରେ ଆମେ ଜଣେ ଭଲ ମଣିଷ ପାଇଛୁ ବୋଲି ବିଧାୟକ ମାନେ କହିଥିଲେ। ଜିଲ୍ଲାର ଗରିବ ରୋଗୀମାନେ ବାହାର ଜିଲ୍ଲାକୁ ଚିକିତ୍ସା ପାଇଁ ଯିବା ସମ୍ଭବ ନୁହେଁ। ତେବେ, ଏହିଭଳି ସହଯୋଗ ପାଇଁ ଜିଲ୍ଲାବାସୀ ଖୁସି ହେବୁ ବୋଲି ମଧ୍ୟ କହିଥିଲେ। ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ବିଭାଗ ଓଡ଼ିଶା ଡ଼ଃ ନୀଳକଣ୍ଠ ମିଶ୍ର କହିଲେ, ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣରେ ଓଡ଼ିଶା ଭଲ ସ୍ଥିତିରେ ଅଛି । ମାତ୍ର ମୁଣ୍ଡି ମାରିବାର ଅଛି , ଏ ଦିଗରେ ସଫଳତା ହାରକୁ ବଢ଼ାଇବାକୁ ହେଲେ, ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର, ସ୍କୁଲ, କଲେଜ ଓ ଅନ୍ୟ ଅନୁଷ୍ଠାନମାନଙ୍କୁ ଯାଇ ସମସ୍ତ ସଦସ୍ୟଙ୍କୁ ବୟସ ଅନୁସାରେ ଓ ଫାଇଲେରିଆ ବଟିକା ଖୁଆଇବେ । କନ୍ଧମାଳ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଶ୍ରୀ ଅମ୍ରିତ୍ ଋତୁରାଜ୍ କହିଲେ, ଫାଇଲେରିଆ ରୋଗ ବହୁତ ପୁରୁଣା। ଆମେ ଆଜି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛେ । କ୍ରମାନ୍ୱୟଭାବେ ୪ ବର୍ଷ ଔଷଧ ସେବନ କରାଯାଇଛି। ଆଶା କରାଯାଉଛି ଯେ, ଏଥର ମଧ୍ୟ ସମସ୍ତେ ସହଯୋଗ କରିବେ । ତେବେ, ଆଶା, ଅଙ୍ଗନୱାଡ଼ି ଓ ଏ.ଏନ୍.ଏମ୍. ମାନେ ପଦାତିକ ସୈନିକ ଭଳି ଏ ଦିଗରେ କାର୍ଯ୍ୟ କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଥିଲେ । ସେମାନଙ୍କର କାର୍ଯ୍ୟ ମଧ୍ୟ ପ୍ରଶଂସନୀୟ ବୋଲି ଶ୍ରୀ ଋତୁରାଜ ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ସନ୍ତୋଷ କୁମାର ପାଢ଼ୀ ତାଙ୍କ ପ୍ରାରମ୍ଭିକ ସଂଭାଷଣରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ର ବିବରଣୀ ପ୍ରଦାନ କରିଥିଲେ। ମଶା କାମୁଡ଼ିବା ଦ୍ୱାରା ଫାଇଲେରିଆ କୀଟାଣୁ ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ଅନ୍ୟ ଜଣେ ଅଣସଂକ୍ରମିତ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରିଥାଏ। ସାଧାରଣତଃ ପ୍ରାରମ୍ଭିକ ଅବସ୍ଥାରେ କୌଣସି ଲକ୍ଷଣ ଦେଖାଯାଏ ନାହିଁ ୧୦ ରୁ ୧୫ ବର୍ଷ ପରେ ରୋଗର ଲକ୍ଷଣମାନ ଦେଖାଯାଏ। ତେବେ ଗୋଷ୍ଠୀରେ ସମସ୍ତଙ୍କ ଠାରୁ ଫାଷ୍ଟ କୀଟାଣୁ ନଷ୍ଟ କରିବା ନିମନ୍ତେ ସାମୁହିକ ଔଷଧ ସେବନ ନିହାତି ଜରୁରୀ ବୋଲି ଡ଼ଃ ପାଢ଼ୀ କହିଥିଲେ । ଅତିରିକ୍ତ ନିର୍ଦ୍ଦେଶକ, ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ଓଡ଼ିଶା ଡ଼ଃ ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ନେହୁର ଯୁବକେନ୍ଦ୍ର ତରଫରୁ ଜ୍ଲିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ







ଫୁଲବାଣୀ , ୧୦/୨: ଭାରତ ସରକାର ଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାର ଶାଖା ମାଇ ଭାରତ ( ନେହରୁ ଯୁବ କେନ୍ଦ୍ର ) ଫୁଲବାଣୀ ତରଫରୁ ଜ୍ଲିଲ୍ଲା ସ୍ତରୀୟ ଖେଳ ପ୍ରତିଯୋଗିତା କନ୍ଧମାଳ ଷ୍ଟାଡିଅମ ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇ ଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ସ୍କୁଲ ଅଫ ଏ ଏସ ଆଇ ନବ କିଶୋର ରଥ ଯୋଗ ଦେଇ ଥିବା ବେଳେ ସନମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଲାବର ଟୋରି ଆସିଷ୍ଟାଣ୍ଟ ରାଜ କିଶୋର ପାଢ଼ୀ, ଅବସର ପ୍ରାପ୍ତ ରେଭେନ୍ୟୁ ବିଭାଗୀୟ ଅଧିକାରୀ ସଚ୍ଚିଦାନନ୍ଦ ପଟ୍ଟନାୟକ, ଅକ୍ଷରଚେରୀ ପ୍ରଶିକ୍ଷକ ଆଶାରାମ ହାଁସଦା, ରାଜ କିଶୋର ପ୍ରଧାନ, ଖେଳ ଶିକ୍ଷକ ପ୍ରଶାନ୍ତ ଦାଶ ଏବଂ ମାଇ ଭାରତ (ନେହରୁ ଯୁବ କେନ୍ଦ୍ର ) ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେ ଇ ଥିଲେ । ଏହି ଖେଳ ପ୍ରତିଯୋଗିତା ରେ ଫୁଟବଲ, କବାଡି, ବେଡ଼ମୀଣ୍ଟିନ, ସ୍ଲୋ ସାଇକେଲ ରେସ, ଏଥଲେଟିକ, ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ, ଟିକାବାଲି, କେ ନୂଆଗାଁ,ଖଜୁରୀପଡା,ଫୁଲବାଣୀ ବ୍ଲକ ର ଚମ୍ପିୟାନ ଟିମ ପ୍ରତିଯୋଗିତା ରେ ଭାଗ ନେଇ ଥିଲେ । ଫାଇନାଲ ଦିବସରେ ଫୁଟବଲ ପ୍ରତିଯୋଗିତା ଖଜୁରୀପଡା ବ୍ଲକ ର ଟିଟିରାପଙ୍ଗା ଫୁଟବଲ ଟିମ ଓ ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀ ଫୁଟବଲ ଟିମ ଟିମ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ୬- ୪ ସେଟ ରେ ଖଜୁରୀପଡା ବ୍ଲକ ର ଟିଟିରାପଙ୍ଗା ଫୁଟବଲ ଟିମ ସ୍ପୋର୍ଟ ହଷ୍ଟେଲ ଫୁଲବାଣୀ ଫୁଟବଲ ଟିମ କୁ ପରାସ୍ତ କରି ଚମ୍ପିୟାନ ହୋଇ ଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ୍ୟକ୍ରମ ର ମୁଖ୍ୟ ଲକ୍ଷ ଓ ଉଦେଶ୍ୟ ବିଷୟରେ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରି ଥିଲେ ।ଏହି ପ୍ରତିଯୋଗିତା ବିଜୟୀ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ରେ ଭାଗ ନେବେ ବୋଲି ମାଇ ଭାରତ (ନେହରୁ ଯୁବ କେନ୍ଦ୍ର) ଫୁଲବାଣୀ ର ସହକର୍ମୀ ଅବଗତ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଟ୍ରଫି ଓ ପ୍ରଣାମ ପତ୍ର ପ୍ରଦାନ କରାଯାଇ ଥିଲା । ଫୁଟବଲ ପ୍ରତି ଯୋଗିତା ରେ ଚମ୍ପିୟାନ ଖଜୁରୀପଡା ପଡ଼ା ବ୍ଲକ ର ଟିଟିରା ପଙ୍ଗା ଫୁଟବଲ ଟିମ କୁ ଟ୍ରଫି ସହ ପ୍ରମାଣ ପତ୍ର ଓ ଉପବିଜେତା ଫୁଲବାଣୀ ସ୍ପୋର୍ଟ ହଷ୍ଟେଲ ଫୁଟବଲ ଟିମ କୁ ଟ୍ରଫି ସହ ପ୍ରଣାମ ପତ୍ର ପ୍ରଦାନ କରାଯାଇଥିଲା କ୍ଷକ୍ଷବୈଠକ ରେ ମାଇ ଭାରତ (ନେହରୁ ଯୁବ କେନ୍ଦ୍ର )ଫୁଲବାଣୀ ସହ କର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି ସନମାନିତ ଅତିଥି ଓ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ଅନୁପ ବିକ୍ରମ ପାତ୍ର ଧନ୍ୟବାଦ ଦେ ଇ ସଭା ସାଙ୍ଗ କରି ଥିଲେ।

# ପାରାଦୀପ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସଫଳତାର ସହ ଉଦଯାପିତ



ପାରାଦୀପ, ୧୦/୨(ନି.ପ୍ର) ଦୀର୍ଘ ତିନିଦିନ ଧରି ଚାଲିଥିବା ପାରାଦୀପ ମହାବିଦ୍ୟାଳୟ ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଦିନ ମହାବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଯାଇଛି କ୍ଷ ଉଦଯାପନୀ ଦିବସରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ର ସଫଳତା ପାଇଁ ଆଲୁମୁନି ଆସୋସିଏସନ ଏବଂ ମହାବିଦ୍ୟାଳୟ ର ଅଧକ୍ଷା ଓ ସମସ୍ତ କର୍ମଚାରୀ ଙ୍କୁ ଅଭିନନ୍ଦନ ଜଣାଇଥିଲେ। ମହାବିଦ୍ୟାଳୟ ପରଚଳନା କମିଟି ର ସଭାପତି ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ସଭାରେ ଆଲୁମୁନି ଆସୋସିଏସନ ର ସଭାପତି ତଥା ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାବିଦ୍ୟାଳୟ ର ଅଧକ୍ଷା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପିପିଏଲ ସାରକାରଖାନା ର ମୁଖ୍ୟ ପଲାନିସାମୀ ଭେଲୁସାମୀ, ଜେଏସଡବ୍ଲୁ ଉତ୍କଳ କମ୍ପାନୀ ର ଜିଏମ ଚନ୍ଦ୍ରଭାନୁ ଚୌଧୁରୀ,ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ରଞ୍ଜିତ ପ୍ରଧାନ,ପାରାଦୀପ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧକ୍ଷ ସୁଧାକର ଦାସ, ଶଙ୍କର ମହାପାତ୍ର, ଡ଼ଃ.ସୁରେନ୍ଦ୍ର ମୋହନ ମିଶ୍ର ଏବଂ ଶରତ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ ୧୯୭୫ ମସିହାରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଙ୍କ ସହାୟତାରେ ପ୍ରତିଷ୍ଠିତ ପାରାଦୀପ ମହାବିଦ୍ୟାଳୟ ତାର କଳେବର ବୃଦ୍ଧି କରି ଆଜି ୫୦ ବର୍ଷ ଅତିକ୍ରମ କରି ସଫଳତାର ସହ ସୁବର୍ଣ୍ଣ ଜୟନ୍ତୀ ପାଳନ ଏକ ସ୍ମରଣୀୟ ହୋଇ ରହିବ ବୋଲି ଉଲ୍ଲେଖ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ମଧ୍ୟରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ବନ୍ଦର ଅନୁଦାନ ରେ ନିର୍ମିତ ନୂତନ ଖେଳ ପଡିଆ କୁ ଉଦଘାଟନ କରିଥିଲେ। ମହାବିଦ୍ୟାଳୟ ର ଅଭିବୃଦ୍ଧି ରେ ପାରାଦୀପ ବନ୍ଦର ସମେତ ପିପିଏଲ ଓ ଜେଏସଡବ୍ଲୁ ସର୍ବଦା ସହଯୋଗ କରିବ ବୋଲି ବନ୍ଦର ଅଧକ୍ଷ ଶ୍ରୀ ହରନାଦ, ପିପିଏଲ ମୁଖ୍ୟ ଶ୍ରୀ ଭେଲୁସାମୀ ଏବଂ ଜେଏସଡବ୍ଲୁ ଜିଏମ ଶ୍ରୀ ଚୌଧୁରୀ ପ୍ରତିଶୃତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମହାବିଦ୍ୟାଳୟ ଓ ଆଲୁମୁନି ଆସୋସିଏସନ ପକ୍ଷରୁ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧକ୍ଷ ଗଣ, ଅଧାପକ ଓ ଅଧାପିକା, କର୍ମଚାରୀ ମାନଙ୍କୁ ଉପଢୌକନ ଓ ସୁବର୍ଣ୍ଣ ଜୟନ୍ତୀ ଫଳକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ର ଶେଷ ପର୍ଯ୍ୟାୟ ରେ ଆଲୁମୁନି ଆସୋସିଏସନ ର ସଭାପତି ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲା କ୍ଷ ପୁରାତନ ଛାତ୍ରଛାତ୍ରୀ ମାନେ ଅବସରପ୍ରାପ୍ତ ଗୁରୁ ମାନଙ୍କ ପାଦ ତଳେ ପୁଷ୍ପ ବର୍ଷା କରି ସେମାନଙ୍କ ଆଳତି କରିବା ଦୃଶ୍ୟ ସାଧାରଣରେ ହୃଦୟ ସ୍ପର୍ଶ ଓ ଗୁରୁ ଶିଷ୍ୟ ପରମ୍ପରା ର ସ୍ମରଣ କରାଇଥିଲା। ଶେଷରେ ମହାବିଦ୍ୟାଳୟ ର ପ୍ରଧାପକ ତଥା ପାରାଦୀପ ମହାବିଦ୍ୟାଳୟ ର ପୂର୍ବତନ ଛାତ୍ର ଅକ୍ଷୟ ଚନ୍ଦ୍ର ମିଶ୍ର ସମସ୍ତ ଅତିଥି ଏବଂ ତିନିଦିନ ଧରି ଏହି ମହୋତ୍ସବରେ ଯୋଗଦାନ କରିଥିବା ପାରାଦୀପ ମହାବିଦ୍ୟାଳୟ ର ସମସ୍ତ ପୂର୍ବତନ ଅଧକ୍ଷ, ଅଧାପକ ଓ ଅଧାପିକା, କର୍ମଚାରୀ, ଆଲୁମୁନି ଆସୋସିଏସନ ର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟ ସଭ୍ୟା ପ୍ରମୁଖ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟବାସୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ: ବିଜେଡି

- ଆଦିବାସୀ ମହିଳାଙ୍କ ଚେହେରାର ରଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ
- ବିଜେଡି ପୁରୁଖା ନେତାଙ୍କ ମନ୍ତବ୍ୟ ହାସ୍ୟାସ୍ପଦ : ବିଜେପି




ବାରିପଦା : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଜଣେ ସଫା ରଙ୍ଗର ମହିଳାଙ୍କୁ ବିବାହ କରିବା ପାଇଁ ଖୋଜୁଥିଲେ ଏବଂ ସେଥ ?ପାଇଁ ସେ ମୟୂରଭଞ୍ଜ ଜିଲ୍ଲାରେ ବିବାହ କରିଛନ୍ତି ବୋଲି କହିବା ତାଙ୍କର ବର୍ଣ୍ଣ ବିଦ୍ୱେଷ ମନୋଭାବର ପରିଚୟ ଦେଇଛି । ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇ ଆଦିବାସୀ ଝିଅମାନେ ସଫା ନୁହନ୍ତି ବୋଲି ମନ୍ତବ୍ୟ ଦେବା ଆମ ମନରେ ଗଭୀର ଆଘାତ ସୃଷ୍ଟି କରିଛି ବୋଲି କହିଛନ୍ତି ପୂର୍ବତନ ବିଜେଡି ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ୍ ଓ ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା । ବାରିପଦା ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ହେମ୍ବ୍ରମ୍ କହିଥିଲେ ଯେ, ନବରଙ୍ଗପୁର, ରାଉରକେଲା, କୁଚିଣ୍ଡା, ରେମୁଣା ସମେତ ସାରା ରାଜ୍ୟରେ ଯେତେବେଳେ ଆଦିବାସୀ ମହିଳାଙ୍କ ଉପରେ ଦୁଷ୍କର୍ମ ଓ ଅତ୍ୟାଚାର ବଢିଚାଲିଛି ଏବଂ ରାଜ୍ୟର ଆଦିବାସୀ ସମାଜ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି, ସେହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିଜୁ ଜନତା ଦଳ ଘୋର ନିନ୍ଦା କରୁଛି। ବିଜେପି ସରକାରକୁ ଆସିବା ପରେ ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ପରିବର୍ତ୍ତେ ଅବହେଳାର ଶିକାର ହୋଇଛନ୍ତି । ପୋଲାଭରମ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ମାଲକାନଗିରିର ୧୨୨ଟି ଆଦିବାସୀ ବହୁଳ ଗାଁ ନିଶ୍ଚିହ୍ନ ହୋଇଯିବ । କିନ୍ତୁ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇ ଶ୍ରୀ ମୋହନ ଚରଣ ମାଝୀ ଏ ବାବଦରେ ନିରବ ରହିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ହାଁସଦା କହିଥିଲେ ଯେ, ଶ୍ରୀଯୁକ୍ତ ନବୀନଙ୍କପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ଥ ?ବାବେଳେ ଆଦିବାସୀ ମାନଙ୍କ ଶିକ୍ଷାର ବିକାଶ ପାଇଁ ସ୍କୁଲ ରୂପାନ୍ତରଣ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପ୍ରତିଷ୍ଠା କରି ଆଦିବାସୀ ଅଧୁଷିତ ଅଞ୍ଚଳରେ ଅନେକ ବିକାଶ କରିଥିଲେ । ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେହି ବିକାଶର ଧାରାକୁ ଆଗକୁ ନେବା ବଦଳରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଜରିଆରେ ହେଉଥିବା ବିକାଶମୂଳକ କାର୍ଯ୍ୟକୁ ବନ୍ଦ କରିଦେଇଛନ୍ତି । ଆଦିବାସୀ ସମାଜର ସୁରକ୍ଷା ତଥା କଲ୍ୟାଣ ପାଇଁ କାମ ନ କରି ଆମ ମହିଳାଙ୍କ ଚେହେରାର ରଙ୍ଗ ସଫା ନୁହେଁ ବୋଲି ତାତ୍ସଲ୍ୟପୂର୍ବ ମନ୍ତବ୍ୟ ଦୁର୍ଭାଗ୍ୟଜନକ ଓ ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ।

## ଭାଲୁ ଘଉଡାଇବା ନେଇ ଫରେଷ୍ଟର ଓ ସାମ୍ବାଦିକ ହାତାହାତି, ଥାନାରେ ମାମଲା



ଭବାନୀପାଟଣା, ତା:୧୦/୦୨ : (ଜଗନ୍ନାଥ ଏକ୍ସପ୍ରେସ୍)ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ ରେଞ୍ଜ ଆମପାଣି ଫରେଷ୍ଟର ସେକ୍ସନ ର ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଓ ଜଣେ ଗଣମାଧ୍ୟମ ପ୍ରତିନିଧି ଙ୍କ ମଧ୍ୟରେ ଭାଲୁ ଘଉଡାଇବା ପାଇଁ ଯୁକ୍ତିଯୁକ୍ତ ସହ ହାତାହାତି ହୋଇଥିବା ବେଳେ ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଆମପାଣି ଥାନାରେ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ପରେ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ମଧ୍ୟ ଫରେଷ୍ଟର ଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନା ମତେ ସୋମବାର କୋକସରା ବ୍ଲକ କାଉଡୋଳା ଗ୍ରାମ ର ଜନବସତି କୁ ପାଖ ଜଙ୍ଗଲ ରୁ ଏକ ଭାଲୁ ଆସିଥିବା ବେଳେ ସ୍ଥାନୀୟ ଗ୍ରାମବାସୀମାନେ ଏନେଇ ଆତଙ୍କିତ ହୋଇ ପଡ଼ିଥିଲେ। ଭାଲୁ ଟି ଦିର୍ଘ ସମୟ ଧରି ହରିଜନ ପଡା ନିକଟରେ ଥିବା ବେଳେ ଏନେଇ ସାମ୍ବାଦିକ ବେଶ୍ରା ସ୍ଥାନୀୟ ଆମପାଣି ଫରେଷ୍ଟର ବେହେରା ଙ୍କୁ ମୋବାଇଲରେ ଯୋଗାଯୋଗ କରି ଶୀଘ୍ର ଟିମ ନେଇ ଭାଲୁ କୁ ଘଉଡାଇବା କୁ କହିଥିଲେ। ତେବେ ବିଳମ୍ବ ହେବାରୁ ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧିକାରୀ ଙ୍କୁ ମଧ୍ୟ ବିଭାଗୀୟ ଅଧିକାରୀ ଙ୍କ ଅବହେଳା କୁ ନେଇ ଅଭିଯୋଗ କରିଥିଲେ। ତେବେ ଘଟଣା ର ଦିର୍ଘ ୩/୪ ଘଣ୍ଟା ପରେ ଫରେଷ୍ଟର ସଦଳବଳ ଆସିଥିବା ବେଳେ ଏତେ ବିଳମ୍ବରେ କାହିଁକି ଆସିଲେ ବୋଲି ସାମ୍ବାଦିକ ପ୍ରଶ୍ନ କରିବା ସହ ଫରେଷ୍ଟର ଙ୍କ ପ୍ରତିକ୍ରିୟା ମୋବାଇଲରେ ରେକର୍ଡ କରୁଥିବା ଦେଖି ଫରେଷ୍ଟର ଉତ୍ତେଜିତ ହୋଇ ସାମ୍ବାଦିକ ଙ୍କ ମୋବାଇଲ ଛଡାଇ ନେବାକୁ ଚେଷ୍ଟା କରିଥିଲେ। ଏହି ଘଟଣା କୁ ନେଇ ଉଭୟ ଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଫରେଷ୍ଟର ଆମପାଣି ଥାନାରେ ସାମ୍ବାଦିକ ଙ୍କ ନାଁରେ ଅଭିଯୋଗ ସହ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପରେ ସାମ୍ବାଦିକ ମଧ୍ୟ ଫରେଷ୍ଟର ଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି ।ଏହି ଘଟଣା କୁ ନେଇ କଳାହାଣ୍ଡି ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ କୋକସରା ବ୍ଲକ ସଙ୍ଘ ପକ୍ଷରୁ ବନ ବିଭାଗ ଅଧିକାରୀ ଙ୍କ ଜଣେ ଖବର ସଂଗ୍ରହ କରୁଥିବା ଗଣମାଧ୍ୟମ ପ୍ରତିନିଧି ଙ୍କୁ ଆକ୍ରମଣ ଘଟଣା କୁ ଦୃଢ଼ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ